

କଟକ

# ନିଭିଲା ଦୀପ କି ଜଳେ

୦/୩୫୬
୬.୧୧.୬୬



ଶ୍ରୀ ଗୋଲକ ଚନ୍ଦ୍ର ନାଥ

ପରିବେଶକ :—

ପ୍ରଗତି ପୁସ୍ତକାଳୟ
ଷ୍ଟେସନ ରୋଡ଼
କଟକ-୩

# ରୂପାୟନେ

ଲେଖିଛନ୍ତି :—ଶ୍ରୀ ଗୋଲକ ଚନ୍ଦ୍ର ନାଥ

ଗୋବନ୍ଦପୁର ପୋ: ଅ: ସିଦ୍ଧଗିଶ୍ୱ ଗୋବନ୍ଦପୁର
ଜି: କଟକ-

ପ୍ରକାଶ କରିଛନ୍ତି :—ପ୍ରଭାତୀ ପୁସ୍ତକାଳୟ
ଷ୍ଟେସନ ରୋଡ଼, କଟକ-୩

ପରିକଳ୍ପନା କରିଛନ୍ତି :—ଶ୍ରୀ ମନ୍ମଥ ଚନ୍ଦ୍ର ବାରିକ
ପାଠେଗ ସାହି କଟକ-୩

ଛାପିଛନ୍ତି :—ଶ୍ରୀ ପ୍ରତାପ କୁମାର ଦାସ
ବ୍ରଜେନ୍ଦ୍ର ପ୍ରେସ, ଗଙ୍ଗାମନ୍ଦିର କଟକ-୧

ପ୍ରଚ୍ଛଦ ପଟ୍ଟ ଆଙ୍କିଛନ୍ତି : – ଶ୍ରୀ ସୁନାମଣି ସାମଲ
ରାଜାବଗିଚା କଟକ-୧

ବ୍ଲକ୍ ପ୍ରସ୍ତୁତ କରିଛନ୍ତି :—ଶ୍ରୀ ମନୋରଞ୍ଜନ ଭୌମିକ
କଲିକତା-୧୨

ପ୍ରଥମ ମୁଦ୍ରଣ :—ଏକହଜାର

ପ୍ରଥମ ଶୁଭମୁକ୍ତି :—ବିଶ୍ୱକର୍ମାପୂଜା ୧୯୭୫

ମୂଲ୍ୟ ମାତ୍ର—ଟ୧-୫୦ ପଇସା

# ଉତ୍ସର୍ଗ

ନଂ 0/356
ତା 6-11-66

ସଂଗାତ !

ଆଜ ଭିନ୍ନ—ପଥର ପଥିକ ତମେ—ଆଉ ମୁଁ ମଧ୍ୟ ଭିନ୍ନ ପଥର ପଥିକ । କିନ୍ତୁ ପସ୍ୱଲ ଯୌବନର ପିଚ୍ଛିଲ ମାଟି ଉପରେ ଆମର, ସେଇ, ଯେଉଁ, ଅନାୟୁ ଉସ୍ଖଲନ—ତାର କୈଫିୟତ ଦେଇଛି ମୋର ଏଇ, "**ଲିଭିଲା ଦୀପ କି ଜଳେ ?**" ପୁସ୍ତକଟିଏ । ଇତି ।

**ସଂଗାତ**

ପଢ଼ନ୍ତୁ—ଆଜ ହଜାର ହଜାର ପାଠକ ଓ ପାଠିକାମାନଙ୍କ ଦ୍ୱାରା ପ୍ରଶଂସିତ ହାସ୍ୟରସ ଭରା କେତୋଟି ଗଳ୍ପ...

କଥାଶିଳ୍ପୀ—ଅଧିକାରୀ—ଶ୍ରୀଗୌରାଙ୍ଗ ଚରଣ ଦାଶଙ୍କର

# କାଜଲଗଡ଼ର ରାଜକନ୍ୟା

୧ମ ଠାରୁ ୫ମ

ଏକ ସେଟ୍‌ର ମୂଲ୍ୟ ମାତ୍ର—୨୪-୦୦

ପ୍ରାପ୍ତିସ୍ଥାନ :— ପ୍ରଭାତୀ ପୁସ୍ତକାଳୟ
ଷ୍ଟେସନ୍ ରୋଡ଼ କଟକ-୩

ପଢ଼ନ୍ତୁ—ଲେଖକ :—ଶ୍ରୀ ଗୋଲକ ଚନ୍ଦ୍ର ନାଥଙ୍କର
ଆଉ ଗୋଟିଏ ଗାଉଁଲିଭାଷାର ଲେଖା
ନିକଟରେ ପ୍ରକାଶ ପାଉଛି—

"ଛି"

ପ୍ରକାଶକ :—
ପ୍ର ଭା ତୀ ପୁ ସ୍ତ କା ଳ ୟ
ଷ୍ଟେସନ ରୋଡ଼, କଟକ-୩

ରାତି ଗୁଞ୍ଜୁ ଗୁଞ୍ଜୁ ହେଉଥାଏ । ଭଲଭାବରେ ରାତି ପାହି ନ ଥାଏ । କେତେଟା ତାରା ପଶ୍ଚିମ ଆକାଶରେ ମିଞ୍ଜି ମିଞ୍ଜି ହୋଇ ତମସାକୁ ବିଦାୟ ଦେବାପାଇଁ ଅପେକ୍ଷା କରିଥାଆନ୍ତି ।

ବାମ ପଧାନେ ଉଠିଲେ ବିଛଣାରୁ । ଏଟା ହେଲା ପଧାନଙ୍କର ନିତ୍ୟ ନୈମିତ୍ତିକ ଅଭ୍ୟାସ । ରାତି ପହଡ଼େ ଥାଇ ନିଦ ଭାଙ୍ଗିବା । ନିଦ ଭାଙ୍ଗିଲେ ହଠାତ୍ ମନେ ପଡ଼େ ତାଙ୍କ ଶୁକର ବାକରଙ୍କ କଥା । ଭାବନ୍ତି—ଆଜିକାଲି ଆଉ ଚଳି ହେବନି ଏ ଦୁନିଆରେ, କି ଯୁଗ କି ରାଜୁତି ହେଲା, ଶୁକର ବାକର ଗୁଡ଼ାଙ୍କର ମୁହଁ ଏକଦମ୍ ଉପରକୁ । ଏହିକଥା ଭାବି ହଠାତ୍ ପଧାନଙ୍କର ରାଗର ମାତ୍ରାଟା ବଢ଼ି ଉଠେ । ନିଆଁବାଣ ହୋଇ ବଡ଼ ପାଟିଟା କରି ଡାକନ୍ତି, ଏ——ଫଗୁଆ——ଏ ଜଗୁ । ରାତିପାଇ ଦିନ ଘଡ଼ିଏ ହେଲାଣି, ବିଛଣାରେ ପଡ଼ି ରହିଛ । ଆଉ ହଳକୁ ହଳ ଯିବ କେତେବେଳେ । ଏ ଗାଈଗୁଡ଼ା ଗୁହାଳେ ରହି ହମ୍ବାରଡ଼ି ଛାଡ଼ିଲେଣି ବାହାରକୁ ଆସିବେ ବୋଲି । କେତେବେଳେ କେତେ ଆଉ କେତେ କଥା କହିଯାନ୍ତି । ପଧାନେ ଟିକେ ବଡ଼ ପାଟିଆ । ସେ ଗୋଟିଏ କଥା କହିବା ମାନେ ସାଇରୁ ଅଧେ ଅତଡ଼ା ଖସାଏ । ଏ ଡାକରେ ଘରଲୋକଠାରୁ ଶୁକର ବାକର ସହ ହୁଲୁଚୁଲୁ ପଡ଼ିଯାଏ, ଯିଏ ଯେତେ ନିଦରେ ଶୁଅନ୍ତୁ ନା କାହିଁକି ନିଦ ଭାଙ୍ଗିଯାଏ । ମୁନିବଙ୍କ ଡାକରେ । ସେମାନେ

ଭାବନ୍ତ, ସତରେ ରାତିରେ କଣ ଏ ବୁଢ଼ାକୁ ଆଉ ନିଦ ହୁଏ ନାହିଁ । ସତେ ଯେପରି ସପନ ଦେଖୁଥାଏ ।

ଧାନ ଘଡ଼ିକ ପରେ ପଧାନେ ନିଜର ନିତ୍ୟକର୍ମଟାକୁ ସାରି ଗଣ୍ଡେ କଣ ପାଟିକୁ ପକେଇ ପିଣ୍ଡାରେ ବସିପଡ଼ନ୍ତି ପାନ ବଟୁଆଟା ଧରି—ସେତିକିବେଳେ ଜମିଯାଏ ପଧାନଙ୍କ ପାଖରେ ଭିଡ଼ । ଗାଁର କେତେକ ଖୋସାମତିଆ ଘରଭଙ୍ଗା ଲୋକ ଦୂରରୁ ପଧାନେ ଜୁହାର କହି ଆସି ବସିଯାନ୍ତି ପଧାନଙ୍କ ପାଖରେ । କିଏ ଟିକିଏ ଚୁନୁପତ୍ର, କିଏ ଟିକିଏ ଗୁଣ୍ଡି କିଏ ଟିକିଏ ପାନ ନିଅନ୍ତି ପଧାନଙ୍କ ଠାରୁ । ସେଇଠୁ ଆରମ୍ଭ ହୁଏ ଗାଁର ହାଲଚାଲ ଠାରୁ ଜମିବାଡ଼ି ସନ୍ଧାଶପୁ ପର୍ଯ୍ୟନ୍ତ । କିଏ କହେ, ଆଜ୍ଞା ଆପଣଙ୍କର ଯେ ଆଠଗୁଣ୍ଠିଆ ମଣି ଖାଲ ଅଛି ତାର ପାଖକୁ ଲାଗି ଯେଉଁ ଅରଚୁନା ପାଞ୍ଚପାହିଆ କିଆରୀଟା ଅଛିନା ଏଇଟା ତାକୁ ଶୋଭା ପାଉନି । କିଏ କହେ ଦେଖନ୍ତୁ ଆଜ୍ଞା ! ଶୁଣିଥିଲି ଗିରିଆ ଆମ୍ବଗଛଟାକୁ କାଟୁଛନ୍ତି କୁଆଡେ, ଏହିପରି କଥାରେ ପଧାନେ ଟିକିଏ ଖପ୍ପା ହୋଇ ଖିଅ ବଦଳାଇ ଗୋଟିଏ ଗୋଟିଏ ପ୍ରଶ୍ନର ଉତ୍ତର ଦିଅନ୍ତି ହଉ ହଉ ଦେଖିବା । ଆରେ ସବୁ ଏ ବାଁ ହାତର ଖେଳ । ଏ ପଧାନର ମ, ତାଙ୍କଠାରୁ କେଉଁ କଥା କିଏ ବଳେଇ ଗଲଣି ନା ବଳେଇ ଯିବ । ତୁମ୍ଭେ କାହିଁକ ଚୁନିଆ ହେଉଛ ଦେଖ କଣ ହେଉଛି ।

କିଛି ବେଳ ପରେ ଘର ଭିତରୁ ଡାକରା ଆସେ । ଏତେବେଳେ ଯାଏ କଣ କରୁଛ ମ, ଧାନ ଆସି ଗୁଡ଼ିଧଡ଼ି ହେଲାଣି, ମିଶ୍ରେ ଉଠନ୍ତି ।

ଦୁଆର ମୁହଁରୁ ଭିଡ଼ ଭାଙ୍ଗିଯାଏ । ଏହିପରି ପ୍ରତିଦିନ ହାଲ ଚହଲରେ ପଧାନେ ଦିନ ଗୁଡ଼ିକ କଟାଇ ଦିଅନ୍ତି ।

ଲୋକ କହନ୍ତି ଦିନ କେଇଟା ଭିତରେ ଏହି ଗୋବିନ୍ଦପୁର ରେ ପଧାନେଙ୍କର ପ୍ରତିପତ୍ତି ବଢ଼ିଗଲାଣି । ପାଞ୍ଚ ଦଶ ଖଣ୍ଡ ରେ ନାଁ ବୋଲି ଗାଁ ପଡ଼ୁଛି । କେତେକ ଭାବନ୍ତି ଯାହା ମଁରେ ଯାହା ବହି ଲେଖିଛି । ଆଉ କେତେକ କହନ୍ତି ଯେଉଁବାଟେ ଧରି ଏହି ପଇସା ଆସିଛି ସେଇ ବାଟେ ଦେଇ ଯିବ । ମିତି କେତେକଣ ।

ପଧାନେ କେତେ ଘର ଭାଙ୍ଗି; ଆ ମୁଚୁଳା ତା ମୁଣ୍ଡିତଳେ ା ମୁଚୁଳା ଆ ମୁଣ୍ଡିତଳେ ଦେଇ ପାଞ୍ଚଟା ଘରେ ନିଆଁ ଲଗେଇ ଗାଟିଏ ଘର ଯୋଡ଼ନ୍ତି । ଏ ହେଲା ପଧାନଙ୍କର ନିତି ଦିନିଆ କାମ ।

ଲୋକମାନଙ୍କଠାରୁ ଏସବୁ ପଧାନେ ଶୁଣି ବଡ଼ ଖଡ଼ ଠନ୍ତି ନାଲ ନାଲ ଆଖି କାଢ଼ି ଶୁଣିଲା ଲୋକଙ୍କୁ ଜବତ କରନ୍ତି । ବନ୍ତି, ଏମାନେ ହେଲେ ମୁର୍ଖ ଲୋକ । ଏମାନେ କଣ ଜାଣନ୍ତି । ଶଜଣଙ୍କୁ ତଳକୁ ନ ଦାବିଲେ ଜଣେ ଉପରକୁ ଉଠି ପାରେନା । ଜଣେ ବଡ଼ଲୋକ ହେବାକୁ ହେଲେ ପାଞ୍ଚ ଜଣକୁ ଗରିବ କରିବାକୁ ଏ । ଜଣକୁ ହସିବାକୁ ହେଲେ ପାଞ୍ଚ ଜଣଙ୍କ ଆଖି ଲୁହ ଦେଖିବାକୁ ପଡ଼ିବ ।

ଯେଉଁମାନେ ସେ କଥା ନ ବୁଝି କରି ନ ପାରନ୍ତି ସେମାନେ ମୂର୍ଖ, ସେମାନେ ନିର୍ବୋଧ । ସେମାନଙ୍କୁ ଚକଗୁଡ଼ କହୁଣିକୁ ଲୁହାଇ ଦିନରାତି କାନ୍ଦି ମରିବାକୁ ହୁଏ ।

ହେଇ ଯଦି ସେ ଏତକ କରି ନ ଥାନ୍ତେ ତେବେ ନିଜର ପାରିବାର ଭଳି ଘରକୁ ସୁନା କରି ରଖି ପାରି ନ ଥାଆନ୍ତେ । ତାପରେ ଏହା ଗୋଟେ ମୋର ହେଲା ଆଦର୍ଶର କଳା ।

ସେଇଥିପାଇଁ ମାଝି ସକାଳୁ ପଧାନଙ୍କ ଦାଣ୍ଡରେ ଲୋକ ମେଳା ମେଳା ହେଉଛନ୍ତି । କିଏ ଧାନ ଗଉଣିଏ ପାଇଁ ତ, କିଏ ଧାରନେବା ପାଇଁ । ପଧାନେ ଉଠିଲାକ୍ଷଣି ଲୋକ ଲମ୍ବ ଲମ୍ବ ଗୋଡ଼ତଳେ, ହଜାର ହଜାର ଅପତି । କିଏ କହେ ମୋର ଏତେବଡ଼ ଆମ୍ବଗଛଟାକୁ ଆଜ୍ଞା କହ୍ନେଇ ପାଠରା ଜବରଦସ୍ତି କାଟି ନେଇ ଯାଉଛି । ଆପଣ ଏ ଗାଁର ଠାକୁର, ଆପଣ ନ ବୁଝିବେ ତ ଆଉ କିଏ ଅଛି ବୁଝିବ । ଏଇ ଆଜ୍ଞା ଆପଣଙ୍କ ପାନଖିଆ ବାବଦରେ ଦଶ ଟଙ୍କା ଆଣିଛି । ପିଲାଙ୍କର ଗହଣା ପଣ ବନ୍ଧା ପକାଇ ।

ସେତେବେଳେ ପଧାନେ ଟିକିଏ ଗୁରୁଗମ୍ଭିର ରହି ଭାବନ୍ତି ଯେମିତି ସେ ଘୋଷ୍ ନ ନେଇ ପାନଖିଆଟା ସେ ମାନ ସମ୍ମାନ ପାଇଁ ନିଅନ୍ତି । କହନ୍ତି—ହଉ ଯା ତୁ ଗୁନିଆଁ ହଁନା ସବୁ ଠିକ୍ ହୋଇଯିବ ।

ସଞ୍ଜବେଳକୁ ପୁଣି ଆସେ ରାଧୁଆ । ପାନଖିଆ ପଚିଶ ଟଙ୍କା ଧରି ଆସି ପହଞ୍ଚି କହେ—ଆଜ୍ଞା ମୁଁ ଗରିବ ଲୋକ ଆପଣ ଦୟାମୟ, ମୁଁ ଢେରକର ପିଲାଛୁଆ ନେଇ ରହିବାକୁ ଆଜ୍ଞା ବଡ଼ ହଇରାଣ, ମୋର ଘରଆଗକୁ ଯେଉଁ ପାଣୁଆର ଉହ ଖଣ୍ଡେ ଅଛି କେମିତି ମୋର ହୁଅନ୍ତା ।

ପଧାନେ ତାକୁ ମଧ୍ୟ ପ୍ରବୋଧନା ଦିଅନ୍ତି, କହନ୍ତି ଆଚ୍ଛା ଦେଖିବା ତୁ ଗୁନିଆ ହନା, ସବୁ ଏହିପରି ନିଷ୍ପତ୍ତି ହୁଏ । ତେଲଆର ତେଲ ପଧାନଙ୍କର ହୁଏ ଘର ।

ପରଦିନ ସକାଳେ ଆସେ ପାଣୁଆ, ପଧାନ କଥାରେ ଉପାସୁ ନ ଯାଇ ଖାଇଲା ଅଧାରକୁ କୁକୁର ଆଗରେ ଥୋଇବାକୁ ପଡ଼େ ।

ରାଧୁ ଆସିଲେ କହନ୍ତି ରେ ରାଧୁ ! ମୁଁ ବହୁକଷ୍ଟରେ ପାଣୁଆକୁ ୧୫୦୮ ଟଙ୍କା ଦେଇଛି । ଶହେ ଟଙ୍କାରେ ରାଜି କରାଇଛି ତୁ ଜଲଦି ନେବୁ ତ କବଲା କର ନେ । ନଇଲେ ତୋ କଥା ତୁ ବୁଝ ।

ପଧାନଙ୍କ କଥାରେ ଜମି କବଲା ହୁଏ ପଧାନେ ସେଥିରୁ ପାଆନ୍ତି ଏକ ଶତ ଟଙ୍କା ।

ଜାଣିବା ଶୁଣିବା ଲୋକ ମହଲରୁ ଶୁଣାଯାଏ ପଧାନେ ଠାଉଟର, କିନ୍ତୁ ରାଧୁଆ, ପାଣୁଆ ଏମାନେ କହନ୍ତି ପଧାନେ ବଡ଼ ଦୟାବନ୍ତ ଲୋକ । ଏ ନ ଥିଲେ ଗାଁର ଏପରି ମାମଲା ନିଷ୍ପତ୍ତି କରନ୍ତା କିଏ ନାଁ ଗାଁଟାକୁ ଚଲାନ୍ତା କିଏ । ରାତି ଦିନ ପଦରେ ଖାଇବାକୁ ପାଆନ୍ତେ ନି ।

ମଝିରେ ଥାଇ ପଧାନେ ହସନ୍ତି ଏ ଦୁନିଆ ହେଲା ଗୁଲାଖି ଲୋକ ପାଇଁ ତିଆରି । ଯେ ଠାଉଟର କରିପାରିଲା ସେ ବଞ୍ଚିଲା । ଯେ ସରଳ ହେଲା ସେ ଦିନ ଦିପହରେ ପାଣି ଟୋପାଏ ନ ପାଇ ମରିବ ।

ପଧାନଙ୍କର ଏବେ ବ ମନେଅଛି ବର୍ଷ ପ୍ରାୟ ତିରିଶ ପଇଁ ତିରିଶ ହେବ । ତାଙ୍କର ବାପା ମୂଳିଆ ରହି ଜମି ଚୃଷକରି ଚଳୁଥିଲେ । ସମସ୍ତଙ୍କୁ ବାବୁ ବାବୁ କହି ସମସ୍ତଙ୍କର ଘରଠାରୁ ବାହାର ପର୍ଯ୍ୟନ୍ତ କାମକରି ପାଞ୍ଚ ପଇସା ପାଇ ନ ଖାଇ ନ ପିଇ, ପର ଘରେ ମୁଣ୍ଡ ବିକ ଛପର କୁଡ଼ିଆରେ ଚଳୁଥିଲେ । ନାଁ ବୋଲି ଗାଁ ପଡ଼ୁଥିଲା । ଲୋକ ଦେଖିଲେ ଶରଧା କରୁଥିଲେ । କହୁଥିଲେ କଣ୍ଟୁରି ପଧାନ ଏକା ଲୋକଟା ଯାହା ଘରେ ରହେ ତାକୁ ମଣିଷ କରେ । ଏକଥା ଠିକଏ ଚଢ଼ିମାଢ଼େ ଦାମ ପଧାନଙ୍କୁ । ଏସବୁ କଥା ଭାବି କେତେ ବୋକାଥିଲେ ମୋ ବାପା, ପରକୁ ମଣିଷ କରି କି ଫାଇଦା ଥିଲା ତାଙ୍କର, ଲୋକ କହନ୍ତି । ଆମ୍ଭରି ଘରେ ଆମ୍ଭର ଦାନାରେ ଚଳି ମଣିଷ ।

ଗୋବିନ୍ଦପୁର, ପଧାନଙ୍କ ପରିବାରର ନାଁ ଚମ୍ପାଫୁଲ ପରି ବାସିଉଠିଲା ପାଞ୍ଚଖଣ୍ଡ ଗାଁରେ । ତାପରେ ପଧାନେ ଗୋଟେ ଦୀର୍ଘନିଶ୍ୱାସ ଛାଡ଼ିଲେ । ତାଙ୍କ ଆଗରେ ଦେଖା ଦେଇଥିଲା ଆଉ ଗୋଟାଏ ଦୃଶ୍ୟ । ସେ ଏକ ଅସହ୍ୟ ।

ଏ ଦେଶ ସ୍ୱାଧୀନ ହେବା ପରେ ଲୋକଗୁଡ଼ା କପର ଜ[illegible]ର ମୁହାଁ ହୋଇଯାଉଛନ୍ତି । ଯେଉଁମାନେ ଇଙ୍ଗିତରେ ବସ

ଉଠ୍ ହେଉଥିଲେ ସେମାନେ ମୁହାଁମୁହିଁ ଜବାବ ଦବାକୁ ବସିଲେଣି । ତା' ମଧ୍ୟରେ ପୁଣି ଏହି କଂଗ୍ରେସିଆ ଖଦଡ଼ ପିନ୍ଧା ରାଜୁଆ ! ସେ କେବେଠାରୁ କୁଆଡ଼େ ରାଜୁବାବୁ ହେଲେଣି । ଗାଁର ଲୋକଗୁଡ଼ାକୁ ମତାଇ, ଗାଁ ମେଳ କରି ଜମିଦାରି, ଗାଁର ମୁଖିଆ ମାନଙ୍କଠାରୁ କ୍ଷମତାପଦ ଉଠାଇ ଦେବାକୁ ଗାଁରେ ମେଳ କରୁଛି ।

ସେଇଥିପାଇଁ ଏହି ଗୋବିନ୍ଦପୁର ଗାଁରେ ତାଙ୍କୁ କେହି ଆଉ ଆଖିରେ ଅନାଉ ନାହାନ୍ତି । ଆଗେ ଭୂମିଷ୍ଠ ପ୍ରଣାମଟାଏ ଥିଲା ଯେ ଏବେ କେହି ଯଦି ହାବୁଡ଼େ ପଡ଼େ ତେବେ ଉଜକଟାଏ କରି ବାଟ ଆଡ଼େଇ ଚାଲିଯାଉଛନ୍ତି ।

ପଧାନଙ୍କ ମୁଣ୍ଡ ଉପରକୁ ରାଗଟା ଚଢ଼ିଗଲା । ସେ ତଳ ଉପର ଦାନ୍ତ ଦୁଇଟାକୁ ରଡ଼ମଡ଼ କରି ଅନେଇଲେ ଚୁରିଆଡ଼କୁ, ଭାବିଲେ—ଲୋକଗୁଡ଼ା ପାଠ ପଢ଼ିବା ଦିନୁ ଏ ରାଜୁଆଟାର ଭାଉ ବଢ଼ିଗଲାଣି । ସେ ସ୍କୁଲ ସେକ୍ରେଟେରୀ ହୋଇଛି । ଗାଁର ମେନେଜର ହୋଇଛି । ତାକୁ ଅଧବାଟରୁ ଦେଖି ଲୋକ ନମସ୍କାର କରୁଛନ୍ତି । ଆଉ ପଧାନଙ୍କର ନମସ୍କାରଟାକୁ କୁଆଡ଼େ ଉଡ଼େଇ ଦେଇ ସାରିଲେଣି ।

ଏତିକିବେଳେ ତାଙ୍କର ଆଖି ପଡ଼ିଗଲା ତାଙ୍କର ବୃଦ୍ଧ ବୟସରେ ହୋଇଥିବା ଝିଅ ମିରା ଉପରେ । ସେ ରାଜୁଆ ପୁଅ ପୁଷ୍ପିଟା ସାଙ୍ଗରେ ଖେଳୁଛି । ରାଗରେ ନିଆଁ ବାଣ ହୋଇଗଲେ ପଧାନେ । ଭାବିଲେ—ଦେଖ ଯାହା ବାପର ଆମ ଉପରେ ଏତେ ଅହଙ୍କାର, ପୁଣି ଏ ଝିଅଟା ତା ସଙ୍ଗରେ ଖେଳୁଛି । ତା ସଙ୍ଗରେ କି ଖେଳ,

ସ୍କୁଲେଣ୍ଟଲେକର ପୁଅଟା ସାଙ୍ଗରେ ପଧାନଙ୍କ ଝିଅ ଖେଳିବ । ତା କେବେ ଏ ପଧାନେ ଦେଖିପାରିବେ ନାହିଁ । ଡାକଲେ ହେଇ ଲୋ ମିରା··· !

ପଧାନଙ୍କ ଡାକ ଶୁଣି ପୂର୍ଣ୍ଣ ମୂଷା ଭଳି ଖସି ପଳାଇଲା । ମିରା ଦେଖିଲା ତାର ପୂର୍ଣ୍ଣଭାଇ ବାପାଙ୍କ ଡାକରେ ଦଉଡ଼ି ପଳାଉଛି । ସେ ତାର ହାତ ତରକାରି କରୁଥିବା ଧୂଳି ସବୁତକ ଇଟାକୁ ପକାଇ ଦେଇ ଡାକଲା ପୂର୍ଣ୍ଣଭାଇ ମୁଁ ଯିବି- ରହ—

ମୀରା ଦଉଡ଼ିବାକୁ ଆରମ୍ଭ କଲା । ~~ମିଶ୍ରେ~~ ପଧାନେ ଏହା ଦେଖି ବହୁତ ରାଗିଗଲେ । ଭାବିଲେ—ଏ ପୂର୍ଣ୍ଣ ଆଜ ମୋ ଝିଅଟାକୁ ବାଲୁଙ୍ଗୀ କରି ଦେବ । ଅହ ରହ ତାକୁ ଶିଖାଇଲା । କ ଖରା, କ ତରା ବୁଲି ଖେଳିବାକୁ । ଆସ୍ତେ ଆସ୍ତେ ପଞ୍ଚମ ହୋଇ ଆସୁଥିଲେ ରାଗରେ ପଧାନେ ।

ପୂର୍ଣ୍ଣ କଣ୍ଟବାଡ ଧଇସଇଁ ହୋଇ ଦଉଡ଼ିବା ପରେ ଦମ୍ ନେଲା କହିଲା ଓ···ହୋ···ଅବକା ସେହି ସେହି ମହାଜନଙ୍କର କାଳିଆ ଢେଙ୍ଗା ଚାକରଟା କାନ ମୋର ମୋଡ଼ି ଦେଇଥାଆନ୍ତା ରକ୍ଷା ପାଇଲି ।

ପଛରୁ ପୂର୍ଣ୍ଣଆଇ ପୂର୍ଣ୍ଣଆଇ ବୋଲି ଡାକ ମୀରା ଯାଇ ପହଞ୍ଚିଲା ପୂର୍ଣ୍ଣ ପାଖରେ । କହିଲା—ପୂର୍ଣ୍ଣ ଭାଇ ତୁ ଦଉଡ଼ି ପଳାଇ ଆସିଲୁ, ମୁଁ ଦଉଡ଼ି ପାରୁନି । ତୁ ପଳାଇ ଆସୁଛୁ ଯେତେ ଡାକଲେ ଶୁଣୁନୁ ।

ପୂର୍ଣ୍ଣ କହିଲା—ଇଲୋ ବାପ ଲୋ ତମର ଯେଉଁ ସେହି କାଳିଆ ଚାକର ଜଗୁ ବର୍ତ୍ତମାନ ମୋ କାନଟାକୁ ମୋଡ଼ି ଦେଇ

ଥାଆନ୍ତା । ଏହା କହି କାନଟାକୁ ଆଉଁସି ଆଉଁସି କହିଲା—ରକ୍ଷା ପାଇଲା, ତୋ ବାପା ଯେଉଁ ପାଠି କଲା ନାଁ——

ମୀରା ଏପରି ଭୟଗ୍ରସ୍ତ ପୂର୍ଣ୍ଣ ଭାଇକୁ ଦେଖି କହିଲା, ବାପାଟା ବଡ଼ ଖରାପ ଲୋକ, ସବୁବେଳେ ମୋ ପୂର୍ଣ୍ଣଭାଇକୁ ପାଠି କରୁଛନ୍ତି । ବୁଝିଲୁ ପୂର୍ଣ୍ଣଭାଇ ସେ ମରିଗଲେ ଆମ୍ଭର ଭଲ ହୁଅନ୍ତା ନାଁ······ ତା' ପରେ ଆମ୍ଭେ·········ଏତିକବେଳେ ପୂର୍ଣ୍ଣ ମୀରା ମୁହଁରେ ହାତ ଦେଇ କହିଲା ଏ କଣ କହୁଛୁ ମିର ସେ ପରା ଗୁରୁଜନ । ମୀରା କିଛି ବୁଝିପାରିଲା ନି କହିଲା—କଣ ଗୁରୁଜନଙ୍କୁ ଏମିତିଆ କିଛି କହନ୍ତିନି ! ପୂର୍ଣ୍ଣ କହିଲା ନା ସେଦିନ ମାଷ୍ଟ୍ରେ କହୁ ନ ଥିଲେ, ଗୁରୁଜନଙ୍କ କଥା ମାନିବ, ଗୁରୁଜନଙ୍କୁ ଭକ୍ତି କରିବ । ତୋର ମନେ ନାହିଁ । ତାପରେ ଠାକୁର ଦାଣ୍ଡକୁ ଯାଇ ପୁଣି ଖେଳ ଆରମ୍ଭ ହୋଇଗଲା ଉଭୟଙ୍କ ଭିତରେ ।

ଏତିକବେଳେ ଆସୁଥିଲେ ରଜୁବାବୁ । ରଜୁ ହେଉଛନ୍ତି ସେହି ଗୋବିନ୍ଦପୁରର ଜଣେ ପୁରୁଣା ମାଇନର ପଢ଼ାର ଲୋକ । ପାରିବାରିକ ସୁଖସ୍ୱାଚ୍ଛନ୍ଦ କିଛି ସେମିତିକା ବିଶେଷ ଭଲ ନୁହଁ; ତଥାପି ମଧ୍ୟମ ଧରଣର ଚଳଣି, ପିତା ଥିବା ଅବସ୍ଥାରେ ବିବାହ କରିଥିଲେ । ତାଙ୍କ ଈତାଙ୍କ ଧିଆନ୍ତରେ ସେ [illegible]ଥିଲେ ଏଇ କେତେଟା ଅକ୍ଷର ପାଠ । ସେ ପାଠ ଦୁଇ ଅକ୍ଷର ପାଇଁ ସେ ଗୋଠମୁହଁର ଜଣେ ସଚଳ ଘରର ଝିଅଟିକୁ ବିବାହ କରି ପାରିଥିଲେ ।

ଯଥେଷ୍ଟ ଦାନ ଯଉତୁକ ମଧ୍ୟ ପାଇଥିଲେ । ଏ ଯଉତୁକକୁ ଦେଖି ଏ ଗାଁର ଟାଉଟର ଓ ପଧାନଙ୍କ ଦେହ ସହି

ନ ଥିଲା । କେତେ କଥା କହିଛନ୍ତି । ପିତାଙ୍କର ଏହି ସମ୍ପତ୍ତି ଥିଲା ମୋର ପାଠ । ସେ କହୁଥିଲେ ମୋ ପୁଅ ପାଠ ପଢ଼ିଲେ କେତେଠାରେ କେତେ ଆଦର ପାଇବ । ତାହାହିଁ ହେଲା । ବାପାଙ୍କ କଥା ସତ, ଯାହା ହଉ ଏହି ଗାଁର ସ୍କୁଲଟି ହେଲା ଦିନୁ ସେ କରିଛନ୍ତି ସେହି ହାଇସ୍କୁଲରେ କିରାନି ଚାକିରି । ମାସକୁ ବେତନ ଅଶୀ ଟଙ୍କା, ଯେନତେନ ପରିବାରଟି ତାଙ୍କର ସୁଖରେ ଚଳିଯାଏ ।

ଏହି କେଇପଦ କଥା ଭାବି ଭାବି ରାଜୁ କେତେବେଳେ ଯେ ଘରେ ପହଞ୍ଚିଲେଣି ତାଙ୍କର ଧାରଣା ନାହିଁ । ପିଣ୍ଡା ଉପରୁ ଦେଖିଲେ ଦ୍ୱାର ପଛ ଆଡ଼େ ଠିଆହୋଇଛନ୍ତି ପାଣି ମାଠିଆଟେ ଧରି, ତାଙ୍କର ସେହି ରୂପଲାବଣ୍ୟା ସ୍ତ୍ରୀ ପଦ୍ମା । ଚୁପ୍ ଚୁପ୍ ଯାଇ ପଛରେ ଠିଆ ହେଲେ । କିଛିସମୟ ଠିଆ ହୋଇ ହଠାତ୍ କହି ଉଠିଲେ ପଦ୍ମା !

ଚମକି ପଡ଼ିଲା ପରି ପଦ୍ମା ଦେଖିଲା ପଛରେ ଠିଆ-ହୋଇଛନ୍ତି ପୂର୍ଣ୍ଣି ବାପା । ମନରେ ତାଙ୍କର ଲାଜର ଛାଇ ଢାଙ୍କିଗଲା । ରାଗିଯାଇ କହିଲେ—ହେଇଟି, ଏମିତି ଆଉ ଦିନେ ଚମକେଇବ ନାହିଁ କହି ଦେଉଛୁ । ପିଲା ଛୁଆର ବାପ ହେଲଣି । ବୟସ ଯେତେ ବଢ଼ୁଛି ସେତିକି ପ୍ରେମ ବଢ଼ୁଛି ।

ରାଜୁ କହିଲେ—କଣ ମୋର ବୟସ ଚାଲିଗଲାଣି ?

ଏଇପଦକ କଥାରେ ଲାଜେଇ ଗଲେ ପଦ୍ମା । ଧିରେ ଧିରେ ମୁହଁ ବୁଲାଇ ଚାଲିଯିବାକୁ ବସିଥିଲା ଧରି ପକାଇଲେ ହାତକୁ ତାର ରାଜୁବାବୁ, ଦେଖାଇ ଦେଲେ ଦୂରରୁ ଆସୁଥିବା ପୂର୍ଣ୍ଣିକୁ, "କହିଲେ

ଦେଖ କେମିତି ମୋ ପୁଅ ଖେଳି ଖେଳି ଆସୁଛି । ମୁଁ ଦିନେ ତାକୁ ବଡ଼ ମଣିଷ କରି ଗଢ଼ିବି । ସେ ହେବ ଜଣେ ବଡ଼ ନାମଜାଦା ଡାକ୍ତର । ଆମ୍ଭେ ଦୁହେଁ ବୃଦ୍ଧାବସ୍ଥାରେ ତା ପାଖରେ ରହି ସୁଖରେ ଦିନ କଟାଇବା ।

ଏକଥା ପଦକରେ ପଦ୍ମିନୀଙ୍କୁ ବଡ଼ ଆନନ୍ଦ ଲାଗିଲା—ମନେ ମନେ କେତେ ଦିଅଁଙ୍କୁ ଡାକିଲା; କଥାର ସୁଅ ବଦଳାଇ କହିଲା—ହଁ, କହିଁକି ସେ ବାହାପିଆ କଥାଗୁଡ଼ା କହୁଛ ମ୍, ବଳଟେ ବୋଲି ପୁଅ । ଆଗେ ସତି ତାକୁ ଆଇସ ଦେଇଥାନ୍ତୁ । ଏହା କହି ପାଣିମାଠିଆ ଧରି ପଦ୍ମିନୀ ଫେରିଲା ଘରକୁ ।

ରାଜୁ ପଛରେ ଫେରୁଥିଲା । ଅନେକ କଥା ଭାବୁଥିଲା । ପୁଅକୁ କିପରି ମଣିଷକରି ଗଢ଼ିବେ; କିନ୍ତୁ ପଦ୍ମିନୀଙ୍କର ଏହି କେତେପଦ କଥା ଶୁଣି ଟିକିଏ ସେ ଚିଡ଼ି ଉଠୁଥିଲା । ତାଙ୍କର ଚିଡ଼ିବାର କାରଣ ହେଲା ତାର କଥାରେ ପଦ୍ମିନୀଙ୍କର ଟିକିଏ ବିଶ୍ୱାସ ନାହିଁ ଓ ସେତିକରେ ଯେପରି ତାଙ୍କର ଆଶାର ଶଉଧ ଭାଙ୍ଗି ଯାଉଥିଲା । ମନେ ମନେ କହୁଥିଲା, ସ୍ତ୍ରୀ ଅବଳା ତାଙ୍କର ବୁଦ୍ଧି କେତେ, ସେ ଭବିଷ୍ୟତକୁ ଚିନ୍ତାକରି ଗୋଟିଏ କଥା ଠିକ୍ କରିବେ ।

ମୀରା କାନ୍ଦୁଥିଲା । ପିଲା ଲୋକ; ବଡ଼ ଅଝଟ । ତାକୁ ଭୁଲି କରି କୋଳେଇ ଚକାଉଥିଲା କୁନ୍ତଳା । କେତେଆଡ଼ୁ କେତେ କଥା ଗୀତ ଆଉ ବାଇନାଭୂତ ଗପ କହି ।

ତାର ଆଉ ପାଖ ଘରେ ଥିଲେ ପଧାନେ । ପିଲାର କାନ୍ଦଣା ଶୁଣି ପ୍ରାୟ ଆଖିକୁ ନିଦ ଆସୁ ନ ଥିଲା । ଭାବୁଥିଲେ ଅନେକ କିଛି । ପ୍ରାୟ ଆଜକୁ ଠିକ୍ ଚାରି ବର୍ଷ ତଳର କଥା । ତାଙ୍କ ସ୍ତ୍ରୀ ଜେମା ଯେଉଁଦିନରୁ ମୀରାକୁ ତାଙ୍କ ପାଖରେ ଛାଡ଼ି ଚାଲିଯାଇଛି ଏହି ଇହଧାମରୁ ଠିକ୍ ତାର କେଇଦିନର ଘଟଣା ।

ପୂନା ତାର ଗାଁର ଲୋକ । ବାପ ଅଜାର ଯାଇ କିଛି ସମ୍ପତ୍ତି ଥିଲା ବାପଅମଳରୁ ତାକୁ ଉଡ଼ାଇବାକୁ ବସିଲା । ବାପ ଏପରି ଦେଖି ପୁଅକୁ ପାଞ୍ଚ ଲୋକଙ୍କ କଥାରେ ବାହାସାହା କରିଦେଲା— କାଳେ ମନ ପରିବର୍ତ୍ତନ ହେବ ବୋଲି । ଏହି ଅତି ରୂପ ଲାବଣ୍ୟ-ବତୀ ତରୁଣ ଯୁବତୀ କୁନ୍ତଳା ସହ; କିନ୍ତୁ ତାହା ହେଲାନାହିଁ । ଗାଁ ଖଣ୍ଡିକରେ ବାପର ନାଁ ପକାଇଲା କୁଳାଙ୍ଗାରଟା ବୋଲି । ବାପ ତାର ଧର୍ମପ୍ରାଣ ଲୋକ ଏପରି ନିନ୍ଦା ଆଉ ସହି ନ ପାରି ରୁଗ୍ଣା ହୋଇ ବିଛଣାରେ ପଡ଼ିଲା । କିଛିଦିନ ପରେ ସେ ଏହି ଇହଧାମରୁ ଛାଡ଼ି ଚାଲିଗଲା । ବାକି ରହିଲେ ତାଙ୍କ ସ୍ତ୍ରୀ ଆଉ ଏହି ପୂନା ଆଉ ନବବଧୂ କୁନ୍ତଳା ।

କିନ୍ତୁ ସ୍ୱାମୀଙ୍କ ବିୟୋଗରେ ପୂନାର ମା ବେଶି ଦିନ ରହି ପାରିଲା ନାହିଁ । ଠିକ୍ ତାର ଏଗାର ଦିନ ସକାଳେ ତାର ମଧ୍ୟ ଶେଷ ସମୟ ହୋଇଗଲା—

ଗୋଟିଏ ଘରେ ଦୁଇ ଦୁଇଟା କ୍ରିୟା ହେଲା । ସାଇ ପଡ଼ିଶାର ଲୋକେ ଜିଦ୍ ଧରି ବସିଲେ ଜାତି ମିଶିରି ପାଉଣା ନେବାପାଇଁ । କେତେ ଲୋକ କେତେ ପ୍ରକାର ମତାଇଲେ ।

ବାପା ମାଆଙ୍କ ବିୟୋଗରେ ପୁନାର ମୁଣ୍ଡରେ ପଶିଲା ଚିନ୍ତା । କଣ କରିବ କିଛି ବୁଝି ନପାରି ଶେଷରେ ପଧାନଙ୍କର କରାୟତ୍ତ ହେଲା ।

ବରଷେ ନୁହେଁ କି ଛ ମାସ ନୁହଁ ପୁନା ସର୍ବସ୍ୱ ହରାଇଲା ପଧାନଙ୍କ ପାଖରେ । ଲୋକ ଛି, ଛିକର କଲେ । ଦାଣ୍ଡ ଠାରୁ ଘାଟ ପର୍ଯ୍ୟନ୍ତ, କଣ ନ କଲା ପୁନା, ବାପ ଥିଲା ବୋଲି ଯାଇ କିଛି ଜାଗଭିଆରରେ ରଖି ଆସିଥିଲା । କେତେ ମେହନତ କରି ମୁଣ୍ଡଝାଳ ଭୁଣ୍ଡରେ ମାରି ଏତିକି ସମ୍ପତ୍ତି କରି ନ ଥିଲା । ଏ ଛତରା ଟୋକା ସବୁ ଉଡ଼ାଇ ବସିଲା, ଏ କେଇଟା ଦିନରେ—

ଆଉ ସହିପାରିଲାନି ପୁନା···ସ୍ଥିର କଲା ଏ ଗାଁ ମାଟି ଛାଡ଼ି ସେ ଚାଲିଯିବ । ସତକୁ ସତ ସେ ଦିନ ସକାଳ ପାହାନ୍ତାରୁ ଗାଁ ଓ ରୂପଲାବଣ୍ୟବତୀ କୁନ୍ତଳାକୁ ଛାଡ଼ି ଚାଲିଗଲା ସେହି ସୁଦୂର ଦେଶ କଲିକତା ନଗରୀ ଆଡ଼େ । କହିଯାଇଥିଲା କୁନ୍ତଳାକୁ ମୁଁ ଏଇ ମାହେ ମଧ୍ୟରେ ଫେରି ଆସିବି; କିନ୍ତୁ ଆଜି ପର୍ଯ୍ୟନ୍ତ ଫେରିଲା ନାହିଁ ।

ପଧାନେ ଟିକିଏ ଚଇଁକି ଉଠିଲେ । ତାଙ୍କର ମନେପଡ଼ିଲା ସେତେବେଳର ଘଟଣା । ଦେହ ତାଙ୍କର ଥରିଉଠିଲା ଅଜାଣତରେ । ଗଡ଼ି ପଡ଼ିଲା ଆଖିରୁ ତାଙ୍କର କେଇଟୋପା ଲୁହ ।

କଣ ନ ହେଲା ସେଦିନ । ଯେଉଁଦିନ ସେ ତାର ସମ୍ପତ୍ତିର ନିଲାମ କରି ନେଲେ ମନରେ ଯେତିକି ତାଙ୍କର ଆନନ୍ଦର ଢେଉ ଖେଳୁଥିଲା, ଘରକୁ ଫେରିଲାବେଳକୁ ସେତିକି ହୃଦୟରେ କୋହ-ଉଠିଲା । ଘରେ ଦେଖିଲେ ତାଙ୍କର ସ୍ତ୍ରୀ ଜେମା ଆଉ ଇନ୍ଦୁ-

ଜଗତରେ ନାହିଁ । କଣ ହେଲା । ଆଉ କଣ୍ଟୁ ଭାବପାରିଲେ ନାହିଁ ପଧାନେ । ଆଖି ବୁଜି ହୋଇଗଲା ତାଙ୍କର । ବୈଦ କହୁଥିଲେ ହୃଦଯନ୍ତ୍ରକ୍ରିୟା ବନ୍ଦ ହୋଇଗଲା । ଏଣେ ସମ୍ପତ୍ତି ନିଲାମରେ ପୁନା ଘରେ ଯେପରି ହା ହୁତାଶର ନିଆଁ ଜଳି ଉଠିଲା; ତା ସଙ୍ଗେ ସଙ୍ଗେ ପଧାନଙ୍କର ସ୍ତ୍ରୀ ଜେମାର ଚିତା ନିଆଁ ମଶାଣିରେ ଜଳିଲା ସେପରି—

ଲୋକେ କହିଲେ—ଦୁନିଆରେ ଭଗବାନ ଅଛନ୍ତି । ପର ଘରକୁ ଯେପରି ଯିଏ ଭାଙ୍ଗେ ତା ଘରକୁ ଦଇବ ଭାଙ୍ଗେ ।

ସେତେବେଳେ ପଧାନଙ୍କ ମନରେ ଟିକଏ ଗ୍ଲାନି ଗମ୍ଭୀର ଜାତ ହେଲା । କେତେ ବଡ଼ ନିଶ୍ୱାସଟା ଗୁଡ଼ି, ଟିକଏ ରାଗିଗଲେ । ସେତେବେଳେ ମନେ ହେଉଥିଲା ପଧାନଙ୍କର ଯେପରି ଯଦି ସେହି ମୁହୂର୍ତ୍ତ ମଧ୍ୟରେ ମେହି କହିଲା, ଲୋକଗୁଡ଼ାଙ୍କୁ ପାଆନ୍ତେ ତାଙ୍କୁ ଏ ଧୂଳି ସହିତ ମିଶାଇ ଦେବାକୁ ପଛୁନ୍ତେ ନାହିଁ ।

ପଧାନ ନିଶ୍ୱାସ ମାଇଲେ, ମୁହଁରୁ ହାତ ବୁଲାଇ ଆଇଲା ବେଳକୁ ଦେଖିବାକୁ ପାଇଲେ କେତେଟୋପା ଲୁହ । ଆଶ୍ଚର୍ଯ୍ୟ ହେଲେ ପଧାନେ, ସେ କେବେ ତ ଏପରି କାନ୍ଦି ନ ଥିଲେ; ଏକଣ ? ତାଙ୍କର ଏତେ ଦୁର୍ବଳତା, ଭୀରୁତା, କାପୁରୁଷତା କଣ ପାଇଁ ? ଯଦି ସେ ଏତକ କରିପାରି ନ ଥାନ୍ତେ ତେବେ ତାଙ୍କ ବାପ ଅଜା ସାତପୁରୁଷର ନା ଜମେଇ ପାରି ନ ଥାନ୍ତେ ।

ଦୁନିଆଁ ଲୋକଙ୍କୁ କଥା ପଦକରେ ଲମ୍ବ ଲମ୍ବ କରି ଗୋଡ଼ତଳେ ପକାଇ ପାରି ନ ଥାନ୍ତେ । ଏହା କେବେ ତାଙ୍କର ବୋକାମି ଅଧର୍ମ କାମ ନୁହେଁ । ସଂସାରରେ ମଣିଷ ହେବାକୁ ହେଲେ ଏହାହିଁ କରିବାକୁ ପଡ଼ିବ । ଯେଉଁ ଗୁଡ଼ା ଏସବୁ ଉପରେ

ଯୋର ଦେଇ ଭାବନ୍ତି ସେମାନେ କେତେ ନିର୍ବୋଧ । ତାଙ୍କର ଅବସ୍ଥା ଠିକ୍ ପୁନା ପରି ହେବାକୁ ପଡ଼େ ।

ପଧାନେ ଭାବିଲେ ହଁ...ହଁ...ସେଇଟା ପୁନାର ସ୍ତ୍ରୀ କୁନ୍ତଳା । ଆଜି ତାଙ୍କରି ଘରେ । ସେ ତ କେହି ନୁହଁ । ତେବେ ତାଙ୍କ ସ୍ତ୍ରୀ ପରେ ସେ ଏ ଘର ଚଳେଇଛି । ଘରଠାରୁ ବାହାର କାମ ସବୁତକ ତାରି ମୁଣ୍ଡରେ । କେତେ ସରଳ ସୁନ୍ଦର ଝିଅଟି । ସତରେ ଏ ହୀନ କପାଳକୁ କଣ କଲା ମ ସେ ଛତରା ପୁନା । ଘର ଲକ୍ଷ୍ମୀ ସେ । ସେଇଥିପାଇଁ ତାକୁ ଦାନା ଅଣ୍ଟିଲା ନାହିଁ । ପଧାନଙ୍କର କଣ୍ଠରୁ ଦୟା ଆସିଲା । ସେ କହିଲେ--ହାୟ...ହାୟ...ଯଦି ସେ ଟୋକାଟା ଆସନ୍ତା ତେବେ...... ....

ଆଉ କାନ୍ଦୁ ନି ମିବା । କେତେବେଳେ କେମିତି ବଳବଳେଇ ଉଠୁଛି ପୂର୍ଣ୍ଣ ଭାଇ ବୋଲି । ତଥାପି ଉଠିପଡ଼ିବା ଭୟରେ କୁନ୍ତଳା ତା'ର ମୁଣ୍ଡରେ ହାତ ମାରୁଥାଏ । ଭାବୁଥାଏ, ତା'ର ପୂର୍ବ ଇତିହାସ । ଗରିବ ଘରର ସେ ଝିଅ । ତା'ର ବାପ, ମା' କଥା ମନେପକାଇ ଗାଳିଦିଏ । ପୁଣି ନିଜ କପାଳର ଦୋଷ ଦିଏ । କହେ—ବାପ, ମା ପିଲା ଜନମ ଦେଇଛନ୍ତି କରମ ତ ଦେଇ-ନାହାନ୍ତି । ତେବେ ଜମିବାଡ଼ି ଘର ବର ଦେଖି ଦେଇଥିଲେ । କିନ୍ତୁ ଭାଗ୍ୟଚକ୍ର ସବୁ ଘୂରିଗଲା । ଶ୍ୱଶୁରୁ ତାଙ୍କର ଯେପରି ଶେଷ ହୋଇଛି, ମୋର ଆଗକୁ ପଛକୁ ଅନେଇଲେ ଆଉ ଦୁନିଆରେ କେହି ନାହିଁ । ଭାବିଥିଲି ସ୍ୱାମୀ ଇହକାଳ ପରକାଳର ଦେବତା । ତାଙ୍କରି ଚରଣରେ ସେବାକରି ଦିନ କଟାଇବି । କିନ୍ତୁ ଅଭାଗିନୀର ତ କରମପୋଡ଼ା । ସେ ବି ମାସକୁ କହିଗଲେ । ଆଜି ପର୍ଯ୍ୟନ୍ତ ଦେଖା ନାହାନ୍ତି ।

ପେଟ ପାଟଣା ତ ଅଛି । ଏପରି ସମୟରେ କୁଆଡ଼େ ଯିବ । ଏଇ ପେଟ ଖଣ୍ଡ ପାଇଁ ସବୁ କଥା । କାହାର ଚକ୍ରାନ୍ତରେ ଏହି ପଧାନଙ୍କ ଘରେ ମୋତେ ମୁଣ୍ଡ ଗୁଞ୍ଜିବାକୁ ପଡ଼ିଲା । ଯେତେବେଳେ ମୁଁ ପ୍ରଥମ ପ୍ରଥମ ଆସି ଏଠାରେ ଚଳିଲି, ଗାଁ'ରେ ଆଉ ଗୁଳି ହେଲାନି । ମୁଣ୍ଡ ଟେକି ପାରିଲି ନାହିଁ । ଆଜି ପର୍ଯ୍ୟନ୍ତ ବି ସେ କଥା ସରିନି । ପଞ୍ଚ ମାଇପର ଚୁପୁରୁ ଟାଣର, ଗାଧୁଆ 'ତୁଠଠାରୁ ପୋଖରୀ ପାଣି ପର୍ଯ୍ୟନ୍ତ । ଗାଁ ଟୋକାଙ୍କର କଡ଼ା ନଜର । କିଏ କହିଲା—ଏ ପଧାନଙ୍କର ଧନ ଲୋଭରେ ମୀରା ମା'ର ସଜଭୁଣି ହୋଇଗଲା । କିଏ କହିଲା ଆଗରୁ ପଧାନଙ୍କର ସାଥିରେ ସଲା ସୁତର ଥିଲା । ସେଥିପାଇଁ ପୁଣି ଆଜି ଚଳଚଳାନ୍ତ ହୋଇଗଲା । ବିଦେଶୀ ଫେରି ନାହିଁ । କେତେକ କହନ୍ତି ନିଆଁ ନଥାଇ କ'ଣ ଧୂଆଁ ବାହାରେ । ଏ କଥା ସତ ।

କିନ୍ତୁ କୁନ୍ତଳାକୁ ଯାହା କହନ୍ତି । ସେ ତ ଏତେ ଦିନ ହେଲା ଏଠାରେ ଚଳିଲାଣି । କାହିଁ ତ ପଧାନଙ୍କର ଏପରି ଢଙ୍ଗ କେବେ ଦେଖି ନାହିଁ । ପଧାନେ ପଇସା ପାଇଁ ଖାଇ ବେକରେ ଛୁରି ଲଗେଇ ପାରନ୍ତି । ସେ ତାହା ଅଙ୍ଗେ ନିଭାଇଛି । କିନ୍ତୁ ତରୁଣ ବୟସରେ କୁନ୍ତଳା ଜିଭ କାମୁଡ଼ି ପକାଇଲା । ଭାବିଲା କ'ଣ ସେ ଏଗୁଡ଼ା ଏତେ କଥା ଭାବିଯାଉଛି ।

ଅନେଇଲା ନିଜ ଦେହ ଉପରକୁ । ଦେଖିଲା ନିଜର ପୂର୍ବପର ଯେଉଁ ଚେହେରାକୁ ସେଇ ଚେହେରା । ଲୋକ କହନ୍ତି କୁଆଡ଼େ, ସେ ଜହ୍ନି ଫୁଲଠାରୁ ଆହୁରି ତୋଫା । ପିଲାକୁ ଦେଖିଲେ ଦେବତା ଲୋଭେଇ ପଡ଼ିବ । ଦେହରେ ଛେପ ପକାଇ ଦେଲା କୁନ୍ତଳା । ଭାବିଲା କେଉଁ ଡାଆଣୀ ଗୁଡ଼ା ଏ ମଣିଷ ଜାତି । ଏହି

ଭାବନାରେ ଅନ୍ଧାର ଭିତରେ କାହିଁକି ତା'ର ଗ୍ରନ୍ଥି କୁରୁଳି ଉଠୁଥିଲା । ଅନ୍ତର ବେଦନା ବୁକୁ ଫଟାଇ ବାହାରି ଆସୁଥିଲା କାହିଁକି ? ତା ଭିତରୁ ସେ ଯୌବନତୃଷ୍ଣା ଖୋଜି ବୁଲୁଥିଲା ଅନ୍ଧାରି ମୁଲକର କେଉଁ ରାଜକୁମାରକୁ । ଗଡ଼ି ପଡ଼ୁଥିଲା କେଉଁ ଅଜାଣତରେ କେଇ ଟୋପା ଲୁହ ଆଖିକୋଣ ବାଟେ ।

ସକାଳର ସୂର୍ଯ୍ୟ ଉଠି ଆସିଲେଣି କିଛି ଉପରକୁ । ଖରା ତାପ ଗୋବିନ୍ଦପୁର ଗାଁଟି ଉପରେ ପୂର୍ଣ୍ଣଭାବରେ ନ ହେଲେ ବି ଅଳ୍ପାଂଶରେ ବୁଲିଗଲାଣି । ମୀରା ଯିବ ସ୍କୁଲକୁ । କୁନ୍ତଳା ଖୋଇ ଦେଇ ବିଦାକଲା ମୀରାକୁ । ମୀରା ଖାଇସାରି ବସ୍ତାନିଟି କାଖରେ ଯାକି ଦୌଡ଼ିଲା ତା'ର ପୂର୍ଣ୍ଣଭାଇ ଘରଆଡ଼େ ।

ପୂର୍ଣ୍ଣ ମଧ୍ୟ ଖାଇସାରି ବସିଥାଏ ଅପେକ୍ଷା କରି ମୀରାକୁ । ମୀରା ପହଞ୍ଚେ । ପୂର୍ଣ୍ଣକୁ ଡାକେ ପୂର୍ଣ୍ଣଭାଇ, ଆ ଯିବା ସ୍କୁଲକୁ । ପୂର୍ଣ୍ଣ ଡାକ ଶୁଣି ମୀରା ପାଖକୁ ଦଉଡ଼ି ଆସେ । ଉଭୟ ସାଥୀ ହୋଇ ଦୌଡ଼ନ୍ତି ସ୍କୁଲ ଆଡ଼େ ।

ଏହା ଦେଖି ଖୁସି ହୁଅନ୍ତି ପଦ୍ମମା । ହୃଦୟ ତାଙ୍କର ପୂରି-ଉଠେ ଆନନ୍ଦରେ, ବାତ୍ସଲ୍ୟ ସ୍ନେହରେ । ଭାବନ୍ତି—ଏତେ ଟିକିଟି ଟିକିଟି ପିଲା—କେଡ଼େ ଶରଧା ଉଭୟଙ୍କ ଭିତରେ । କେହି କାହାକୁ ଦଣ୍ଡେ ନ ଦେଖିଲେ ପାଣି ପିଉ ନାହାନ୍ତି । ଭଗବାନ ! ତୋର ଲୀଳା—ତୁ ସାହା ଏ ଦୁହିଁଙ୍କୁ ।

× × × ×

ସ୍କୁଲ ଖୋଲେ । ଘଣ୍ଟା ବାଜେ, କ୍ଲାସ୍‌ରେ ପିଲାଙ୍କର କୋଳାହଳ କମ୍ପିତ ହୋଇଉଠେ । ପୁଣି ନୀରବତା ସୃଷ୍ଟି କରେ ମାଷ୍ଟ୍ରେ ଆସିଲାବେଳକୁ । ପିରିୟଡ଼ ପରେ ପିରିୟଡ଼ ବିତିଯାଏ । ପିଲା ଦେଖନ୍ତି ଶ୍ରେଣୀରେ ସବୁଦିନେ ମୀରା ଆଉ ପୂର୍ଣ୍ଣିକୁ ଗୋଟିଏ ଜାଗାରେ ବସିବା । ଏକାଠି ପଢ଼ିବା ।

ପଢ଼ା ସରେ । ସ୍କୁଲ ଛୁଟି ହୁଏ । ପିଲାମାନେ କୋଳାହଳ କରି ଦଉଡ଼ନ୍ତି ନିଜ ଘରକୁ; କିନ୍ତୁ ସମସ୍ତେ ଦେଖନ୍ତି ପଛରେ କେବଳ ଯାଉଥାନ୍ତି କଣ କୁଆଡ଼ୁ ଗପସପ ହୋଇ ମୀରା ଆଉ ପୂର୍ଣ୍ଣି ।

ଦିନେ ଦିନେ କଳହ ସୃଷ୍ଟି ହୁଏ ପୂର୍ଣ୍ଣି ଆଉ ମୀରା ଭିତରେ । କେହି କାହାକୁ ଘଡ଼ିଏ ପର୍ଯ୍ୟନ୍ତ ବି କଥାବାର୍ତ୍ତା କରନ୍ତିନି ।

ମୀରା କୁହେ ତୋ ସାଙ୍ଗ ଭାଙ୍ଗିଲା । ଆଉ ତୋ ସଙ୍ଗେ ଖେଳିବିନି କି ଆଉ ଚକେ ଖଟେଇ ଦେବିନି ଇହ—ଆଙ୍ଗୁଠି ଆଙ୍ଗୁଠିର ଛନ୍ଦକୁ ଫିଟାଇ । ପୂର୍ଣ୍ଣି ତା'ପରେ ଆଉ ସହି ପାରେନି । ଗେହ୍ଲେଇ ହୋଇ କହେ ମୀରା, ତୁ ମୋ ଉପରେ ରାଗିଲୁ କି ! ମୁଁ ଚକେ ମିଛରେ କହିଲି ନା, ତୁ ମୋ ସାଙ୍ଗରେ ଖେଳିବୁନି ? ଯଦି ତୁ ମୋ ସାଙ୍ଗରେ ନ ଖେଳିବୁ ମୁଁ ତୋ ପୂର୍ଣ୍ଣିଭାଇ ଆଉ ହେବିନି ।

ଏକଥା ପଦକ ମୀରାକୁ ବଡ଼ ବାଧେ । ତା ଅନ୍ତରରୁ କ୍ରୋଧ ଉଠେ । ଦୁଇଆଖିରୁ ଗଡ଼ିପଡ଼େ ଦୁଇ ଟୋପା ଲୁହ । ସେ କହେ— ହଁ ପୂର୍ଣ୍ଣିଭାଇ ! ମୁଁ ତୋ ସାଙ୍ଗ ହେବି, ଏବେ ତୁ କହିଲୁ ମୋ ପୂର୍ଣ୍ଣିଭାଇ ହବୁତ ?

ପୂର୍ଣ୍ଣି ବୁଝେ । ତାକୁ କୁଣ୍ଢାଇପକାଇ ଗେହ୍ଲା କରେ । ତାର ଆଖିରୁ ଲୁହପୋଛି କହେ—ହଁ ଲୋ ହଁ, ମୁଁ ପରା ତୋର ପୂର୍ଣ୍ଣି

ଖାଇ । ତୋତେ ଗେହ୍ଲେରେ କହିଲି ବୋଲି ତୁ କାନ୍ଦିଲୁ । ଆ ଯିବା ଜାମୁକୋଳି ଖାଇ । ମୁଁ ଗଛରେ ଚଢ଼ିବି, ତତେ ଦେବି ଆଉ ମୁଁ ଖାଇବି ।

ପ୍ରତି ରବିବାର୍ଆ ଛୁଟିଦିନ ଖରାବେଳେ ଉଭୟ ଯାଆନ୍ତି ଜାମୁକୋଳି ଖାଇବାକୁ । ଅନ୍ୟ ପିଲା ଦେଖନ୍ତି ପୂର୍ଣ୍ଣ କୋଳି ତୋଳି ମୀରାକୁ ଦିଏ, ଆଉ ସେ ନିଜେ ଖାଏ । ଆଉ ଓହ୍ଲେଇ ଆସିଲା-ବେଳେ ଭଲ ଭଲ ପାଚିଲା କୋଳି ଆଣିଥାଏ ତା ପକେଟରେ ମୀରାକୁ ନିଜ ହାତରେ ଖୁଆଇ ଦେବାପାଇଁ । ଲୋକେ ଦେଖିଲେ କହନ୍ତି, ମାବାପ ଏ ପିଲା ଦୁହିଁଙ୍କର ବାଲ୍ୟ-ବନ୍ଧନ । କିନ୍ତୁ ଏକା ମା'ଙ୍କର ନୁହନ୍ତି ।

ଏବେ ପଧାନେ ବେଳେବେଳେ ଚିନ୍ତିତ ହେଲେଣି । କେମିତି କଣ କରିବେ । ଜମିଦାରି ଉଠିଗଲା । ସରକାର ଜମିଦାରି ସବୁତ ନିଜ ହାତକୁ ନେଲେ । ଭବିଷ୍ୟତ କଣ ହେବ ତାଙ୍କର, ଆଉ ଭାବି ପାରୁନାହାନ୍ତି । କଥାରେ କଥାରେ ମନିରେ ଚିନ୍ତା ଉଠନ୍ତି ଏଇ ରାଜୁଆଁଠା ଉପରେ । ଯାହା ତ ହେଲା ହେଲା ମୁଣି ଏ ରାଜୁଆଁଠା ଗାଁରେ ମେଳ କରି ଭାଗଚାଷ ଆଇନ ପ୍ରଚାର କରିଛି । ବିନୋବା ବୋଲି ଜଣେ ସେଇ କରିଛନ୍ତି ଏଇ ସବୁ ଆଇନ । ସରକାର ତାଙ୍କର କଥାରେ ଭାଗଚାଷ ଆଇନ ପ୍ରଚଳନ କରିଛନ୍ତି । ଜମି ଯା'ର ସେ ପାଇବ ଆଠଅଣା, ଆଉ ଯେ କରିବ ସେ ପାଇବ ଆଠଅଣା । ଏ'ଟା କେଉଁ ଯୁଗର ନ୍ୟାୟ । ଲୋକଗୁଡ଼ା ଆଉ ବସେଇ ଉଠେଇ ଦଉ ନାହାନ୍ତି । ଖସ୍ ଆସି ସବୁବେଳେ

ଲଗେଇଛନ୍ତି ମହାଜନେ । ସମସ୍ତେ କଲେଣି ଆଠପଣିଆ କସ୍ ମତ ଆଉ ମତେ ମଞ୍ଜୁର ହେଉ । ପଧାନେ ଗଗି ନିଆଁବାଣ ହୋଇଯାଆନ୍ତି । କହନ୍ତି, ହଉ ମୋ ଜମି ପଛେ ପଡ଼ିଆ ପଡ଼ିବ ଆଉ କାହାକୁ ଦେବନି । ତା' ଭିତରେ ବେଶି ପଞ୍ଚମ ହୋଇଉଠନ୍ତି ସେହି ରଜୁଆଠା ଉପରେ । ଗାଁଠାକୁ ସାରିଦେଲାଣି କଣ କହିବ ଆଉ ତାହାକୁ ।

ପରୀକ୍ଷା ଆଉ ଦୁଇମାସ ବାକି । ପିଲାମାନଙ୍କର ଧମାଧମ ପାଠପଢ଼ା ଚାଲିଥାଏ । ଇତିହାସ, ଭୂଗୋଳ, ସାହିତ୍ୟ ପଢ଼ା ହେଉଥାଏ । ପୂର୍ଣ୍ଣି ଆଉ ମୀରାର ମଧ୍ୟ ପରୀକ୍ଷା । ସେ ହେଉଛନ୍ତି ଏ ବର୍ଷ ସପ୍ତମ ଶ୍ରେଣୀର ଛାତ୍ର ଛାତ୍ରୀ । ଟିକଏ ସମସ୍ତଙ୍କର ନଜର ସେଇଥିରେ । ପ୍ରତ୍ୟେକ ବର୍ଷ ସେହି ଶ୍ରେଣୀ ପିଲାଙ୍କ ଉପରେ ନଜର ଦେଉଥାଆନ୍ତି । କାରଣ ମାଟ୍ରିକ୍ ପରୀକ୍ଷା ପରି ସେ'ଠା ହୋଇଗଲା ବୋର୍ଡ଼ ପରୀକ୍ଷା । ବିଜ୍ଞାନ ପଢ଼ା ହେଉଥାଏ ଶରୀର ବିଷୟରେ । ସରକାର ତରଫରୁ ଗୋଟିଏ ମାଟିର ମୂର୍ତ୍ତି ଶରୀର ବିଷୟ ବୁଝାଇବା ପାଇଁ ଦେଇଥାନ୍ତି । ପରୀକ୍ଷା ସମୟ ବୋଲି ମାଷ୍ଟ୍ରେ ତାକୁ ବୁଝାଉଥାନ୍ତି । ପିରିୟଡ଼ ଘଣ୍ଟା ବାଜିଲା । ମାଷ୍ଟର ଚାଲିଗଲେ ଅନ୍ୟ କ୍ଲାସ୍‌କୁ । ଏତିକବେଳେ ମୀରାର ଶ୍ରଦ୍ଧା ହେଲା ହାତମାରି ଦେଖିବାକୁ ସେ ମୂର୍ତ୍ତିଟିକୁ । ମୀରା ଦଉଡ଼ି ଗଲା । ମୀରା ଦେଖୁ ଦେଖୁ ହଠାତ୍ ତାର ହାତ ବାଜି ସେଇଟି ଭାଙ୍ଗିଗଲା ।

ଏ ମୂର୍ତ୍ତିଟି ଭାଙ୍ଗି ଯିବା ଦେଖି ସମସ୍ତେ ଚୂପ୍‌ଚାପ୍ । ସେପାଖରୁ ମାଷ୍ଟ୍ରେ ଏ ଶବ୍ଦ ପାଇ ଆସି ଦେଖନ୍ତି ତ ଶରୀର ବିଷୟରେ ବୁଝାଇ-ଥିବା ମୂର୍ତ୍ତିଟି ଆଉ ନାହିଁ । ସେ ଦେଖିବାକୁ ପାଇଲେ ମାଝବଟରେ ଠିଆ ହୋଇଛି ଏକ ପିଲା । ସେ ହେଉଛି ପୂର୍ଣ୍ଣ । ତାକୁ ଦଣ୍ଡ ଦିଆହେଲା । ସେଦିନ ତାକୁ କ୍ଲାସ୍‌ରୁ ବାହାର କରି ଦିଆଗଲା । ତାହା ଦେଖି ସମସ୍ତେ ଅବାକ୍ ହୋଇଗଲେ । କେଉଁ ପିଲା ମୁହଁରେ କଥା ନାହିଁ ମାଡ଼ ଭୟରେ । ଦେଖିଲେ ମୀରା ଭାଙ୍ଗିଲା । ତା ଲାଗି ପୂର୍ଣ୍ଣ ମାଡ଼ ଖାଇଲା ।

ସ୍କୁଲ ଛୁଟି ହେଲା । ସମସ୍ତେ ମନଖୁସିରେ ଗଲେ ଘରକୁ । କିନ୍ତୁ ମୀରାର ମନ ଆଜି ବଡ଼ କଷ୍ଟ । ତା ଲାଗି ବିନା ଦୋଷରେ ତାର ପୂର୍ଣ୍ଣଭାଇ ମାଡ଼ ଖାଇ ପଳାଇ ଆସିଛି । ତାକୁ କାନ୍ଦ ମାଡ଼ିଲା । ପଛରେ ସେ ତାର ପୂର୍ଣ୍ଣଭାଇକୁ ଖୋଜିବାକୁ ଗଲା । ବୁଲି ବୁଲି ଦେଖିବାକୁ ପାଇଲା, ତାର ପୂର୍ଣ୍ଣଭାଇ ସେଇ ଗାଁ ମୁଣ୍ଡ ଜାମୁକୋଳି ଗଛରେ । ଦଉଡ଼ି ଯାଇ ଡାକିଲା । ଆଖିରେ ତାର ଲୁହ । ଡାକିଲା—"ପୂର୍ଣ୍ଣଭାଇ, ଆ ଯିବା ଖେଳିବା ।" ପୂର୍ଣ୍ଣ କିଛି କହିଲାନି । ମୀରା ମନରେ ବ୍ୟାଘାତ ଲାଗିଲା । କହିଲା—ହଉ ପୂର୍ଣ୍ଣଭାଇ, ମୋ ପାଇଁ ତୋତେ କିଏ କହୁଥିଲା ମିଛ କହି ମାଡ଼ ଖାଇବାକୁ । ମାଡ଼ ଖାଇ ମୋ ସାଙ୍ଗରେ କଥା କହୁନୁ, ହଉ ମୁଁ ଯାଉଛି । ଆଉ ତୋ ସଙ୍ଗେ ଖେଳିବି ନାହିଁ କହି ମୀରା କାନ୍ଦି କାନ୍ଦି ଗଲା । ପୂର୍ଣ୍ଣ ମୀରାର କାନ୍ଦ ଶୁଣି ପଛରୁ ଡାକିଲା—ରହ ଲୋ ମୀରା, ମୁଁ ଯିବି । କିନ୍ତୁ ମୀରା ରହିଲା ନି । ପୂର୍ଣ୍ଣ ପୁଣି କହିଲା—ହଉ ତୁ ଯଦି ନ ଶୁଣିବୁ ହେଇ ହେଇ ମୁଁ ଡେଇଁଲି ।

ଆଶ୍ଚର୍ଯ୍ୟ ହୋଇ ଠିଆ ହେଲା ମୀରା । ଦେଖିଲା ବହୁଦୂରରେ ତାର ପୂର୍ଣ୍ଣଭାଇ, ଯଦି ଏ' ନ ଯାଏ । ତେବେ······।

ଜୋରରେ କାନ୍ଦିଲା ମୀରା । ପୂର୍ଣ୍ଣ ଗଛରୁ ଓହ୍ଲାଇଲା । ମୀରା ଆଖିରୁ ଲୁହ ପୋଛି ଦେଲା । ତାକୁ ବାଛି ଆଣିଥିବା କୋଳି କେତୋଟି ଖୁଆଇ ଦେଲା । କହିଲା—ମିରା ! ମୁଁ କଣ ସତେ ଡେଇଁ ପଡ଼ୁଥିଲି ତୁ କାନ୍ଦୁଛୁ । ହେଇ ନେ ତୋ ପାଇଁ ଗୋଟିଏ ଜିନିଷ ରଖିଛି । ମୀରା ପଚାରିଲା—କଣ ? ପୂର୍ଣ୍ଣ କହିଲା—ଛବି ! ମୀରା ଆଶ୍ଚର୍ଯ୍ୟରେ କହିଲା ଆରେ କିଏ କରିଛି ପୂର୍ଣ୍ଣଭାଇ, ଭାରି ଭଲ ହୋଇଛି, ମତେ ଦେ । ପୂର୍ଣ୍ଣ କହିଲା—ମୁଁ ପରା ତୋର ପାଇଁ ଆଣିଛି, ନେ । ମୀରା ଆଶ୍ଚର୍ଯ୍ୟ ହେଲା । ତାର ପୂର୍ଣ୍ଣଭାଇ ଭଲ ଛବି ଆଙ୍କି ଜାଣିଛନ୍ତି । ମୀରା କହିଲା—ସବୁଦିନେ ଏପରି ଛବି ଆଙ୍କି ମତେ ଦବୁ, ମୁଁ ତତେ ଆଦର ଦେବ ।

ପୂର୍ଣ୍ଣ ପଚାରିଲା, ତୁ କଣ କରିବୁ ? ମୀରା କହିଲା—ମୁଁ ଆକୁ ସବୁଦିନେ ଗୋଟିଏ ଗୋଟିଏ ସାଇତି ଦେଖିବ ।

ମୀରା କହିଲା—ଆଚ୍ଛା ପୂର୍ଣ୍ଣଭାଇ, ଗୋଟେ କଥା କହିବ ! ଯଦି ତୁ ଏପରି ଛବି ଆଙ୍କି ଆଙ୍କି ତୁ ଗୋଟେ କଳାକାର ହେଉ, ତେବେ ସେତେବେଳେ ମତେ ପଚାରିବୁ ନା••• ?

ପୂର୍ଣ୍ଣ ମୀରାର ଏ ପ୍ରଶ୍ନ ଦେଖି କହିଲା—ହଁ, ତତେ ପଚାରିବ ନି ତ ଆଉ କାହାକୁ ପଚାରିବ । ତେବେ କହିଲୁ, ତୁ ମୋ ସାଙ୍ଗରେ ସବୁଦିନେ ସାଙ୍ଗ ହେବୁ ତ । ମୀରା ହଁ ଭରିଲା । ମୀରା କହିଲା, ତୁ ପୂର୍ଣ୍ଣଭାଇ କଳାକାର ହେବୁ । ମୁଁ ହେବି ଡାକ୍ତରଆଣୀ । ମୁଁ ତୋର ସେବା କରିବ । ଏହା କହି କହି ଉଭୟେ ଫେରିଲେ ।

× × × ×

ଖରାବେଳ । ବୈଶାଖ ମାସ । ହାଉ ହାଉ ହୋଇ ତାତି ଝାଞ୍ଜି ପବନ ପିଟୁଥାଏ । ପଧାନେ ଶୋଇଥାଆନ୍ତି ଦାଣ୍ଡଘର ଖଟିଆଟି ଉପରେ । ଗରମରେ ନିଦ ହେଉ ନ ଥାଏ । ମନେ ମନେ କଣ କୁଆଡ଼ୁ କେତେ ଭାବୁଥାନ୍ତି । ଏତିକିବେଳେ ଯାଉଥିଲା କୁନ୍ତଳା ସେଇବାଟ ଦେଇ ।

ପଧାନେ ଡାକିଲେ ଶ୍ରଦ୍ଧାରେ—କୁନ୍ତି ! କୁନ୍ତଳା ପଧାନଙ୍କ ଡାକରେ ଠିଆ ହୋଇଗଲା । ପାଖକୁ ଡାକିଲେ ପଧାନେ । କହିଲେ, ଏଠିକି ଆ’ ଆଜ ତୋ ସାଙ୍ଗରେ କେତେଗୁଡ଼ାଏ କଥାବାର୍ତ୍ତା ଅଛି । କୁନ୍ତଳା ଆଶ୍ଚର୍ଯ୍ୟ ହେଲା । ଭାବିଲା ଦିନେ ନାହିଁ କାଳେ ନାହିଁ । ଆଜିକୁ ପ୍ରାୟ ରହିଲାଣି ତିନି ଚାରି ବର୍ଷ ହେବ । ଏପରି ତ ପଧାନେ ଡାକନ୍ତି ନି କେବେ । ଆଜ ତେବେ କାହିଁକି ଡାକୁଛନ୍ତି । କୁନ୍ତଳା ଯାଇ ଛିଡ଼ା ହେଲା ।

ପଧାନେ ଦେଖି ଆଶ୍ଚର୍ଯ୍ୟ ହେଲେ । ପହିଲୁ ଯେପରି ଦେଖିଥିଲେ ସେହିପରି ସେ କୁନ୍ତି ଯୌବନରେ ପୂରା ଭରିଯାଇଛି । ରୂପ ମାଧୁରୀରେ ଅସ୍ପଷ୍ଟ, ଆଉ ଉଜ୍ଜ୍ୱଳ । ମୁଖମଣ୍ଡଳରେ ମାଦକ, ଭ୍ରୂଲତାରେ ପ୍ରେମର ଇଙ୍ଗିତ । କିନ୍ତୁ ତା ସହିତେ ସେ ଅନ୍ୟ ଝିଅ ପରି ତାକୁ କେବେ ଚଞ୍ଚଳତା ଦେଖିବାକୁ ପାଇ ନାହାନ୍ତି ।

କଥା ଆରମ୍ଭ କଲେ ପଧାନେ । କହିଲେ କୁନ୍ତି ! ଜୀବନରେ ଆଉ ଶାନ୍ତି କାହିଁ ଦେଖାଯାଉନି । ଏ ଜମିଦାରଟିକ ତ ଗଲା । ଦେଶ ଯେପରି ହେଲାଣି ଆଉ କଣ ସହିତେ ମୁଁ ଆଉ ସମ୍ପତ୍ତି କମାଇବି ନା, ମୋର ଆଧିପତ୍ୟ ବିସ୍ତାର କରିପାରିବି । ମୀରା ମା’ ମଲାଦିନୁ ଦେଖୁଛୁ, ଯେମିତି ଘରୁ ଯେପରି ଗୋଟେ ଶ୍ରୀ ଛୁଟିଗଲା ଭଳି

ଲାଗୁଛି । ତା ପରେ ଜୀବନରେ ଗୋଟେ ବଡ଼ ଭୁଲକରିଛି—ତୋର ଶ୍ରୀମନ୍ତରୁ ସିନ୍ଦୁର କାଢ଼ିଛି । ମୋତେ ପ୍ରାୟଶ୍ଚିତ୍ତ ନାହିଁ । ତୁ ଯଦି ଅନ୍ୟ କୌଣସି ଘରର ଝିଅ ହୋଇଥାଆନ୍ତୁ ତେବେ ତତେ କେଉଁଠି ହାତକୁ ଦି'ହାତ କରିଥାନ୍ତି । ତମ ବ୍ରାହ୍ମଣ ଘରେ ସେପରି ନାହିଁ ।

କୁନ୍ତଳା ମୁହଁ ତଳକୁ କରି ଠିଆ ହୋଇଥାଏ । ସବୁ ତୁନି ହୋଇ ଶୁଣୁଥାଏ । କାହିଁକି କେଜାଣି ଏଇ କଥାପଦକ ପଧାନଙ୍କଠାରୁ ଶୁଣି କେଉଁ ଅଜାଣତରେ ଗଡ଼ି ପଡ଼ୁଥିଲା ଦୁଇଟୋପା ଲୁହ ତା' ଆଖିରୁ ।

ପଧାନେ ଦେଖିଲେ କୁନ୍ତି କାନ୍ଦୁଛି । ପଚାରିଲେ, କୁନ୍ତି ସବୁ ଦୋଷ ମୋର । ତୁ କାନ୍ଦୁଛୁ, କାନ୍ଦନା ମା ! ତୁ ଯଦି ରହିବାକୁ ଚାହିଁବୁ ଏବଂ ତୋର ଯଦି ମନ କଷ୍ଟ ହେଉଛି, ତେବେ ତୋର ଝିଅ ନେ । ତୋତେ ଘର କରି ଦେଉଛି । ତୋର ସବୁଦିନ ଚଳିବାପାଇଁ ଯାହା ଦରକାର ହେବ ତାହା ଦେବି । ତୋର ଆଉ କଣ କହିବାର ଅଛି କହ ।

କୁନ୍ତଳା, ପଧାନଙ୍କର କଥା ଶୁଣି ଭାବୁଥିଲା । ତାର ବା ଆଉ କିଏ ଅଛି । କେଉଁଠିକି ଯିବ । ଯେଉଁଠିକୁ ଗଲେ ବି ତ ଏହିପରି ବଞ୍ଚି ରହିବାକୁ ହେବ । ତେବେ ଗୋଟିଏ ନିର୍ଦ୍ଦିଷ୍ଟ ଆଶ୍ରାରୁ ଯାଇ ଅନ୍ୟଠାରେ ଆଶ୍ରୟ ସ୍ଥାପନ କରିବ । ଆଉ ଏ ଗାଁର ଲୋକଙ୍କଠାରୁ ରକ୍ଷା ପାଇବା ମୁସ୍କିଲ । ତେବେ ତା'ଠାରୁ ଏହି ଆଶ୍ରୟରେ ରହିବା ହିଁ ଶ୍ରେୟସ୍କର । ତେବେ ଗାଁର ଲୋକ । ସେ ତ କହି ଆସିଛନ୍ତି । ତା'ର କଣ ହୋଇଯାଉଛି । ପର କହି ପାରନ୍ତି । କାହାମୁହଁରେ ବାଡ଼ବତା ଦେଇ ହେବନି । କୁହନ୍ତୁ; କିନ୍ତୁ

କୁନ୍ତଳାକୁ ଠିକ୍ ହଜାର ଲୋକ ହଜାର ପ୍ରକାର କହିବେ, ସେଥିରେ କୁନ୍ତଳାର ଯାଆସ କେତେ ।

ପଧାନେ ପଚାରିଲେ କଣ କହୁନୁ । ଏଠାରେ ରହିବୁ । ଚୁପ୍ ହୋଇ ରହିଗଲୁ । ମୋର ଆଉରି କେତେ କଥା କହିବାକୁ ଅଛି । କୁନ୍ତ କଛି ନ କହି ହଁ ଭରିଲା । ପଧାନେ ମନଭାବ ଜାଣିପାରିଲେ କୁନ୍ତର । ପୁଣି ଆରମ୍ଭ କଲେ, ଦେଖେ ଆଜିଠାରୁ ଏ ଘରର ଦାୟିତ୍ୱ ଓ ମୀରାର ଦାୟିତ୍ୱ ତୋ ଉପରେ । ମୁଁ ଟିକଏ ଶାନ୍ତିରେ ଦିନ କଟାଇବ ।

ଖରାବେଳ । ଏତିକବେଳେ ଦଉଡ଼ି ଦଉଡ଼ି ଆସିଥିଲା ମୀରା । ଫେରୁଥିଲା ସେ ତାର ପୂର୍ଣ୍ଣିଭାଇ ଘରୁ । କେତେ ଖଣ୍ଡ ଅଙ୍କ ବୁଝିବାର ଥିଲା ତାର । ରାତି ପାହିଲେ ପରୀକ୍ଷା । ସେଥିପାଇଁ ସେ ଯାଇଥିଲା ।

ମୀରାକୁ ଚାଲି ଯାଉଥିବାର ଦେଖି ପଧାନେ ଡାକଲେ— ମୀରା, ଏତେବେଳେ ଏ ବୈଶାଖ ମାସ ଖରା । ଏ ଝାଞ୍ଜି ପବନରେ ଘରୁ ବାହାରି ହେଉନ । ଏତେ ଗରମ ଯେ ସାରି ସୁପ ଗାତରୁ ବାହାରି ପାରୁନାହାନ୍ତି । ତୁ କୁଆଡ଼େ ଯାଇଥିଲୁ ।

ମୀରା ପଧାନଙ୍କ କଥାକୁ ଅପେକ୍ଷା କରି ନ ଥିଲା । ଉତ୍ତର ଦେଇ ଦଉଡ଼ିଲା, ପଢ଼ାଘରକୁ । ବାପା ମୁଁ ଯାଇଥିଲି ଟିକେ ପୂର୍ଣ୍ଣିଭାଇ ଘରକୁ । କାଲି ସକାଳେ ପରୀକ୍ଷା । କେତେ ଖଣ୍ଡ ଅଙ୍କ ବୁଝିବାକୁ ।

ପଧାନେ ଟିକଏ ଚିଡ଼ି ଗଲେ । ଭାବିଲେ—କଣ ଯେଉଁ ରାଜୁଆ ମୋର ଚିରଣବ୍ଦୁ ରୂପେ ଅହଲ୍ୟା ସାଧୁଛି । ସେ ପୁଣି

ଯାଇଥିଲା ତାର ପୁଅ ପୂର୍ଣ୍ଣ ପାଖକୁ ଅଙ୍କ ବୁଝିବାକୁ । କାଇଁ ସେ ଅଙ୍କ କଣ ନ ହୋଇଥିଲେ ହୋଇ ନ ଥାନ୍ତା ।

ଅତ୍ୟନ୍ତ ବିରକ୍ତ ହୋଇ ପଧାନେ ଡାକିଲେ ମୀରକୁ । ମୀର ଏଠାକୁ ଆସିଲୁ ।

ମୀରର ଭ୍ରୂକ୍ଷେପ ନ ଥିଲା ସେ କଥାକୁ । ତାର ଏକଜିଦ୍ ଚାଲିଛି । ସେ କିପରି ତାର ପୂର୍ଣ୍ଣଭାଇକୁ ଟପି ଫାଷ୍ଟ ହେବ । ତାର ପୂର୍ଣ୍ଣଭାଇ କ୍ଲାସରେ ହୁଏ ଫାଷ୍ଟ । ଆଉ ସେ ହୁଏ ସେକେଣ୍ଡ୍ । ତେଣୁ ଫାଷ୍ଟ ଆଶାରେ ସେ ବିହୋଲ ଥାଇ କହିଲା, ନାଇଁ ବାପା ! ମୁଁ ଯାଇପାରିବି ନାହିଁ । ମୋର କାଲି ପରୀକ୍ଷା । ପୂର୍ଣ୍ଣଭାଇ କ୍ଲାସ୍‌ରେ ଫାଷ୍ଟ ହେଉଛି, ମୁଁ ତାକୁ କିପରି ଟପି ଫାଷ୍ଟ ହେବି । ମୋର ପଢ଼ା ବହୁତ ବାକି ଅଛି ।

ପଧାନେ ଆଉ ଟିକିଏ ଚଢ଼ିଗଲେ । କହି ଉଠିଲେ—କଣ ? ସେ ରାଜୁଆ ପୁଅଟା ଫାଷ୍ଟ ହେଉଛି । ନାଃ···ନାଃ·· ସେ ଆଉ ଏଠାରେ ମୀରକୁ ପଢ଼ାଇବେ ନାହିଁ । ତାକୁ ତାର ମାମୁଁ ଘର ଗାଁକୁ ପଠାଇ ଦେବେ । ସେଇଠାରେ ରହି ସେ ପଢ଼ିବ । ଫାଷ୍ଟ ହେବ । ନାଁ କରିବ । ଏଠାରେ ଏ ରାଜୁଆ ଠାଉଟରୀ କରି ତା ପୁଅକୁ ଫାଷ୍ଟ କରାଉଛି । ଆଉ ମୋ ଝିଅ ପୁଣି ସେକେଣ୍ଡ । ନାଃ···ନାଃ, ତାହା ହୋଇପାରିବନି । ହଁ, ମୁଁ ସବୁ ଜାଣେ । ବୁଝିଲୁ କୁନ୍ତ । ମୁଁ ବର୍ତ୍ତମାନ କଣ କହୁଥିଲି । ଏ ରାଜୁଆଟା ଗାଁ'ଟାରେ ମୋ ଉପରେ ଅହଙ୍କାର ସାଧୁଛି । ପୁଣି ଏ ଝିଅଟା ତାର ବା କଅଣ ଦୋଷ କରିଥିଲା ତା ଉପରେ ବି ଅହଙ୍କାର । ସେ ସେହି ସ୍କୁଲରେ ରହୁଛି ବୋଲି ମୀରକୁ ସେକେଣ୍ଡ କରାଇ ତାର ପୁଅ ପୂର୍ଣ୍ଣକୁ ଫାଷ୍ଟ୍ କରୁଛି ।

ପଧାନେ ରାଗି ଉଠି କହିଲେ, ଦେଖେ ମୀରା, ଆଜି ତୁ ସେ ସ୍କୁଲକୁ ଯାଆନା । ଆମ୍ଭର ଫାଷ୍ଟ ସେକେଣ୍ଡ ଦରକାର ନାହିଁ । ତୁ ଯିବୁ ତୋର ମାମୁଁ ଘର ଗାଁରେ ପଢ଼ିବୁ । ମୁଁ ତୋର ସେଠାରେ ସବୁ ସୁବଧା କରଦେବ । ତୁ ସେଠାରେ ଯିବୁ ଫାଷ୍ଟ ହେବୁ ।

ମୀରା କହିଲା—ନାଁ ବାପା ମୁଁ ଏଇଠାରେ ପଢ଼ି ଫାଷ୍ଟ ହେବ । ପୂର୍ଣ୍ଣିଭାଇକୁ ଟପିଯିବ ପାଠ ପଢ଼ାରେ ।

ପଧାନେ ମନାକଲେ, ତା ହୋଇ ପାରିବନି । ମୁଁ ତୋର ସବୁ ସୁବଧାକରି ଦେବ ସେଠାରେ । ତୁ ସେଠାରେ ରହି ପାଠ ପଢ଼ିବୁ । କ୍ଲାସ୍‌ରେ ଫାଷ୍ଟ୍ ହେବୁ, ନାଁ କରିବୁ ।

ପରଦିନ ଦଶଟା ।

ପିଲା ରୁଣ୍ଡହୋଇ ସ୍କୁଲ ବାରଣ୍ଡାଠାରୁ ବାହାର ପର୍ଯ୍ୟନ୍ତ । ଯିଏ ଯେଉଁଠି ବସି କଣ କିଏ ପଢ଼ା ପଢ଼ିରେ ବ୍ୟସ୍ତ । ସମସ୍ତେ ନୀରବ । ପରୀକ୍ଷା ଆରମ୍ଭ ହେବାକୁ ଆଉ ଅଧଘଣ୍ଟା ମାତ୍ର ବାକି ।

ପୂର୍ଣ୍ଣି ବସିଥିଲା ଏକୁଟିଆ । ତାର ମନ କାହିଁକି କେମିତି କେମିତି ହେଉଥିଲା । ସେ ଅନ୍ୟ ପିଲଙ୍କ ପରି ବହିପତ୍ର ଦେଖୁ ନ ଥିଲା । ସେ ଦେଖୁଥିଲା, ତାର ସେ ସାଥୀ ମୀରାକୁ । ଏତେବେଳ ହେଲାଣି । ମୀରା କାହିଁ । ପରୀକ୍ଷା ହେବାକୁ ଆଉ ଅଳ୍ପ ସମୟ ବାକି

କଣ ପାଇଁ ସେ ତ ଆସିନାହିଁ । ମନ ତାର ବ୍ୟଗ୍ର ହୋଇଉଠିଲା ମୀରାକୁ ନ ପାଇ । ଭାବିଲା, ମୀରା କଣ ଘରୁ ଏତେବେଳ ଯାଏ ଆସିନି । ତେଣୁ ସେ ଦୌଡ଼ିଲା ଡାକିବାକୁ ତାର ଘରକୁ ।

ସ୍କୁଲ୍‌ହତାରୁ ବାହାର ପଡ଼ିଲା ପୂର୍ଣ୍ଣି । ଦେଖିଲା ଠିକ୍ ଏକ ଗୁଡ଼ାମୂଳରେ ଠିଆ ହୋଇଛି ମୀରା । ଦଉଡ଼ି ଯାଇ ଡାକିଲା- ମୀରା ତୁ ପରୀକ୍ଷା ଦେବାକୁ ଯିବୁନି କି ? କଣ ଏଠି ଠିଆହୋଇ ଫୁଲ ତୋଳୁଛୁ ।

ମୀରା କିଛି ନ କହି ମନମାରି ସେହିପରି ଫୁଲ ତୋଳିବାରେ ଲାଗିଲା । ମୀରା କଥା ନ କହିବାର ଦେଖି ପୂର୍ଣ୍ଣି ଟିକିଏ ବିବ୍ରତ ହୋଇପଡ଼ିଲା, କହିଲା—ମୁଁ ତୋର କଣ ଦୋଷ କଲି କି ? ତୁ ମୋତେ କଥା କହୁନୁ । ହଉ ମୁଁ ତୋ ସାଙ୍ଗରେ ଆଉ କଥା କହିବନି କି ଖେଳିବ ନି । ଆଉ ତୁ ପୂର୍ଣ୍ଣିଭାଇ ଡାକିଲେ ଶୁଣିବ ନି ।

ମୀରା ସବୁ କଥା ସହିପାରେ । ପୂର୍ଣ୍ଣି ତାର ଭାଇ ନ ହେବା କଥା ଶୁଣିଲେ ସହିପାରେନା । ସେ କାନ୍ଦ ପକାଏ । ମୀରା କାନ୍ଦିଲା ପୂର୍ଣ୍ଣି ତାକୁ ଧଇ କହିଲା; ହଁ ଲୋ ହଁ ମିରା ! ମୁଁ ପରା ତୋ ଭାଇ । ମୁଁ ତୋତେ ମିଛରେ କହିଲି । ଆଚ୍ଛା କହିଲୁ- ତୁ କାହିଁକି ମୋତେ କଥା କହିଲୁ ନାହିଁ ।

ମୀରା କହିଲା—ମୁଁ ଆଉ ଏ ସ୍କୁଲରେ ପଢ଼ିବ ନାହିଁ । ବାପା କହୁଥିଲେ । ତୁ ଖାଲି ଫାଷ୍ଟ୍ ହେଉଛୁ, ମୁଁ ସେକେଣ୍ଡ୍ ହେଉଛି । ସେଇଥି ପାଇଁ ବାପା କହୁଥିଲେ ମୋତେ ମାମୁଁ ଘରକୁ ପଠାଇ ଦେବେ । ମୁଁ ସେଇଠାରେ ରହି ପାଠ ପଢ଼ି ଫାଷ୍ଟ୍ ହେବି ।

ଏତକ କଥାରେ ବୁଝିପାରିଲା ପୂର୍ଣ୍ଣି ମୀରାର ଅଭିମାନ। କିନ୍ତୁ ବଡ଼ ଦୁଃଖ ଅନୁଭବ କଲା ପୂର୍ଣ୍ଣି। ଭାବିଲା—ଫାଷ୍ଟ ଆଉ ସେକେଣ୍ଡ୍—ମୁଁ ଫାଷ୍ଟ ନ ହୁଏ, ସେ ଫାଷ୍ଟ ହେଉ। କିନ୍ତୁ ଏ କଥାଲାଗି ମୀରା ଆଜି ଏଇ ଗାଁ ମାଟି, ଦାଣ୍ଡ ଧୂଳି ଖେଳ, ସ୍ନେହ; ମାୟା-ମମତା ଛାଡ଼ି ଚାଲିଯିବ ତାର ମାମୁଁ ଘର ଗାଁକୁ ପଢ଼ିବାକୁ। ପୂର୍ଣ୍ଣି ବଡ଼ ବ୍ୟାକୁଳ ହୋଇଉଠିଲା ! ତାକୁ କାନ୍ଦ ମାଡ଼ିଲା। ସେ କହିଲା—ମୀରା, ମୁଁ ଆଉ ଫାଷ୍ଟ ହେବିନି। ତୁ ଫାଷ୍ଟ, ମୁଁ ପଛେ ସେକେଣ୍ଡ୍ ହେବି। ତେବେ କହିଲୁ ତୁ ଫାଷ୍ଟ ହେଲେ ଏଠାରେ ପଢ଼ିବୁ ନା ?

ମୀରା ଦେଖିଲା—ତାର ପୂର୍ଣ୍ଣିଭାଇର ଆଖିରେ ଲୁହ। ମୀରା ସବୁ ସହିପାରେ; କିନ୍ତୁ ତା ପୂର୍ଣ୍ଣିଭାଇର କୌଣସି ଦୁଃଖ ସହି ପାରେନା। ସେ କହିଲା ନାଇଁ ପୂର୍ଣ୍ଣିଭାଇ, ମୁଁ ଯିବିନି। ତୁ କାନ୍ଦନା। ତୁ ଯଦି କାନ୍ଦିବୁ ମୁଁ ପଳେଇବି।

ସ୍କୁଲ ଘଣ୍ଟା ବାଜିଲା। ମୀରା ଆଉ ପୂର୍ଣ୍ଣି ଘଣ୍ଟା ଶୁଣି ଦଉଡ଼ିଲେ ପରୀକ୍ଷା ଘର ଭିତରକୁ।

ସେଦିନ ଥାଏ ଗଣିତ। ପ୍ରଶ୍ନ ଆସିଗଲା। ମାଷ୍ଟ୍ରମାନେ ପ୍ରତ୍ୟେକ ପିଲାକୁ ଠିକ୍ ଟାଇମରେ ଦେଇଗଲେ। ପିଲାମାନେ ପ୍ରଶ୍ନକୁ ନିଜ ନିଜ ମୁଣ୍ଡରେ ମାରି ଆରମ୍ଭ କଲେ।

ଠିକ୍ ଟାଇମ୍ ହେଲା। ପରୀକ୍ଷା ଶେଷ ଘଣ୍ଟା ବାଜିଲା। ପିଲାଏ ଖାତା ଦେଇ ଆସିଲେ। କୋଳାହଳରେ ଦାଣ୍ଡ କମ୍ପି ଉଠିଲା। କିନ୍ତୁ ପଛରେ ଚୁପ୍‌ଚାପ୍ ଦୁଇଜଣ ଟୁପୁରୁ ଟାପର ହୋଇ ଯାଉଥିଲେ ମୀରା ଆଉ ପୂର୍ଣ୍ଣି।

ଏତିକିବେଳେ ପଛରୁ ଡାକିଲେ ରାଜୁବାବୁ, ପୂର୍ଣ୍ଣି ଶୁଣିଲୁ। ପୂର୍ଣ୍ଣି ଠିଆ ହେଲା। ବାପାଙ୍କ ପାଖକୁ ଗଲା ପୂର୍ଣ୍ଣି ଅତି ଧିର ନମ୍ର ପିଲା ପରି। ତା ସାଙ୍ଗରେ ମଧ୍ୟ ମୀରା ଗଲା।

ରାଜୁବାବୁ ପଚାରିଲେ, କରେ ପୂର୍ଣ୍ଣି କେତେ ଖଣ୍ଡ ଅଙ୍କ ଠିକ୍ କରିଛୁ।

—"ପୂର୍ଣ୍ଣି ଉତ୍ତର ଦେଲା—ତିନି ଖଣ୍ଡ।"

—"ରାଜୁବାବୁ ପ୍ରଶ୍ନ କଲେ—କରେ, ଆଉ ଦୁଇ ଖଣ୍ଡ—?"

ପୂର୍ଣ୍ଣି—ଆସିଲା ନି।

ରାଗିଗଲେ ରାଜୁବାବୁ। ମୁଣ୍ଡରେ ତାଙ୍କର ବଜ୍ର ପଡ଼ିଲା। ଭାବିଲେ ହୃଦୟରେ ତାଙ୍କର ଯେଉଁ ଆଶାର ଶଉଧ ଅଛି ପୂର୍ଣ୍ଣି ବୋଧେ ପୂରଣ କରିପାରିବ ନାହିଁ।

ରାଜୁବାବୁ ମୀରାକୁ ପଚାରିଲେ—ତୁ କେତେ ଖଣ୍ଡ ଅଙ୍କ କରିଛୁ।

ମୀରା କହିଲା—ପାଞ୍ଚ ଖଣ୍ଡ—

ବଡ ସରମ ଲାଗିଲା ରାଜୁବାବୁଙ୍କୁ। ଝିଅଟା, ସେ କଲା ପାଞ୍ଚ ଖଣ୍ଡ କିନ୍ତୁ ପୂର୍ଣ୍ଣି କରିଛି ତିନି ଖଣ୍ଡ। ରାଗିଗଲେ ରାଜୁବାବୁ। ରାଗ ସମ୍ଭାଳି ନ ପାରି ଦୁଇଚାପୁଡ଼ା ଦେଲେ ପୂର୍ଣ୍ଣିକୁ। ଦୁଃଖରେ ତାଙ୍କର ହୃଦୟ ଫାଟିପଡ଼ିଲା। ସେ ମୁହଁ ବୁଲାଇ ଫେରିଲେ।

ମୀରା ବଡ଼ ଦୁଃଖୀତ ହେଲା। ପୂର୍ଣ୍ଣିଭାଇର ଏପରି ଦୁରାବସ୍ଥା ଦେଖି ସେ କହି ପକାଇଲା—ପୂର୍ଣ୍ଣିଭାଇ, ତୁମ୍ଭେ ଏତେ ସହଜ ଅଙ୍କ ପଢ଼ିଥିଲା କରିପାରିଲ ନି। ଯଦି ତୁମ୍ଭଙ୍କୁ ନ ଆଇଲା ମତେ

କହିଲନି ମୁଁ ଦେଖାଇ ଦେଇଥାଆନ୍ତି । ତୁମେ ମିଛରେ ମାଡ଼ ଖାଇଲ ।

ପୂର୍ଣ୍ଣି କହିଲା—ନାଇ ଲୋ ମିରା ! ମୋତେ କଣ ଆସିଲା ନା ଏଇ କେତେ ଖଣ୍ଡ ଅଙ୍କ । ଯଦି କହିବୁ ସବୁ କରିଦେବି ।

ମୀରା କହିଲା—"ତେବେ ତୁ କାହିଁକି କଲୁନି ?"

ପୂର୍ଣ୍ଣି ହସି ହସି କହିଲା—ଆଉ ମୁଁ ଯଦି ସବୁ କରିଥାନ୍ତି, ତେବେ ମୁଁ ଫାଷ୍ଟ ହେଲେ ତୁ ଏଠାରେ ପଡ଼ି ନ ଥାନ୍ତୁ । ଚାଲାଇ ଯାଇଥାନ୍ତୁ । ସେଇଥି ପାଇଁ ପରା ଆସୁଥିଲା କଲିନି । ବାପାଙ୍କୁ ମିଛରେ କହିଦେଲି ଆସିଲାନି ।

ପରୀକ୍ଷା ଫଳକୁ ଅପେକ୍ଷା କରିଛନ୍ତି ପଧାନେ । ଫଳ ବାହାରିଲେ କପରି ସେ ସାର୍ଟିଫିକେଟନେଇ ତାଙ୍କର ଝିଅକୁ ତାର ମାମୁଁ ଘରେ ଗୁଡ଼ି ଦେବେ । ଆଉ ତା ସାଙ୍ଗରେ ତାର ଭଲମନ୍ଦ ଦେଖିବାକୁ ପଠାଇବେ କୁନ୍ତଳାକୁ । କୁନ୍ତଳା ମଧ୍ୟ ସେଥିରେ ରାଜି ହୋଇଯାଇଛି ।

ଫଳ ବାହାରିଛି । ମୀରା ହୋଇଛି ଫାଷ୍ଟ, ଆଉ ପୂର୍ଣ୍ଣି ହୋଇଛି ସେକେଣ୍ଡ । ପୂର୍ଣ୍ଣିର ମନ ବଡ଼ ଆନନ୍ଦ । ତାର ମୀରା ହୋଇଛି ଫାଷ୍ଟ, ସେ ଆଉ ଯିବନି ତାର ମାମୁଁ ଘରକୁ । ସେ ଏଇଠାରେ ରହିବ । ଉଭୟେ ବାଲ୍ୟଜୀବନଟାକୁ ସୁଖମୟ କରି ଗଢ଼ିବେ, ପୁଣି ଏହି ଧୂଳିଦାଣ୍ଡ ଜାମୁ କୋଳି ଗଛମୂଳେ ।

କିନ୍ତୁ ପୂର୍ଣ୍ଣିର ସବୁ ସ୍ୱପ୍ନ ବିଫଳ ହୋଇଛି । ମୀରା ଫାଷ୍ଟ ହେଲେ ସୁଦ୍ଧା ଆଉ ସେ ଏଠାରେ ରହି ପଢ଼ିବନି । ସେ ଯିବ

ତାର ମାମୁଁ ଘର ଗାଁରେ ରହି ପଢ଼ିବ । ଏକଥା ଶୁଣିଲା ଦିନୁ ପୂର୍ଣ୍ଣି ଆଉ ଯାଏନି ମୀରା ଘରକୁ ଖେଳିବାକୁ କି ମୀରା ଆସେନି ପୂର୍ଣ୍ଣି ଘରକୁ । ପୂର୍ଣ୍ଣି ଏକାକି ମନ ଦୁଃଖରେ ଘରେ ବସି ରହେ, ଛବି ଆଙ୍କେ । ଖେଳିବାକୁ ଆଉ ତାର ମନ ଭଲ ଲାଗେନି । କେମିତି ନିଘୁଞ୍ଚିଆ ବନ୍ଧୁ ହରା ଭଳି ଲାଗେ ।

ମୀରା ଘରେ ବସିଛି । ପୂର୍ଣ୍ଣି ଭାଇକୁ ବହୁଦିନରୁ ନ ଦେଖି ତାର ମନ ବଡ଼ ବ୍ୟାକୁଳ ହୋଇଉଠିଲାଣି । ବଡ଼ ଦୁଃଖ ଅନୁଭବ କରୁଛି ମନେ ମନେ—ତାର ପୂର୍ଣ୍ଣି ଭାଇକୁ ଛାଡ଼ିକରି ସେ ଯିବ । ସେଇ ଦୋଷରେ ତାର ପୂର୍ଣ୍ଣି ଭାଇ ଆଉ ଆସୁ ନାହିଁ ଖେଳିବାକୁ ସତକଥା । ଭାବିଲା, ମୋ ବାକ୍ୟ ମୁଁ ରକ୍ଷା କରିନାହିଁ; କେମିତି ଯିବ କଣ କହିବ ପୂର୍ଣ୍ଣି ଭାଇକୁ । ବାପାଙ୍କୁ ସେ ବହୁଥର କହିଲାଣି ସେ ଫାଷ୍ଟ ହେଲା ଏଇଠାରେ ପଢ଼ିବ—ତା ପାଇଁ କୁନ୍ତୀ ବି ବହୁ ଆପତ୍ତି କଲେଣି ଯେ, ପିଲାଟା ଯଦି ଉତ୍ସାହ ହେଲାଣି ଏଇଠାରେ ପଢ଼ୁ; କିନ୍ତୁ ବାପାଙ୍କର ଏକଜିଦ୍ ସେ ମାମୁଁ ଘରକୁ ଯିବ ପଢ଼ିବାକୁ । କଣ କରିବ କିଛି ଭାବିପାରିଲା ନି ମୀରା—

ଦିନପରେ ଦିନ ଗଡ଼ି ଚାଲେ । ସମୟ କାହାକୁ ଅପେକ୍ଷା କରେନି । ବାକି ଆଉ ଦୁଇଦିନ । ମୀରା ଯିବ ତାର ମାମୁଁ ଘରକୁ । ମୀରା ଭାବିଲା କଣ କରିବ । ହଁ ନିଶ୍ଚୟ ସେ ଯିବ ତାର ପୂର୍ଣ୍ଣି ଭାଇକି ଦେଖିବାକୁ । ଯେତେବେଳେ ସେ ତାକୁ ଛାଡ଼ି ଦେଇଯାଉଛି କଣ ଟିକିଏ ଦେଖାକରି ଯିବନି । ଯଦି ଦେଖା ନ କରେ ତା ପୂର୍ଣ୍ଣି ଭାଇ ତାକୁ କଣ ବୋଲି ଭାବିବ ।

ସେଦିନ ଦିନ ଖରାବେଳ । ମୀରା ଯାଇଥାଏ ଦେଖା କରିବାକୁ ତାର ପୂର୍ଣ୍ଣି ଭାଇ ଘରକୁ । ବହୁଦିନ ହେଲା ମୀରାକୁ ନ ଦେଖି ପୂର୍ଣ୍ଣି

କଣ୍ଠ ଭାବ୍‌ବଶ୍ଚ ହୋଇ ଯାଇଥିଲା । ଦେଖିଲାକ୍ଷଣି ଉଠି ଠିଆହେଲା । ବହୁଦିନର ଅଦେଖା । ଉଭୟଙ୍କର ଥିଲା ଅଗାଢ଼ ସ୍ନେହ । ସେହି ସ୍ନେହ ନେଇ ଉଭୟ ବାହାର ପଡ଼ିଲେ ଘେରାଏ ବୁଲି ଆସିବାକୁ । ପୂର୍ଣ୍ଣ ଭାବିଲା ମୀରା ବୋଧେ ଆଜ ଯିବନି ତାର ମାମୁଁ ଘରକୁ । ସେଇଥିପାଇଁ ଆସିଛି ମୋ ସାଙ୍ଗେ ଖେଳିବାକୁ । ଉଭୟଙ୍କ ମନରେ ଖେଳିଗଲା କ୍ଷଣକପାଇଁ ଆନନ୍ଦର ପ୍ରହେଳିକା ।

ପୂର୍ଣ୍ଣ କହିଲା—ମୀରା, ଚାଲେ ଯିବା ଜାମୁକୋଳି ଖାଇବାକୁ । ମୀରା ମନଟି ଶୁଖି ଯାଇଥାଏ । ସେ ଛାଡ଼ି ଚାଲିଯିବ ତାର ସେହି ପୂର୍ଣ୍ଣଭାଇକୁ ଆଉ ଦିନକେଇଟା ପରେ । ସେଥିପାଇଁ ସେ କିଛି ନ କହି ତାର କଥାରେ ଗଲା ।

ମୀରା ଦେଖିଲା—ସେହି ଜାମୁକୋଳି ଗଛ । ସେହି ଭାଇ ପୂର୍ଣ୍ଣଭାଇ—ତାକୁ ଛାଡ଼ି ଯିବ । ବଡ଼ ଦୁଃଖ ଲାଗିଲା ମୀରାକୁ । ଆଖିରୁ ତାର ଗଡ଼ି ପଡ଼ିଲା ଶ୍ରାବଣର ଧାରା ପରି କେଇ ଟୋପା ଲୁହ ।

ପୂର୍ଣ୍ଣ ଦେଖି, ଆଶ୍ଚର୍ଯ୍ୟ ହେଲା । ପଚାରିବାକୁ ସାହସ ଥିଲେ ମଧ୍ୟ ହୃଦୟରେ ତାର କେମିତି କେମିତି ଲାଗେ ପିଞ୍ଜରା-ଶୁଆକୁ ଭଳିପଡ଼ିଲା ପରି ଲାଗିଲା କେଉଁ ଭୟ ଆଶଙ୍କାରେ । ତଥାପି ବଳେ ପଚାରିଲା—ମିରା ! ତୁ କାହିଁକି କାନ୍ଦୁଛୁ । ତୋର କଣ ହୋଇଛି କି ? ତୁ କଣ ଏଥର ମାମୁଁ ଘରକୁ ଯାଉଚୁ କି, ତୁ କାନ୍ଦୁଛୁ—

ମୀରା ଥରିଲା ଥରିଲା କଣ୍ଠରେ କହିଲା—ହଁ ପୂର୍ଣ୍ଣଭାଇ, ମୁଁ ଯାଉଛି କାଲି ସକାଳେ—ବନ୍ଦ ହୋଇଗଲା ମୀରାର କଣ୍ଠସ୍ୱର ।

କେବଳ ଉଭୟ ଉଭୟଙ୍କୁ ନିର୍ବାକ ହୋଇ ଚୁହିଁ ରହିଥିଲେ ସେଠାରେ । କେହି କାହାକୁ କିଛି କହି ପାରି ନଥିଲେ । ଉଭୟଙ୍କ ଆଖିରୁ ଗଡ଼ି ଯାଉଥିଲା ଧାର ଧାର ଲୁହ । ନାନା ପ୍ରଶ୍ନ ଉଙ୍କିଉଠୁଥିଲା ଉଭୟଙ୍କ ମନ ଭିତରେ । କେହି କାହାକୁ କିଛିକହି-ପାରୁ ନଥିଲେ । ଉଭୟଙ୍କର ସ୍ନେହରେ ଉଭୟ ଜଡ଼ିତ ଥିଲେ, ସେଥିପାଇଁ କେହି କାହାକୁ ଛାଡ଼ି ପାରୁ ନ ଥିଲେ ।

ସ୍ମୃର୍ତ୍ତି ଧରିଥିଲା, ନିଜ ହାତତିଆରି ଏକ ଛବି । ସେ ଯେଉଁ କେଇଦିନ ଯାଇ ନ ଥିଲା ବୁଲିବାକୁ, ସେହି କେଇ ଦିନରେ ବସି ଆଙ୍କିଥିଲା—ମନକୁ ମନାଇ ମୀରାର ଏକ ଫଟୋ କଲାରଙ୍ଗର କଲର ଦେଇ । ସେ ହୋଇଥିଲା ଅତି ଚମତ୍କାର । ମୀରା କଥା ଅନୁଯାଇ ସେ ଛବି ଆଙ୍କୁ ଥିଲା—ଆଣିଥିଲା ତାକୁହିଁ ଦେବାପାଇଁ, ସେ ଦେଖିବ । କହିବ—ସ୍ମୃର୍ତ୍ତିଭାଇ ମୋ ପାଇ ଆଜ ଆଙ୍କିଛୁ, ଆଜ ମତେ ଦିଅ, ମୁଁ ଦେଖିବ ।

ସ୍ମୃର୍ତ୍ତି ମୁହଁ ବୁଲାଇ ଫେରିଲା—ଧରିଥିବା ଫଟୋଟି ଖସି ପଡ଼ିଲା ହାତରୁ ।

ମୀରା ପଛରେ ଦେଖିଲା—ଗୋଟିଏ ଅତି ସୁନ୍ଦର ଫଟୋ । ଯତ୍ନରେ ଟୋକେଇ ନେଲା । ଆଖି ବୁଲାଇ ଆଣି ଦେଖିଲା—ଆଶ୍ଚର୍ଯ୍ୟ ହେଲା ତାର ସ୍ମୃର୍ତ୍ତିଭାଇର ହାତ ଅଙ୍କା ଫଟୋ ଦେଖି । ସେ ଆଙ୍କିଥିଲେ ଓ ଆଣିଥିଲେ ବୋଧେ ହୁଏ ତାର ପାଇଁ ।

ପ୍ରଧାନେ ମୀରାର ନାମଟା ଲେଖେଇ ଦେଇ ସାରିଥାନ୍ତି ତାର ମାମୁଁ ଘର ଗାଁ ହାଇସ୍କୁଲରେ । ମୀରା ପଢ଼ିବ ମାଟ୍ରିକୁଲେସନ୍ କୋସ୍ ସ୍କୁଲକୁ ଆସିଗଲାଣି । ତେଣୁ ପ୍ରଧାନେ ଟିକଏ ତରବର ।

ମୀରା ଆଜ କୁନ୍ତୀକୁ ଜଗୁ ଶଗଡ଼ିଆକୁ ଡାକ ବନ୍ଦୋବସ୍ତ କରିବାକୁ ବସିଛନ୍ତି । ଶଗଡ଼ିଆ ବସିଛି । ମୀରା ଆଜ ତା ସାଙ୍ଗରେ କୁନ୍ତୀକୁ ନେଇ ଛାଡ଼ିଦେଇ ଆସିବ ଛତିଆରେ ।

ଛତିଆ ଗାଁରେ ମୀରାର ମାମୁଁ ଘର । ଗୋବିନ୍ଦପୁରଠାରୁ ପ୍ରାୟ ଦୁଇମାଇଲ । ମୀରାର ସବୁ ଜିନିଷପତ୍ର ଶଗଡ଼ରେ ଲଦା ହେଲା । ମୀରା ଆଉ କୁନ୍ତୀ ଶଗଡ଼ରେ ବସିଲେ । ଜଗୁ ବଳଦ ଯୋଡ଼ା ଟାକରା ମାରି ଅଡ଼େଇବାକୁ ଲାଗିଲା ।

ଗାଁର ଶେଷ ଆଡ଼କୁ ଠିକ୍ ଯାଙ୍କର ଯେଉଁବାଟେ ଶଗଡ଼ ଯିବ, ସେଇବାଟରେ ତାର ପୂର୍ଣ୍ଣିଭାଇର ଘର । ମୀରାଙ୍କ ମନ ବ୍ୟସ୍ତ ହୋଇ ଆସିଲା— ଶଗଡ଼ ଯେତେ ଘରର ନିକଟରୁ ନିକଟତମ ହୋଇ ଆସୁଥାଏ ମୀରାର ମନ ସେତେ ଚଞ୍ଚଳ ହୋଇ ଉଠୁଥାଏ ଦେଖିବାପାଇଁ ସେ ତାର ପୂର୍ଣ୍ଣିଭାଇକୁ । ସେ ଆଜ ଯାଉଛି । ତାର ପୂର୍ଣ୍ଣିଭାଇ, ଏଇ ଧୂଳିଖେଳ, ଏଇ ସ୍କୁଲକୁ ଛାଡ଼ି । ଭାବୁଥିଲା—କାଳେ ତାର ପୂର୍ଣ୍ଣିଭାଇ ମୋ ବାଟକୁ ଚାହିଁ ବସିଥିବ କି । କିନ୍ତୁ ସବୁ ବୃଥା ଫଳ, କିଛି ହେଲାନି । ଆଖି ତାର ଲୋତକରେ ଛଳଛଳ ହୋଇ- ଆସିଲା -

ଗାଁ ମୁଣ୍ଡ ଶେଷ ସିଦ୍ଧଗିରି ମୁଣ୍ଡିଆ । ପୂର୍ଣ୍ଣି ବସିଥିଲା ସେଇଠି । ସେପରି କାହାର ଅପେକ୍ଷାରେ, ତାର ପାଖକୁ ଥିଲା ତାର ସେଇ ସବୁଦିନିଆ ପରିଚିତ ଜାମୁକୋଳି ଗଛ । ଯାହାକୁ ଆଜ ଛାଡ଼ି ଚାଲିଯାଉଛି ମୀରା ।

ଦୂରରୁ ଶବ୍ଦ ଆସିଲା ରୁଣୁ ଝୁଁଣୁ ଝୁଁଣୁ ରୁଣୁ । ପୂର୍ଣ୍ଣି ଦେଖିଲା— ପଧାନଙ୍କର ଶଗଡ଼ ଆସୁଛି । ବଳଦଙ୍କର ଘୁଙ୍ଗୁରର ଆୱାଜ

ସୁସ୍ଥେ ସୁ ହୋଇ ଆସୁଛି । ମୀରା ଯାଉଛି ସେଇଦିନରେ । କେଉଁ ଅଜଣା ଆଶଙ୍କାରେ ତାର ଦେହରେ ଗୋଟିଏ ଝଡ଼ର ସିହରଣ ଖେଳିଗଲା । ଦେଖିଲା, ଆଗରେ ବସିଛି ତାଙ୍କ ସୁନ୍ଦର ଜଗୁଆ । ଅଡ଼ାଉଛି ବଳଦ । ନିକଟକୁ ଗଲା—ଗୁଳା ଉପରେ ହାତ ବୋଳାଇଲା । ଜଗୁଆ ପୂର୍ଣ୍ଣିକୁ ଦେଖି ବଳଦ ରୋକାଇଲା । ପୂର୍ଣ୍ଣି କହିଲା, ମୀରା ଯାଉଛି ତାର ମାମୁଁ ଘରକୁ ଛଡ଼ିବାପାଇଁ ତାର କୁନ୍ତଳା ମାଉସୀ ସାଙ୍ଗରେ । ଦୁଃଖରେ ତାର ଆଖି ଛଳ ଛଳ ହୋଇଗଲା—ଧରିଥିବା ଠୁଙ୍ଗାଟି ବଢ଼ାଇ ଦେଲା । କୁନ୍ତଳା ଦେଖିଲା—ପୂର୍ଣ୍ଣି କଣ ଦେଉଛି । ଭାବିଲା, ବୋଧେ ମୀରା ପାଇଁ କଣ ଆଣିଛି । ପୂର୍ଣ୍ଣି ହାତରୁ ଠୁଙ୍ଗାଟିଏ ନେଇ ଦେଖିଲା—ଅତି ସୁନ୍ଦର ସୁନ୍ଦର ଜାମୁକୋଳି କେତେଗୁଡ଼ାଏ ।

ଶଗଡ଼ ଚାଲିଲା । ପୂର୍ଣ୍ଣି ମୁହଁକୁ ବୁଲାଇ ଫେରିଲା—ମୁହଁରେ ନ ଥିଲା ହସ—ହୃଦୟରେ ନ ଥିଲା ଆନନ୍ଦ । ସେ ଆଉ କେଉଁଠି ଚାହିଁ ନ ଥିଲା କାହାକୁ ।

ମୀରା ଦେଖିଲା ତାର ସେହି ଅତି ଆପଣାର ପୂର୍ଣ୍ଣିଭାଇ—ମୁହଁବାଟେ ଦେଖୁଥିଲା—କିଛି କହିପାରୁ ନ ଥିଲା । ଛଳ ଛଳ ନେତ୍ର ଭିତରେ ଦେଖୁଥିଲା କେବଳ ତା ଠାରୁ ଦୂରେଇ ଦୂରେଇ ଯାଉଛି ତାର ସେହି ପୂର୍ଣ୍ଣିଭାଇ—

ଯୁଦ୍ଧ ସମୟ । ସରକାରଙ୍କଠାରୁ ସହର, ଗ୍ରାମ, [illegible]-ଲୋକଙ୍କର ଚହଳ । ପତ୍ର ପତ୍ରିକାରେ ପ୍ରତି ଘଟଣାବଳୀ ଠିକଣାଣି [illegible] ଲେଖୁଛି ।

ଦାଣ୍ଡ ପିଣ୍ଡାରେ ବସିଥିଲେ ରାଜୁ, ଆଖି ବୁଲୁଥିଲା ଆଖୁପାଖି ସମାଜଟା ଉପରେ । ହଠାତ୍ ତାଙ୍କ ଆଖି ଗୋଟିଏ କାଗଜରେ ଅଟକି ଗଲା । ପଢ଼ିଲା, ଲେଖାଥିଲା ଯୁଦ୍ଧ ସଙ୍କଟ ଯୋଗୁଁ ପ୍ରତ୍ୟେକଙ୍କର ଏ ମାସ ଦରମା ବନ୍ଦ ।

ବଡ଼ ବ୍ୟସ୍ତ ହୋଇପଡ଼ିଲେ ସେ । ଦୁଇମାସ ହେଲା ଲୋକଙ୍କୁ ଦରମା ମିଳୁନାହିଁ । ଘରେ ଗୋଟିଏ ବୋଲି ପଇସା ନାହିଁ । ପୁଅ ପୂର୍ଣ୍ଣ ମାଟ୍ରିକୁଲେସନ୍ ପଢ଼ୁଛି । ପଇସା ପ୍ରଚୁର ଖର୍ଚ୍ଚ । ଟିଉସନ୍ ଫି, ପାଠ୍ୟ ପୁସ୍ତକ, ଖାତାପତ୍ର ଇତ୍ୟାଦି । ଘରେ ଧାନ ଚାଉଳ ଅଛି ସିନା, ହେଲେ ବର୍ତ୍ତମାନ ଯେଉଁ ସମସ୍ତ ବଜାରର ଅନ୍ୟାନ୍ୟ ଜିନିଷପତ୍ର, ପନିପରିବା ଭାଉ ହୁ ହୁ ହୋଇ ବଢ଼ୁଛି । ଅତି କମ୍‌ରେ ଦିନକୁ ଦୁଇଟଙ୍କା ଖାଲି ବାହାରେ ବାହାରେ ଖର୍ଚ୍ଚ । ତାଙ୍କ ମୁଣ୍ଡଉପରେ ଗୋଟେ ଦୁଃଖର ଘନଛାୟା ଢାଙ୍କି ପଡ଼ିଲା । ସେ ଅନୁଭବ କରୁଥିଲେ ଦିନକୁ ଦିନ ଯେପରି ତାଙ୍କୁ ଅଭାବ ଅନାଟନ ଘେରି ଆସୁଛି । ତା ମଧ୍ୟରେ ବିଶେଷତଃ ପୂର୍ଣ୍ଣକୁ କିପରି ମଣିଷ କରିବେ ।

ମନେ ପଡ଼ିଗଲା ତାଙ୍କର ସ୍ତ୍ରୀଙ୍କ କଥା—ତେବେ ପଦ୍ମମା ଯାହା କହୁଥିଲା, ଠିକ୍ ସେ କଣ ପୂର୍ଣ୍ଣକୁ ମଣିଷ କରି ପାରିବେନି ।

ପଦ୍ମମା ମଧ୍ୟ ଏଣିକି ଟିକିଏ ଚିଡ଼ ଚିଡ଼ ହେଲେଣି କାହିଁକି କେଜାଣି ରାଜୁଙ୍କ ଉପରେ । ତାଙ୍କର ବାପଘରୁ ଆଣିଥିବା କେତେଟା ଜିନିଷ ବିକ୍ରି ହୋଇଗଲାଣି ଏହି ଅଭାବ ଅନାଟନ ଦୂର କରିବାପାଇଁ । ବହୁଥର କହିଲେଣି, ତୁମଙ୍କୁ କଣ ଆଉ ଚାକିରି ମିଳୁ ନ ଥିଲା । ଏଇ କିରାଣି ଚାକିରି ଛଡ଼ା ଏଇଥିରେ କହୁଥିଲେ,

ଯେ ନିଜ ପେଟଖଣ୍ଡ ପାଇଁ ରୋଜଗାର କରିପାରୁ ନାହାନ୍ତି ସେ ପୁଣି ପୁଅକୁ ବଡ଼ ମଣିଷ କରିବ ।

ଏଇ କଥା ପଦକ ପଦ୍ମମାଙ୍କର, ରାଜୁଙ୍କୁ ବଡ଼ ଦୁଃଖ ଲାଗେ । ରାଜୁ ଆଉ ତାଙ୍କ ସ୍ତ୍ରୀକୁ କିଛି କହିପାରନ୍ତି ନି । ଏଣ୍ଡ୍ରା କରାଣି ଚାକିରି ଉପରେ ବିରକ୍ତ ଆସେ । ମନହୁଏ, ଯେପରି ସମସ୍ତଙ୍କୁ ଯାଇ ମନାକରି ଦିଅନ୍ତେ, ଆଉ ଏ କରାଣି ଚାକିରି କରି ଦିନରାତି ଫାଇଲ୍ ଘାଣ୍ଟିବାକୁ । ଭାବନ୍ତି ଫାଇଦା କଣ !! ଯଦି ଦିନରାତି ଖଟିଖଟି ପେଟକୁ ମୁଠେ ଆହାର ଠିକ୍ ମୁତାବକ ଖାଇ ପାରିଲେ ନାହିଁ, ତେବେ ସେଥିରେ ଲାଭ କଣ ?

କିନ୍ତୁ ଏ କଥାର ଶୋଚନା ନ ଥାଏ ପୂର୍ଣ୍ଣିର । ତାକୁ ଏଣିକି କେମିତି କେମିତି ନିଗୁଡିଆ ଲାଗେ । ଲୋକେ କହନ୍ତି—ପୂର୍ଣ୍ଣି ଆଗପରି ଆଉ ଫାଜିଲ୍ ନାହିଁ କି ସେପରି ଖରା ନାହିଁ ତରା ନାହିଁ ବୁଲୁଥିଲା, ସେ ଆଉ ବୁଲୁନି କି ଜାମୁକୋଳି ଖାଇବାକୁ ଯାଉନି । ଯେଉଁଠି ବସୁଛି ଚୁପ୍ ହୋଇ । ଦିନକୁ ଦିନ ଦୁର୍ବଳ ଓ ନିସ୍ତେଜ ଭଳି ଦେଖାଯାଉଛି । ଚୁପ୍ ହୋଇ ବସି ଛବି ଅଙ୍କାରେ ଦିନ କଟାଇ ଦେଉଛି । ମୀରାକୁ ହରାଇଲା ଦିନଠାରୁ ପ୍ରଧାନ ସାଥୀ ହୋଇଛି ତାର ସେହି ଛବି ।

ପୂର୍ଣ୍ଣି ବେଳେବେଳେ ଲୁହ ଗଡ଼ାଏ । ଲୁଚି ଲୁଚି କାନ୍ଦେ । ଆଖିର ଲୁହ ଗାଲ ଉପରେ ପଡ଼େ । ଶେଷରେ ସେ ହାତ ପାପୁଲିରେ ତାକୁ ପୋଛେ, ଚୁପ୍ ହୋଇ ରୁହେ । ଲୋକେ ଯଦି ଦେଖନ୍ତି କେହି କିଛି ବୁଝିପାରନ୍ତି ନି ।

ଯେଉଁ ଦିନଠାରୁ ମୀରା ଫାଷ୍ଟ ହୋଇଛି । ସେହି ଦିନଠାରୁ ଆଉ ପୂର୍ଣ୍ଣ ଫାଷ୍ଟ ହୋଇପାରିନି । ଫାଷ୍ଟ ହେବାକୁ ମଧ୍ୟ ଦିନକ ପାଇଁ ଚେଷ୍ଟା କରିନି । ମନରେ ତାର ଫାଷ୍ଟ ଡଭିଜନ ପ୍ରତି ଘୃଣା ଆସିଛି । ସେ ଭାବୁଛି, ଫାଷ୍ଟ ହେଲି ବୋଲି ସିନା ଆଜ ସେ ବାଲ୍ୟକାଳର ସାଥୀ ମୀରାକୁ ହରାଇଲି । କେବଳ ସେ ଛବି ଆଙ୍କୁଛି, ଚେଷ୍ଟା କରୁଛି ସେହି ଛବିରେ କପରି ଫାଷ୍ଟ ହେବ ।

ପଧାନେ ବସିଛନ୍ତି ଚଉପାଢ଼ି ଉପରେ । ଭାବୁଛନ୍ତି ଅନେକ କଥା । ତାଙ୍କ ଗୃକର ଜଗୁ ବସିଛି ତାଙ୍କ ପାଖରେ । ଜଗୁ ତାଙ୍କର ବିଶେଷତଃ ପୁରୁଣା ବିଶ୍ୱାସୀ ଭୃତ୍ୟ । ଜମିଦାର ଗଲାଦିନଠାରୁ ଅନେକ ଗୃକର ଗୁଡ଼ିଗଲେଣି; କିନ୍ତୁ ହୁଏତ ସେହି ଜଗୁ ସେହିପରି ଅଛି । ସେ ଯିବାକୁ ଦିନକପାଇଁ ଚେଷ୍ଟା କରିନି । ସେହି ହେଉଛି ତାଙ୍କ ଜମିଦାରି ଆରମ୍ଭରୁ ଶେଷପର୍ଯ୍ୟନ୍ତ ଗୋଟିଏ ପୁରୁଣା ଗୃକର ।

ଏବେ ପଧାନଙ୍କର ମୁଣ୍ଡକୁ ଗୋଟେ ବଡ଼ ଚିନ୍ତା ଘାରିଲାଣି । ଏ ବାଉରିସାଇର ଲୋକଗୁଡ଼ା ବଡ଼ ଜିଦ୍‌ଧରି ଭଗ ଜମି ନେବେ ବୋଲି ବସିଛନ୍ତି । ସେଥିପାଇଁ ତାଙ୍କର ଜମିଗୁଡ଼ା ସବୁ ଏବେ ପଡ଼ିଆ । ବହୁଦିନ ହେଲା ଝିଅ ବି ଗଲାଣି ତାର ମାମୁଁ ଘରକୁ । ସିଆଡ଼େ ଯିବେ ଝିଅକୁ ଦେଖି ଆସିବେ । ଆଉ ତା ସଙ୍ଗେ ସଙ୍ଗେ ବି ସିଆଡ଼ୁ ଗୃକର ଦୁଇ ଗ୍ଧରଟା ନେଇ ଆସିବେ ତାଙ୍କର ଜମିବାଡ଼ି ଚ୍ଛଷ ବାସ କରିବାକୁ ।

ଜଗୁ ବି ଆଗରୁ ସେଇଆ କହୁଥିଲା । ଛତିଆକୁ ଗ୍ଧରି ପାଞ୍ଚ ମାଇଲ ହେବ ମୁଣ୍ଡାସାହି । ସେମାନେ କୁଆଡ଼େ ଭାରି ପରିଶ୍ରମୀ । ସେଠାରୁ ଯାଇଁ ଦୁଇ ଗୃରି ଜଣ ଧରି ଆସିଲେ ମୁଣ୍ଡରୁ ବଡ଼ ଚିନ୍ତା

ଛିବ । ଆଜି ଏ ବାଉରିଙ୍କର ଦାଉରୁ ରକ୍ଷା ପାଇପିବେ । ବିଶେଷତଃ ରଙ୍କୁଆର କଥାରେ ଯେପରି ମାତିଛନ୍ତି ତା ତାଙ୍କ ମୁହଁ କଥା ମୁହଁରେ ମରିବ ।

ଦିନପରେ ଦିନ । ମାସ ପରେ ମାସ । ବର୍ଷ ପରେ ବର୍ଷ । ଏହିପରି ଗୋଟି ଗୋଟି ହୋଇ ଚାରିବର୍ଷ ହେବାକୁ ହେଲାଣି । ମୀରାର ଏ ବର୍ଷ ଇଲେଭେନ୍ଥ କ୍ଲାସ୍ । ସେଠାରେ ସେ ପଢ଼ାରେ ଖୁବ୍ ଧୁରନ୍ଧର ହୋଇଯାଇଛି । ସ୍କୁଲଠାରୁ ବାହାର ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ପ୍ରଶଂସା ସୁନାମର ଗାଆଣି । ମୀରା ସେଠାରେ ପଢ଼ିଲା ଦିନରୁ କ୍ଲାସ୍‌ରେ ଫାଷ୍ଟ ହୋଇ ଆସିଛି । ମାଟ୍ରିକୁଲେସନ୍ ପରୀକ୍ଷାରେ ଫାଷ୍ଟ ହେବାର ଅଛି ବୋଲି ମାଷ୍ଟରଠାରୁ ଆରମ୍ଭ କରି ସବୁ ପିଲାଙ୍କର ଆଶା ।

ମୀରା ଏହିପରି ଅନେକ ଭାବେ, ଯେତେବେଳେ ଏକୁଟିଆ ବସିଥାଏ । ଯେଉଁ ଦିନୁ ସେ ତାର ପୂର୍ଣ୍ଣିଭାଇ ଓ ଗାଁ ମାଟି ସ୍କୁଲ ଜାମୁକୋଳି ଗଛକୁ ଛାଡ଼ିଆସିଛି, ତାର କୁନ୍ତୀ ମାଉସୀ ସାଙ୍ଗରେ ମାମୁଁ ଘର ଗାଁକୁ ତା ଯିବନାର ଇଚ୍ଛା ନ ଥାଏ । ଲୋକ ତାକୁ ବୁଝନ୍ତି ନି । କହନ୍ତି, ବାଉଆଣୀଟା କଣ ଏତେ ଭାବୁଛି ବା ।

ମନେପଡ଼େ, ଯେତେବେଳେ ତାର ପୂର୍ଣ୍ଣିଭାଇ କଥା—ଲୁଚି ଲୁଚି ଘଟଣାଗୁଡ଼ିକ ମନ ପକାଇ ଭୁହାଇ ଭୁହାଇ କାନ୍ଦେ ।

ସେ ଅନେକ ସମୟ ପାଉଛି । ଅନେକ ଛୁଟି ପାଉଛି, ଅଥଚ ବଡ଼ୁଥିଲା ତାର କୁନ୍ଦୀ ମାଉସୀକୁ କହୁଛି ଥରେ ଗାଁ ଆଡ଼େ ବୁଲି ଆସିବାକୁ; କିନ୍ତୁ ବାପାଙ୍କର କଡ଼ାକଡ଼ି ଅନୁସାରେ କୁନ୍ଦୀ ମାଉସୀ ତାକୁ ନେଇନାହାଁନ୍ତି । ଅନେକ କଥା କହି ଭୁଲାଇ ଦେଉଛି । ଅନେକ ଚିଠି ଦେଇଛି, ତାର ଉତ୍ତରକୁ ଅପେକ୍ଷା କରିଛି । ଆଖିରୁ ପାଣି ମରିଛି, ଉତ୍ତର ପାଇନି । ସମୟେ ସମୟେ ବଡ଼ ଜଟିଳ ସମସ୍ୟାରେ ପଡ଼େ । ମନରେ ଅନେକ କିଛି ଜଟିଳ ପ୍ରଶ୍ନ ଉଠେ, ସେ ପୁଣି ଅମୀମାଂସିତ ହୋଇ ରହେ । ଆଶା ପୂର୍ଣ୍ଣ ହୁଏନା, ମନର କଥା ମନରେ ମରିଯାଏ ।

ଅନେକ ସମୟରେ ତାର ଖବର ରଖେ । ଗାଁରୁ କେଉଁ ଲୋକ ଆସିଲେ ସେ ପଚାରିବୁଝେ ମୋର ପୂର୍ଣ୍ଣଭାଇକୁ ଦେଖିଛ । ସେ କେମିତି ଅଛି, କଣ କରୁଛି । ଲୋକଙ୍କଠାରୁ ଉତ୍ତର ସଂଗ୍ରହ କରେ । ଲୋକ କହନ୍ତି, କାହିଁ ତାକୁ ତ ଆଉ ବେଶୀ ବୁଲିବାର ଦେଖାଯାଉନି । ତେବେ ପଢ଼ାପଢ଼ି ସେମିତି କରୁଛି । ଏବେ ଟିକିଏ ତାଙ୍କ ପରିବାରର ସଚଳ ଅବସ୍ଥା କମି ଆସିଲାଣି ।

ବଡ଼ ଦୁଃଖ ଆସେ । ମୀରା ମନରେ ଭାବେ, ତେବେ ତାର ପୂର୍ଣ୍ଣଭାଇ କଣ କରୁଥିବ । ନ ଖାଇ ନ ପିଇ ଠିକ୍ ଟାଇମରେ ତା'ର ସେପରି ଦେହେଇଥିବ ନା ନାହିଁ ! ପୁଣି ଭାବେ, ତାର ପୂର୍ଣ୍ଣଭାଇ ବୋଧେ ଭଲ ପଢ଼ାପଢ଼ି କରୁଥିବ । ସେ ଅନ୍ୟର ସାଙ୍ଗସାଥୀରେ ଭଲରେ ଦିନ କଟାଉଥିବ । ସତରେ କଣ ଆଉ ସେ ତାକୁ ମନେ ପକାଉଥିବ । ଭୁଲିଯିବଣି ପ୍ରାୟ ।

ଦିନେ ଦିନେ ତାର ପୂର୍ଣ୍ଣିଭାଇର ଛବି ଅଙ୍କା କଥା ମନେ ପଡ଼େ । ଜାମୁଗଛ ମୂଳରୁ ପାଇଥିବା ଛବିକୁ ଆଣି ଦେଖେ—ଆହାଃ କି ସୁନ୍ଦର ହୋଇଛି ସତେ । ତା ପୂର୍ଣ୍ଣିଭାଇ କଣ ଆଉ ଏହିପରି ଛବି ଆଙ୍କୁଥିବ । ଯଦି ଆଙ୍କୁଥିବ, ତା'ଠାରୁ ଆହୁରି ତ ଭଲ ଆଙ୍କିବଣି ।

ଗାନ୍ଧି ଶିକ୍ଷାଶ୍ରମ ହାଇସ୍କୁଲ ପରୀକ୍ଷା ସରି ଯାଇଛି । ମୀରା ଫାଷ୍ଟ ଡିଭିଜନରେ ସେଣ୍ଟପ୍ ହୋଇଛି । ସେକେଣ୍ଡାରୀ ପରୀକ୍ଷା ଆଉ କେତେଟା ଦିନ—ସେଣ୍ଟର ହୋଇଛି ଝାଙ୍ଗିକୁ । ଏହା ଏବେ ନୂଆ ଖୋଲିଛି । ମନ ତାର ଭାରି ଖୁସି । କେଉଁ ଅଜାଣତରେ ଦେହରେ ଅଜଣା ପୁଲକ ଖେଳି ଯାଉଛି । ଯେପରି ବହୁଦିନର ହଜିବା ପଦାର୍ଥକୁ ପାଇଲା ଭଳି ।

ତାର ପୂର୍ଣ୍ଣିଭାଇ ଆସିବ ପରୀକ୍ଷା ଦେବାକୁ ସେହି ଝାଙ୍ଗି କୋଠସାହି ବିଦ୍ୟାପୀଠକୁ । ସେହିଠାରେ ସେ ଦେଖିବ ତାର ପୂର୍ଣ୍ଣିଭାଇକୁ । ବହୁଦିନର ବିଚ୍ଛେଦର ମିଳନ ହେବ ସେହିଠାରେ । ଉଭୟ ପରୀକ୍ଷା ଦେବେ । ତାର ପୂର୍ଣ୍ଣିଭାଇ ହେବ ଫାଷ୍ଟ, ସେ ହେବ ସେକେଣ୍ଡ । ପୂର୍ଣ୍ଣିଭାଇ ଆଉ ତାର ପାଖରୁ ଯିବନି । ଉଭୟ ପୁଣି ପଢ଼ିବେ ଗୋଟିଏ କଲେଜରେ । ଉଭୟଙ୍କର ଗଢ଼ି ଉଠିବ କେତେ ବାଲ୍ୟଖେଳର ଆକାଶ ଛୁଆଁ ପ୍ରାସାଦ ।

ପରୀକ୍ଷା ମୁଣ୍ଡ ଉପରେ । ସମୟ ନଥାଏ ପୂର୍ଣ୍ଣିକୁ ଟିକିଏ ବିଶ୍ରାମ ନେବାକୁ ।

ଦିନ ଆସି  ଗୋଧୂଳିବେଳରୁ ଗଡ଼ି ଗଲଣି । ପୂର୍ଣ୍ଣିବୋଉ ପଦ୍ମମା ବସିଛନ୍ତି ଚୂଲି ପାଖରେ । ଗୁଡ଼ଜଳ ଅଭାବରୁ ରୁଟି କେତେ ଖଣ୍ଡ କରି ଦେଇଛନ୍ତି ଖାଇବାକୁ । ପଇସାର ଘନଘଟା ଅନ୍ଧାର । ନିଜେ ନ ଖାଇଲେ ଚଳିବ । ପୂର୍ଣ୍ଣି ପିଲାଲୋକ । ସେ କଣ ରହିପାରିବ । ମଝିରେ ମଝିରେ ଟିକଏ ବିରକ୍ତ ହୋଇଉଠୁଛନ୍ତି ତାଙ୍କ ସ୍ୱାମୀ ଉପରକୁ । କମିତିଆ ଲୋକ କେଜାଣି, ସକାଳପହରୁ ଗଲେଣି ଯେ ଏତବେଳଯାଏ ଦେଖା ନାହାନ୍ତି ।

ରାତି ପାହିଲେ ପୂର୍ଣ୍ଣିର ପରୀକ୍ଷା ଫିସ୍ ଦରକାର । ଘରେ ଗୋଟିଏ ବୋଲି ପଇସା ନାହିଁ । ଦରମା ମିଳିବ ମିଳିବ ବୋଲି ଆଜିପର୍ଯ୍ୟନ୍ତ ମିଳିନି । କିଛି ନ ପାଇ ଶେଷରେ ଘରେ ଥିବା ରୁପା ଜିନିଷ ଦେଇଛନ୍ତି, ପୂର୍ଣ୍ଣିବାପା ତାକୁ କେଉଁଠାରେ ବନ୍ଧା ରଖି ଆଣିଲେ ତାର ପରୀକ୍ଷା ଫିସ୍‌ଟା ଚଳିଯିବ । ମନେ ମନେ ଭଗବାନଙ୍କୁ ଡାକୁଛନ୍ତି । ମଝିରେ ମଝିରେ ପୂର୍ଣ୍ଣି କଥା ମନେ ପଡ଼ିଗଲେ ପୂର୍ଣ୍ଣିକୁ ଡାକୁଛନ୍ତି—ପୂର୍ଣ୍ଣି—ରେ ପୂର୍ଣ୍ଣି- କଣ ଏତେ ପଢୁଛୁବା । ଏ ରୁଟିଗୁଡ଼ା ଅଣ୍ଡା ହୋଇଯିବ । ଗରମ ଗରମ ଖାଇ ଦେଇ ଯାଇଁ ପଢ଼ିଲେ ହେବନି ।

ପୂର୍ଣ୍ଣି ଉତ୍ତର ଦେଉଛି, ଯାଉଛି ବୋଉ ! ତୁ ବା'ଡ଼େ ।

ରାଜୁ ହତାଶ ହୋଇଛି । ତା ମୁଣ୍ଡ ବେଳକୁବେଳ ଝାଉଁଝାନ୍ତ ହୋଇଉଠୁଛି । ମନରେ ଯେଉଁ ଆଶାର ଶଉଧ କେଉଁ ଅଜାଣତରେ ଭାଙ୍ଗି ପଡ଼ୁଛି । ପାଖରେ ବସିଛି ସ୍ତ୍ରୀ ପଦ୍ମମା । ଦିନ ଏଗାରଟାବେଳେ ପରୀକ୍ଷା ଫିସ୍ ଦେବାକୁ ହେବ । ନ ଦେଲେ ପୁଅ ପରୀକ୍ଷା ଦେଇପାରିବ ନାହିଁ । ଦେଢ଼ଦିନ ହୋଇଗଲା ବୁଲି

ବୁଲି ଲୁଗା ଜିନିଷକୁ କେହି ରଖିଲେ ନାହିଁ । ଯାହା ଦୁଆରକୁ ଗଲେ ଯେ ଦେଖିଲା ସେ ମୁହଁ ବୁଲାଇ ଦେଲା । କିଏ କହିଲା— ମଲା ଲୁଗା ଜିନିଷଗୁଡ଼ା, କିଏ କହିଲା—ମୋ ପାଖରେ ଟଙ୍କା ନାହିଁ, ପୁଣି ବେଳେବେଳେ ପଚାରୁଛି ବାପା, ଟଙ୍କା ଦିଆହେଲା । ରାଜୁ ମୁଣ୍ଡରେ ବଜ୍ରପାତ ହେଲା ଭଳି ଲାଗୁଛି । ସ୍ତ୍ରୀଙ୍କର ବାକ୍ୟବାଣ ଆଜି ପୁଅର ପ୍ରଶ୍ନରେ ବିସ୍ତୃତ ହୋଇ ପଡ଼ିଥିଲା । କରାଣି ଗୃହକର ଜଗତରେ ବଡ଼ ଘୃଣା ଆସିଥିଲା । କଣ କରିବ, କିଛି ବୁଝିପାରୁ ନ ଥିଲା ।

ଦିନ ଦଶଟା । ହଠାତ୍ ତାଙ୍କର ଚେତନା ଆସିଲା । ଉଠିଲେ ଆଲମିରା ଫିଟାଇଲେ, ବାହାର କଲେ ଗୋଟିଏ ମରହଟି ବାକ୍ସ । ତା ଭିତରୁ ବାଛି ବାହାର କଲେ ଗୋଟିଏ କବଲା । ଠିକ୍ କଥା, ଜମିଗୁଣ୍ଠେ ବନ୍ଧା ଦେଇ ଆଣିବେ ଟଙ୍କା । ପୁଅକୁ ସେ ନିଶ୍ଚୟ ମଣିଷ କରିବେ । କବଲା ଖଣ୍ଡେ ଧରି ବାହାରିଲେ ଗାଁ ମହାଜନ ପଧାନଙ୍କ ପାଖକୁ । ବାରଣ୍ଡାରୁ ଓହ୍ଲାଇଲାବେଳକୁ ବାହାରେ ପୋଷ୍ଟମ୍ୟାନ୍ ଡାକ ଦେଲା—ରାଜୁବାବୁ, ହେ ରାଜୁବାବୁ ଘରେ ଅଛନ୍ତି କି ।

ରାଜୁ ହଠାତ୍ ସ୍ତମ୍ଭିଭୂତ ହୋଇ ଠିଆ ହୋଇଗଲା । ଆଶ୍ଚର୍ଯ୍ୟ ହେଲା, ବାହାରେ ପୋଷ୍ଟମ୍ୟାନ ଡାକୁଛି । ମନରେ ତାଙ୍କର କେତେ ବଡ଼ ଆଶାର ସଞ୍ଚାର ଖେଳିଗଲା । ସେ ଖୁସି ମନରେ ଡାକ ପକାଇଲେ ପଦ୍ମା । ପଦ୍ମା ହେଇ ଦେଖ ଟଙ୍କା ଆସିଛି । ପୋଷ୍ଟମ୍ୟାନ ଟଙ୍କା ନେଇକରି ଆସିଛି ନେଇ ଆସ । ପଦ୍ମା ଦଉଡ଼ିଯାଇ ଦେଖିଲେ ସତକୁ ସତ ପୋଷ୍ଟମ୍ୟାନ୍ ଆସିଛି । ସତେ ଯେପରି ଜଳପ୍ଲାବିତ ନଦୀରୁ ରକ୍ଷାପାଇଲା ପକ୍ଷୀ ମନରେ

ତାଙ୍କର ବନ୍ଧୁ ଆସିଲା । କହି ପକାଇଲେ—ବଞ୍ଚାଇ ଦେଲ ଆମ୍ଭଙ୍କୁ ହେ ଭଗବାନ !

× × × ×

ଟାଙ୍ଗି କୋଠସାହି ବିଦ୍ୟାପୀଠ । ମୀରା ଅପେକ୍ଷା କରିଥିଲା ତାର ପୂର୍ଣ୍ଣିଭାଇକୁ । ଦେଖିଥିଲା ସେ ସ୍କୁଲରେ, ପରୀକ୍ଷା ଦେବାପାଇଁ ଆସିଥିବ ତାର ପୂର୍ଣ୍ଣିଭାଇ । ସେଣ୍ଟର ତାଙ୍କର ଏଇଠାରେ । ମନରେ ଆନନ୍ଦର ସୀମା ନ ଥିଲା ।

ହଠାତ୍ ମୀରା ଶୁଣିବାକୁ ପାଇଲା, ଗୋବିନ୍ଦପୁର ପିଲାମାନେ ଟାଙ୍ଗିରେ ପରୀକ୍ଷା ଦେଉ ନାହାନ୍ତି । ସେମାନଙ୍କର ସେଣ୍ଟର ବଦଳି ହୋଇଯାଇଛି । ସେମାନେ ପରୀକ୍ଷା ଦେଉଛନ୍ତି ଧର୍ମଶାଳା ସ୍କୁଲରେ । ବଡ଼ ଦୁଃଖ ଲାଗିଲା ମୀରାକୁ । ମନେମନେ ସେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଗାଳିଦେଲା—ସେ ବଡ଼ ଅସ୍ପଷ୍ଟ ଗାଳି । ମୀରାର ଆଶାର କଳ୍ପନା କେବଳ କଳ୍ପନାରେହିଁ ରହିଗଲା । ଆଶା କରିଥିଲା ତାର ପୂର୍ଣ୍ଣିଭାଇକୁ ଦେଖିବ । ଏକାଠି ପରୀକ୍ଷା ଦେବ । ପରୀକ୍ଷାରେ କଣ କେମିତି କରିଛି ଜାଣିବ । ପରୀକ୍ଷା ପରେ ଏକାଠି ଘରକୁ ଫେରିବେ; କିନ୍ତୁ ସବୁ ବୃଥା ।

ପରୀକ୍ଷା ସରିବାରେ ଆଜକୁ ଗୋଟେ ସପ୍ତାହ ହୋଇଗଲାଣି । ପୂର୍ଣ୍ଣି ଅନେକ ସମୟ ଭାବୁଛି । ଗୋଙ୍କୁଟି ନଈକୁ ଯାଉଛି । ସିଦ୍ଧଗିରି କାରଣି ପାହାଚ ଉପରେ ମୀରାକୁ ଅପେକ୍ଷା କରି ଫେରୁଛି; କିନ୍ତୁ ମୀରା ଆସିନ । ଭାବୁଛି—ପରୀକ୍ଷା ତ ସରିଗଲା, ମୀରା ଆଉ କଣ କରୁଛି । ତେବେ କଣ ସେ ତାର ପୂର୍ଣ୍ଣିଭାଇକୁ ଭୁଲିଗଲାଣି ! ସେ ଶୁଣିଛି ମୀରା କୁଆଡ଼େ ସେଠାରେ ଭଲ ପଢ଼ୁଛି । ସତ୍ୟ ହୁଏ ? ପୂର୍ଣ୍ଣି ଭାବିଲା—ତେବେ କଣ ମୀରା ଭଲ ପଢ଼ି;

ଭଲପିଲାଙ୍କ ସାଥିରେ ମିଶି, ନୂଆ ସାଙ୍ଗସାଥି ପାଇ ମୋତେ ଭୁଲିଯିବଣି । ଆଉ କଣ ମନେଥିବ ତାର କଥା । ତେବେ ମୀରା ଯଦି ମନେ ରଖିଥିବ; ସେ କଣ ଆଉ ତା ସଙ୍ଗେ ମେଞ୍ଚାଭଳି ଖେଳିବ । ସେ କେଡ଼େଟିଏ ହୋଇଯିବଣି । ମନ୍ତ ତାର ପରିବର୍ତ୍ତନ ହେବଣି । ସତେ କଣ ଆଉ ସେ ଏ ଗରିବ ପୂର୍ଣ୍ଣିଭାଇର କଥା ଭାବୁଥିବ ।

ଏହିପରି ଭାବିଭାବି ତାର କେତେଦିନର ପୁରୁଣା ଛବି ସବୁ ଖେଳେଇ ଦେଖୁଥିଲା । ଏତିକବେଳେ ବାହାରେ କାହାର ଡାକରା ଶୁଭିଲା—ପୂର୍ଣ୍ଣିବାବୁ, ପୂର୍ଣ୍ଣିବାବୁ ଘରେ ଅଛ । ପୂର୍ଣ୍ଣି ଦେଖିଲା, ଡାକୁଛି ଜଗୁ । ସେ ପଧାନଙ୍କର ଚାକର । ଆଶ୍ଚର୍ଯ୍ୟ ହେଲା— ମନରେ ତାର ଖେଳିଗଲା ଏକ ଆନନ୍ଦ । ପଚାରିଲା—କଣ କରେ । ଜଗୁ କହିଲା—ଦେଈ ଆସିଛନ୍ତି; ତୁମ୍ଭଙ୍କୁ ଡକାଇଛନ୍ତି । ପୂର୍ଣ୍ଣି ଆଶ୍ଚର୍ଯ୍ୟ ହୋଇ କହିଲା—ଦେଈ କିଏ ? ଆଏ ମୀରା ଦେଈ— ଏଁ ମୀରା ଆସିଛି । ହଉ—ହଉ —ଯା, ମୁଁ ଯାଉଛି ।

ପୂର୍ଣ୍ଣି ଧୋତି, ସାର୍ଟ ପିନ୍ଧି ବାହାରିଲା ! ପଦ୍ମିନୀ ଡାକିଲା ପଛରୁ କରେ ପୂର୍ଣ୍ଣି, କୁଆଡ଼େ ଯାଉଛୁ । ଗଣ୍ଡେ ଖାଇ ଦେଇ ଯାଉନୁ । ଆସି ଖରାବେଳ ହେଲାଣି । ଆଉ ନ ଖାଇ ଏତେବେଳେ କୁଆଡ଼େ ବୁଲି ବାହାରୁଛୁ । ପୂର୍ଣ୍ଣି କହିଲା—ନାଇଁ ବୋଉ, ମୀରା ଆସିଛି । ମୋତେ ଡକାଇଛି । ମୁଁ ଯାଉଛି ତାର ପାଖକୁ, ଆସିଲେ ଖାଇବି ।

ବଡ଼ ଅଡୁଆରେ ପଡ଼ିଲା ପୂର୍ଣ୍ଣି । ଭାବିଲା—ସତରେ ମୀରା ଆସିଛି । ତେବେ ମୀରା କଣ ଆଉ ପିଲାଦିନଭଳି ଥିବ । ତାକୁ

କଣ ସେ ପିଲାଦିନ ଭଳି ଆଉ ପୂର୍ଣ୍ଣିଭାଇ ଡାକିବ । କେଉଁଠି ଏ ଦେବଣି । ତେବେ ସେ କଣ କହିବ ଗଲେ । ଏହାପରି ଭାବି ଭାବି କେତେବେଳେ ପହଞ୍ଚିଯାଇଛି ପୂର୍ଣ୍ଣି ତାଙ୍କ ଦୁଆର ମୁହଁରେ ତାକୁ ଜଣା ନାହିଁ ।

କୋଠା ଉପରେ ଠିଆ ହୋଇଥିଲା ମୀରା । ଦୀର୍ଘ ଶୃଷବର୍ଷର ବ୍ୟବଧାନ । ବିଶେଷତଃ ଦୂରରୁ ଚିହ୍ନିପାରୁ ନ ଥାଏ । ମୀରା ଦେଖିଲା ପୂର୍ଣ୍ଣିକୁ । ଆନନ୍ଦରେ ଉଦ୍‌ବେଗ ହୋଇଉଠିଲା ତା ମନ । ଡାକିଲା—ପୂର୍ଣ୍ଣିଭାଇ ! ଦେଖିଲା—ଆଁ, ଏତ ତାର ପୂର୍ଣ୍ଣିଭାଇ । ତେବେ କେଉଁଠି ଏ ହୋଇଗଲାଣି । ଆଉ ତ, ଆଗଭଳି ଚେହେରା ନାହିଁ । ଏବେ ଧୋତି ପିନ୍ଧିଲାଣି ।

ପୂର୍ଣ୍ଣି ଶୁଣିଲା ଆବାଜ । ବାରିଲା ଏତ ତାର ସେହି ମୀରାର ପାଟି । ଅନେଇ ଦେଖିଲା—ଆଶ୍ଚର୍ଯ୍ୟ ହୋଇଗଲା ଦେଖି । ଗୋଟିଏ ନବଯୌବନା ପ୍ରାପ୍ତ ତରୁଣୀ । ଶୁଭ୍ର ଗୌରବର୍ଣ୍ଣ ଚେହେରା । ଏଁ···କି ପରିବର୍ତ୍ତନ । ମଣିଷ ପୁଣି ଏପରି ପରିବର୍ତ୍ତନ ହୁଏ ।

ମୀରା ଡାକିଲା—ପୂର୍ଣ୍ଣିଭାଇ, ଠିଆ ହୋଇଛ କଣ ଆସୁନା । ପୂର୍ଣ୍ଣି ଟିକିଏ ଲଜ୍ଜିତ ହୋଇଗଲା । ତା ସଙ୍ଗେ ସଙ୍ଗେ ଟିକିଏ ଅଡୁଆ ଅଡୁଆ ଲାଗିଲା ପୂର୍ଣ୍ଣିକୁ । ମୀରା ଆଉ ଏବେ ପିଲା ନୁହେଁ । ସେ ଆଉ କଣ ସତରେ ପିଲାଦିନ ଭଳି ତା ସଙ୍ଗରେ ତାଳ ଦେଇ ଖେଳିବ । ତାକୁ ହୁନିଆର ଆଭିଜାତ୍ୟ ବନ୍ଧ କରିବ ।

ମୀରା ପଚାରିଲା - ପୂର୍ଣ୍ଣିଭାଇ, ତୁମେ ତ କଣ ବେଶ୍ ବଦଳି ଯାଇଛ । ପୂର୍ଣ୍ଣି କହିଲା—କାହିଁ ତୁ କଣ ନ ବଦଳିଛୁ କି । ମୀରା

ବଡ଼ ଅପ୍ରସ୍ତୁତ ହେଲା । ଦେଖିଲା ଦେହକୁ, ହଁ ନ—ମୁଁ ତ ବଦୁଳି ଯାଇଛି । ପିଲାଦିନେ ତ ମୁଁ ଏପରି ନ ଥିଲି । ଲୋକେ କ’ଣ ଯାହା କହୁଛନ୍ତି ତା ଠିକ୍ । ସେ ଏବେ ଆଉ ପିଲା ହୋଇ ନାହିଁ ।

ମୀରା କହିଲା—ଆଚ୍ଛା ପୂର୍ଣ୍ଣିଭାଇ, କହିଲ ତୁମେ ଏତେ ନିଷ୍ଠୁର । ମୁଁ ତୁମ ପାଖକୁ କେତେ ଚିଠି ଲେଖିଛି, ଖବର ଦେଇଛି । ତୁମେ ଟିକିଏ ତାର ଉତ୍ତର ଦେଲନି । ଆଉ ମୁଁ ତୁମକୁ ପରୀକ୍ଷାରେ ଫାଙ୍ଗି ସ୍କୁଲରେ ଅପେକ୍ଷା କରିଥିଲି; ଯେତେବେଳେ ଶୁଣିଲି ତୁମର ସେଣ୍ଟର ବଦଳି ହୋଇଯାଇଛି, ମୋ ମନ ଯାହା ଦୁଃଖ ହେଲା ନା—କଣ କହିବ ।

କୁନ୍ତୀ ଆସି ଡାକିଲା—ଏ ମିରା, ମିରା ଲୋ! ମୁଁ ପରା ଏଣେ ବାଢ଼ିଲିଣି । ତୁ ତୋର ପୂର୍ଣ୍ଣିଭାଇକୁ ଡାକି ନେଇ ଖାଇବୁ ଆ ।

ମୀରା ମାଉସୀ ଡାକରେ ଉଠିଲା । ପୂର୍ଣ୍ଣିକୁ ଡାକିଲା—ବାଧ କରି ଦୋଷାକୁ ଓଟାରି ନେଲା । ଉଭୟେ ଖାଇଲେ ।

ଗାଁରେ ହୁଲୁଚୁଲୁ ପଡ଼ିଛି । ଯେଉଁଠି ଦେଖିଲେ ସେଇଠି ଗପ । କେବଳ ମୀରା ଆଉ ପୂର୍ଣ୍ଣି । ଲୋକେ କହନ୍ତି ଦେଖ ବନ୍ଧୁ, ଏ ଗାଁର ଇଜତ ମହତ ସବୁ ଗଲା । ଏ ବାଉଁଆ ପୁଅ ପୂର୍ଣ୍ଣି, ଆଉ ଏ ପଧାନଙ୍କର ଉପରମୁହାଁ ଝିଅଟା . ସବୁବେଳେ ଯେଉଁଠି

ଦେଖିବ ସେଠାରେ ହେଁ ହେଁ । ବସିଲଠାରୁ ଶୋଇଲା ପର୍ଯ୍ୟନ୍ତ ଏକାଠି । ଦୁହିଁଙ୍କ ଭିତରେ ପାଣି ଗଳୁ ନାହିଁ । ଏ କେଇଟା ଦିନ ଭିତରେ ସେ ପୁଣି ବଡ଼ିଲା ଝିଅଟା ପିଲା ହୋଇଛି, ନା ପୂର୍ଣ୍ଣ ପିଲାଟିଏ ହୋଇଛି । ଏ କଣ ମ ?

ପୂର୍ଣ୍ଣ ବାପା ପାଖରେ ଖବର ପହଞ୍ଚିଲା । ଗାଁର କେତେ ଲୋକ କହିଲେ—"ଦେଖ ହେ ରାଜୁ, ଏ ତୁମ୍ଭ ପୁଅକୁ ଟିକିଏ ରୋକ କରୁନା । ତାକୁ ଏ ପଧାନଙ୍କର ଝିଅଟା ବରବାଦ କରି ଦେବ ।"

ରାଜୁ ଶୁଣି ତାଙ୍କ ସ୍ତ୍ରୀଙ୍କ ଆଗରେ କୁହେ । ତାନ ତାନ ହୁଏ ମାରି ନ ମାରି ଭଳି । କିନ୍ତୁ ତାଙ୍କ ସ୍ତ୍ରୀ ତାଙ୍କୁ ବୁଝାନ୍ତି । ଦେଖ, ତୁମ୍ଭେ ଏପରି ହେଲେ କଣ ହେବ । ସେ ଦୁହେଁ ତ ଖେଳୁଛନ୍ତି—ପିଲାଦିନରୁ ତ ଖେଳି ଆସିଛନ୍ତି । ସେତେବେଳେ ତ ତାଙ୍କୁ ମନାକରି ନ ଥିଲ । ଏବେ ବହୁଦିନ ପରେ ମୀରା ଆସିଛି ବୋଲି ଉଭୟ ଖେଳୁଛନ୍ତି । ଛୁଟି କେତେଟା ଦିନ କଟିଗଲେ ତ ଗଲା । ଫଳ ବାହାରିଲେ ସେ କଣ ଆଉ ଏଠି ରହିବ ନା କଣ ? ପୁଣି ପଢ଼ିବାକୁ ପଳେଇବ କେଉଁ ରାଇଜକୁ । ତେବେ ଏ ଲୋକଗୁଡ଼ାଙ୍କ କଥା ଶୁଣି ତାକୁ ଗାଳିଗୁଲଜ୍ କଲେ କଣ ହେବ ? ସେ ଆଜକାଲିକା ପିଲା । ମନ ତାଙ୍କର ମାନିଛି, ଖେଳୁଛନ୍ତି । ତାଙ୍କୁ ବାରଣ କଲେ କଣ ହେବ । ରାଜୁ ସ୍ତ୍ରୀଙ୍କର ପ୍ରବୋଧନାରେ ପୂର୍ଣ୍ଣକୁ କିଛି କହି ପାରନ୍ତିନି ।

ପଧାନେ ଖବର ପାଇଛନ୍ତି । ଲୋକେ ତାଙ୍କ ଆଗରେ କହୁଛନ୍ତି—ଏ ଛତରା ଟୋକା ପୂର୍ଣ୍ଣ, ତାଙ୍କ ଝିଅଟା ସଙ୍ଗେ ସାଙ୍ଗ ହୋଇ ରାସ୍ତାଘାଟ କରୁଛି ମାନୁନି । କହେ ପଧାନେ, ତୁମ୍ଭ ଘରର

ମାନମହତ୍ତ୍ୱ ଆଉ ସେ ରାଜୁଆ ଆଣ୍ଠାର । ତୁମ୍ଭେ ପୁଣି ତୁମ୍ଭ ଝିଅକୁ ସେ ରାଜୁଆ ପୁଅଟା ସାଙ୍ଗରେ । ଛି...ଛି... ।

ଖୁବ୍ ରାଗି ଯାଇଛନ୍ତି ପଧାନେ । ମନେ ମନେ ଭାବୁଛନ୍ତି, ଯଦି ସେ ଟୋକାକୁ ବର୍ତ୍ତମାନ ପାଆନ୍ତେ ତେବେ ତା କାନକୁ ମୋଡ଼ି ଦୁଇ ଚାପୁଡ଼ା ଦିଅନ୍ତେ । ଆଉ ମନା କରନ୍ତେ ଆଉ ଦିନେ ଏଠାକୁ ଆସିବାକୁ ।

ଖରାବେଳ । ପରୀକ୍ଷା ଫଳ କାଗଜଟା ଧରି ପୂର୍ଣ୍ଣ ଆଉ ମୀରା ମିଶି ଫେରୁଛନ୍ତି । ମୀରା ଫାଷ୍ଟ ଡିଭିଜନ୍ ଆଉ ପୂର୍ଣ୍ଣ ସେକେଣ୍ଡ ଡିଭିଜନ୍‌ରେ ପାଶ୍ କରିଛନ୍ତି । ମନରେ ଆନନ୍ଦର ଶିହରଣ । ଡେଇଁ ଡେଇଁ ଆସୁଛନ୍ତି ନିଜ ନିଜ ଘରେ ଖବର ଦେବାକୁ । ଆନନ୍ଦର ପ୍ରହେଳିକା ଖେଳି ଯାଇଛି । ସେ ପାଶ୍ କରିଛନ୍ତି । ଉଭୟ ପୁଣି ଏକାଠି ରହି କଲେଜରେ ପଢ଼ିବେ । ଏ ଗାଁରେ ଆଉ ରହିବ ନାହିଁ କି ଏ ଗାଁ ଲୋକଙ୍କର ଏପରି ତାଚ୍ଛଲ୍ୟଭାଷା ଶୁଣିବେ ନାହିଁ ।

କୁନ୍ତୀ ଖୋଜୁଥିଲା ମୀରା ଆଉ ପୂର୍ଣ୍ଣକୁ । ପଧାନେ ଆଜି ଖୁବ୍ ରାଗିଛନ୍ତି । ଯଦି ମୀରା ସଙ୍ଗେ ପୂର୍ଣ୍ଣ ଆସେ, ତେବେ ନିଶ୍ଚୟ ଗଣ୍ଡଗୋଳଟା ସୃଷ୍ଟି ହେବ । କୁନ୍ତୀ ଜାଣେ ମୀରା ଆଉ ପୂର୍ଣ୍ଣର ମନ କଥା । ପାଣିଗଳେନା ଉଭୟଙ୍କ ଭିତରେ । ପିଲା ଦିଓଟିଙ୍କୁ ଦେଖିଲେ କୁନ୍ତୀର ସବୁ କଷ୍ଟ ଦୁଃଖ ପାଶୋରି ଯାଏ । ମନେମନେ

ଭଗବାନଙ୍କୁ ଡାକେ । ହେ ଭଗବାନ ! ଏ ଦୁହିଁଙ୍କୁ ଆଇଷ ଦେଇଥା ।

ଦୂରରୁ ଦେଖିଲା ମୀରା ଆଉ ପୂର୍ଣ୍ଣ ଦୁହେଁ ଡାକ ଡାକ ଦଉଡ଼ ଦଉଡ଼ ଆସୁଛନ୍ତି । କହୁଛନ୍ତି, "ମାଉସି, ଆମ୍ଭେ ପାଶ୍ କରିଛୁ । ପୂର୍ଣ୍ଣ ସେକେଣ୍ଡ ଆଉ ମୀରା ଫାଷ୍ଟ ।" କୁନ୍ତୀ ଶୁଣି ଖୁସି ହେଲା । ପାଖରେ ପୂର୍ଣ୍ଣକୁ ଦେଖି ମନେପଡ଼ିଲା ପଧାନଙ୍କ କଥା । ବଡ଼ ଦୁଃଖ ହେଲା ମନରେ । କହିଲା—ଦେଖ୍ ବାପା ପୂର୍ଣ୍ଣ ! ତୁ ଯା ତୋ ବୋଉକୁ ବାପାକୁ କହି ଦେଇ ଆସିବୁ । ମୁଁ ରାନ୍ଧିଥିବି ଏକାଠି ଆଜି ଖାଇବା । ପୂର୍ଣ୍ଣ ରାଜି ହେଲା । ମୀରାକୁ କହି ଘରକୁ ଫେରିଲା ।

ରାଜୁ ବସି ସମାଜ ପଢ଼ୁଥିଲା । ଏଇଟା ତାଙ୍କର ଗୋଟାଏ ଅଭ୍ୟାସ । ଦିନେ ସମାଜ ନ ପଢ଼ିଲେ ତାଙ୍କ ମନଟା କେମିତି କେମିତି ଲାଗେ । ପଦ୍ମିନୀ ଚିଡ଼ି ଉଠିଲେ—କଣ କରୁଛ କି । ସକାଳୁ ଦାନ୍ତ ନ ଘଷି, ନ ଗୋଧୋଇ ସେଇ ସମାଜ । ଘରେ ପଡ଼ିଛି ଚୂଲି ନ ଜଳୁ ବାହାରେ ଛୁଇ କଣ ସମାଜ ପଢ଼ା । ନ ପଢ଼ିଲେ କଣ ଭାତ ହଜମ ହୁଏନା ।

ପଦ୍ମିନୀ ଏତେକଥା କହୁଥାନ୍ତି । ଅଥଚ ରାଜୁ ଏ ବିଷୟରେ ଭ୍ରୂକ୍ଷେପ ନ କରି ସମାଜ ଉପରେ ଆଖି ବୁଲାଇବାରେ ଲାଗିଛନ୍ତି । ମନ ତାଙ୍କର ଚଞ୍ଚଳ ହୋଇଉଠିଛି । ପୁଅର ପରୀକ୍ଷା ଫଳ ବାହାରିଛି । ଦେଖିଲେ ଲେଖାଥିଲା, ପୂର୍ଣ୍ଣଚନ୍ଦ୍ର ପଣ୍ଡା । ଗୋବିନ୍ଦପୁର ହାଇସ୍କୁଲ, ସେକେଣ୍ଡ ଡିଭିଜନ । ଡାକିଲେ—ପଦ୍ମିନୀ ହେ ! ପଦ୍ମିନୀ ଦେଖ, ହୋ ତୁମ୍ଭ ପୁଅ ପାଶ୍ କରିଛି ସେକେଣ୍ଡ ଡିଭିଜନରେ ।

ପଦ୍ମ ମା ତରକାରୀ ବସାଇଥିଲେ । ଶୁଣିଲେ ପୁଅ ପାଶ୍ ପରିଛି । ଦଉଡ଼ି ଆସି କହିଲେ—ସତରେ ମୋ ପୁଅ ପାଶ୍ କରିଛି । ହେ ଭଗବାନ ! ମୋ ମନର ଗୁହାରି ଶୁଣିଛ । ବାମଦେବ ଗୋସେଇଁ ଉପରେ କେତେ ବେଲପତର ନ ଚଢ଼ାଇଛି, ଦୁଧ, ଲହୁଣି ଢାଳିଛି, ସିଦ୍ଧିଗିର ବୁଢ଼ାଙ୍କୁ ଗଞ୍ଜେଇ ଦେଇଛି । ମୋ ମନ କଥା ଶୁଣିବେ ନି । ଆନନ୍ଦରେ ମନଟା ନାଚି ଉଠିଲା । ଗେହ୍ଲେଇ ହୋଇ କହିଲେ—ହଇ ଏ ! ମୁଁ ସିନା ଏତେ ଠାକୁରଙ୍କୁ ଡାକିବାରୁ ମୋର ପୁଅ ଉପରେ ଭଗବାନଙ୍କର ଦୟା ହେଲା ।

ରାଜୁ କହିଲା – ହଉ, ହଉ ମୁଁ କଣ କହୁଛି ମୋ ପୁଅ ପାଶ୍ କଲା ବୋଲି । ତେବେ ଆଜି ଭୋଜଟା ମିଳିବ । ପଦ୍ମ ମା କହିଲା—ହଇ ହେ; କି ଭୋଜି ? ତା ବାହାଘର ହେଉଛି କି ? ରାଜୁ କହିଲା—ନାହିଁ ହେ, କାହାର ବାହାଘର ହେବ । ମୁଁ ତ ବାହା ହୋଇସାରିଛି । ତେବେ ତୁମ୍ଭ ପୁଅ ପାଶ୍ କଲା, ଖାଇବାକୁ ଦେବନି । ପଦ୍ମ ମା କହିଲା—ହଉ, ଯେତେବେଳେ ମୋ ପୁଅ ରୋଜଗାର କରିବ । ସେତେବେଳେ ଖାଇବାକୁ ଦେବି ।

ରାଜୁର ମନ ପୁଅ ପାଶ୍ କରିଛି ବୋଲି ଯେତିକି ଖୁସି ହେଉଥାଏ, ଭବିଷ୍ୟତକୁ ଚାହିଁଲେ ସେତିକି ଦୁଃଖ ହୁଏ । ଭାବେ ମାଟ୍ରିକୁଲେସନ୍ ସିନା ହୋଇଥିଲା ପୁଅ ଘରେ ଖାଇ ପଢ଼ୁଥିଲା, ଘରେ ରହୁଥିଲା । ଏବେ ଯିବ ପଢ଼ିବାକୁ କଲେଜ । ପଇସା ବେଶି ଖର୍ଚ୍ଚ ହେବ । ଘରଟିଏ କମ୍ପା ବୋର୍ଡ଼ିଙ୍ଗ୍ ଫିସ୍ । କଲେଜ ଦରମା, ଖାତାପତ୍ର, ତାର ନିଜର ଖର୍ଚ୍ଚ । କଣ କରିବେ ତାଙ୍କ ମୁଣ୍ଡ ବିବ୍ରତ ହୋଇଗଲା । ଭାବିଲେ—ଯାହା ହେଉ ନା ହେଉ; ଆଜି

ତାଙ୍କର କଏ ଅଛୁ । ଗୋଟିଏ ବୋଲ ପୁଅ । ଜମିବାଡ଼ ବଉଂ ବନ୍ଧୀ ହେବ, ତଥାପି ପଢ଼ାଇବେ । ପୁଅକୁ ମଣିଷ କରିବେ । ସେ ମଣିଷ ହେଲେ କେତେ ସମ୍ପତ୍ତି ଏହିଭଳି କମାଇ ପାରିବ ।

ମୀରା, ପଧାନେ ଆଉ କୁନ୍ତୀ ଯାଇଛନ୍ତି ତିନିହେଁ କଟକ ମୀରାର ନାମ ଲେଖା ହେବ ରେଭେନ୍‌ସା କଲେଜରେ । ତା'ପାଇଁ ରହିବାକୁ ଘର ।

ପଧାନେ ଠିକ୍ କରିଛନ୍ତି ତାକୁ ରେଭେନ୍‌ସା କଲେଜରେ ସାଇନ୍‌ସ ପଢ଼ାଇ ଡାକ୍ତରୀ ପଢ଼ାଇବାକୁ । ସେ ନେଇ ସାଙ୍ଗରେ ନେଇଛନ୍ତି କୁନ୍ତୀକୁ । ଝିଅ ଆଡ୍‌ମିସନ୍ ନେବ । ଝିଅ ପାଖରେ କୁନ୍ତୀ ରହିବ । ତାର ହାନିଲାଭ ସବୁ ବୁଝିବ କୁନ୍ତୀ ।

ମୀରା ମନ ଭାରି ଖୁସି । ସେ ରେଭେନ୍‌ସା କଲେଜରେ ଆଡ୍‌ମିସନ୍ ନେଲାଣି । ତାର ପୂର୍ଣ୍ଣିଭାଇ କହୁଥିଲା, ତାଙ୍କ ବାପା କହୁଥିଲେ ସେ ବି ସାଇନ୍‌ସ୍ ପଢ଼ିବ ।

ମୀରାର ଆନନ୍ଦର ସୀମା ନାହିଁ । ଏଣିକି ସେ ତାର ଗାଁ ଲୋକଙ୍କଠାରୁ ଖାଲି ପାଇବ । ଏଣିକି ଅବାଧରେ ସେ ମିଶିପାରିବ ତାର ପୂର୍ଣ୍ଣିଭାଇ ସାଙ୍ଗରେ । ଏକାଠି ବି ପଢ଼ିବେ ଏକା କ୍ଲାସ୍‌ରେ ।

ମୀରାର ନାମ ଲେଖା ହେଲା । ପଧାନେ ଗୋଟିଏ ଘରଭଡ଼ା କରି ମୀରା ଆଉ କୁନ୍ତୀକୁ ଘରେ ଛାଡ଼ି ଦେଇ ନିଜ ଘରକୁ ଗଲେ । କହିଗଲେ ମୀରାକୁ, ମୁଁ ମାସକୁ ମାସ ଯାହା ଟଙ୍କା ଦରକାର ଚିଠି ଲେଖିଲେ ପଠାଇବି ।

କ୍ଲାସ୍ ଆରମ୍ଭ ହୋଇ ନ ଥାଏ, ତଥାପି ମୀରା ନିତ୍ୟ ଯାଏ କ୍ଲାସ୍‌କୁ । ବୁଝେ, ଦେଖେ ତାର ପୂର୍ଣ୍ଣିଭାଇକୁ କ୍ଲାସ୍‌ରେ ପାଏନି । ବଡ଼ ବ୍ୟସ୍ତବ୍ୟସ୍ତ ହୁଏ । ଭାବେ, କାଲେ କଣ ହେଲା । ସେ ଆସିବାର ପନ୍ଦର ଦିନ ହୋଇଗଲା । କାହିଁ ତାର ପୂର୍ଣ୍ଣିଭାଇକୁ ଦେଖୁନି । ମନରେ ଖେଳେ କେତେଗୁଡ଼ିଏ ଭ୍ରାନ୍ତ ଧାରଣା ।

ପୂର୍ଣ୍ଣି ଆସିଲା । ତାର ଏକାନ୍ତ ଇଚ୍ଛାଥିଲା ଆର୍ଟସ୍ ପଢ଼ିବାକୁ । କିନ୍ତୁ ତାର ବାପା କହୁଥିଲେ ସାଇନ୍‌ସ ପଢ଼ିବାକୁ । କିନ୍ତୁ ସବୁ ବିଫଳ ହେଲା । ସାଇନ୍‌ସରେ ରେଭେନ୍‌ସା କଲେଜରେ ସିଟ୍ ମିଳିଲା ନାହିଁ । ଶେଷକୁ ଆଡ୍‌ମିସନ୍ ନେଲା ରେଭେନ୍‌ସା କଲେଜର ଆର୍ଟସ୍‌ରେ । ପୂର୍ଣ୍ଣିର ମଧ୍ୟ ଇଚ୍ଛା ପୂରଣ ହେଲା ।

କଲେଜ ପଢ଼ାପଢ଼ି ଆରମ୍ଭ ହେଲା । ମୀରା ପଢ଼ିଲା ସାଇନ୍‌ସ୍‌ରେ । ପୂର୍ଣ୍ଣି ପଢ଼ିଲା ଆର୍ଟସ୍‌ରେ । ପୂର୍ଣ୍ଣି ରହିଲା ବୋର୍ଡ଼ିଙ୍ଗ୍‌ରେ । ମୀରା ରହିଲା ସେହି ପାଖାପାଖି ଗୋଟେ ଘର ନେଇ । ଏହି ହେଲା ଉଭୟଙ୍କ ଭିତରେ ତଫାତ୍ ।

ଦିନ ପରେ ଦିନ । ମାସ ପରେ ମାସ । ବର୍ଷ ପରେ ବର୍ଷ ଗଡ଼ିଯାଏ । ସମୟ କାହାକୁ ଅପେକ୍ଷା କରେନା । ଅପେକ୍ଷା କରି ରହିଥାଏ କେବଳ ମାନବ ଜୀବନର କେତୋଟି ଇତି କଥା । ଜୀବନର ପୂର୍ବ ମୁହୂର୍ତ୍ତକୁ ତା ସଙ୍ଗେ ତାଳେ ତାଳେ ମିଳାଇ ମିଶିଯିବାକୁ ଇଚ୍ଛା କରନ୍ତି କେତେକ ଭୂଲକ ଲୋକ ।

ସେମିତି ସୁଯୋଗ ଜୁଟି ନ ଥିଲା ରାଜୁ ଭାଗ୍ୟରେ । ସେ ବହୁଥର ଚେଷ୍ଟା କରିଛନ୍ତି ମିଶିବାକୁ । ମିଶିଛନ୍ତି; କିନ୍ତୁ ମରୀଚୀକା ।

ପଛେ ପଛେ ଗୋଡ଼ାଇଲା ଭଲ କିଛି ଲାଭ ପାଇ ନାହାନ୍ତି । ବେଳକୁବେଳ ଅଭାବ ଆଉ ଅନାଟନର ଘନଘଟା ଅନ୍ଧକାର ତାଙ୍କୁ ଘେରି ରହିଛି । ପୁଅର ମାସକୁ ମାସ ଖର୍ଚ୍ଚ ଯୋଗାଇବା ବେଳକୁବେଳ ଅକ୍ଷମ ହୋଇ ଆସୁଛନ୍ତି । ଚାକିରି ଜୀବନରେ ସେ କିଛି ବଞ୍ଚାଇପାରି ନାହାନ୍ତି । ପୁଣି ବିଶେଷ ଚିନ୍ତା, ଆଉ ପାଞ୍ଚଟା ବର୍ଷ ପରେ ତାଙ୍କୁ ଅବସର ନେବାକୁ ହେବ ।

ପଦ୍ମା ପୁଅର କଥା ଭାବିଭାବି ସବୁବେଳେ ବ୍ୟତିବ୍ୟସ୍ତ । ବହୁଦିନ ପରେ ଆଜକୁ ପ୍ରାୟ ଦୁଇବର୍ଷ ହେଲା । ମଝିରେ କେଇଟା ଦିନ ଆସି ଦିନେ, ଓଳିଏ ରହି କି ନାହିଁ ଚାଲିଯାଏ । ପୁଅର ଅନୁପସ୍ଥିତିରେ ତାଙ୍କ ମନ ବେଳେବେଳେ ବ୍ୟାକୁଳ ହୋଇ ଉଠୁଛି । ଭାବନ୍ତି—କେମିତି ଚଳୁଥିବ, କଣ କରୁଥିବ । ତାଙ୍କର ସଂସାରରେ ଗୋଟିଏ ବୋଲି ଅନ୍ଧର ଲଉଡ଼ି । ମଝିରେ ମଝିରେ ପଦ୍ମା, କେହି କଟକ ଗଲେ ତାଙ୍କ ହାତରେ ପୂର୍ଣ୍ଣି ପାଇଁ ଦି'ଟା ଦି'ଟା କେବେକେବେ ମୁଢ଼ି ଦି'ଟା ଭଜା କନା ଖଣ୍ଡିକରେ ବାନ୍ଧି ପଠାଇ ଦିଅନ୍ତି । କାଳେ ପୁଅର କିଛି ଅସୁବିଧା ହେଉଥିବ ବୋଲି ।

ପୂର୍ଣ୍ଣି ସେତକ ପାଏ । ତାକୁ ନ ଖାଇ ରଖେ ଟ୍ରଙ୍କ୍‌ରେ ତାକୁ ବଡ଼ ଲଜ୍ୟା ଲାଗେ । ଭାବେ—ସାଙ୍ଗ ସାଥୀମାନେ କେତେ କୁଆଡ଼େ ଖର୍ଚ୍ଚ କରୁଛନ୍ତି, ତାକୁ ଡାକୁଛନ୍ତି । ସିନେମା ଯିବା, ବୁଲିବାକୁ । ଆଉ ବଜାରରେ ଖାଇବାକୁ । ପୂର୍ଣ୍ଣି ମନରେ ବଡ଼ ଦୁଃଖ ଲାଗେ । ନିଜର ଟଙ୍କାକୁ ଦେଖେ, ହିସାବ କରେ । ସବୁବେଳେ ତାର ନିଅଣ୍ଟ ହୁଏ । ସେଥିପାଇଁ ସାଙ୍ଗ ସାଥୀମାନଙ୍କୁ ମନା କରି ଦିଏ ସବୁଥିରେ । ଚାରିଟାବେଳେ ସମସ୍ତେ ଜଳଖିଆ ଖାଇଗଲା ପରେ

ତାର ମା' ଦେଇଥିବା ଜଳଖିଆ ଗଣ୍ଡାକ ଲୁଚାଇ ଲୁଚାଇ ଖାଏ । ସେତେବେଳେ ପୂର୍ଣ୍ଣର ମନ ବଡ଼ ଚିଡ଼ିଉଠେ ତାର ମା' ଉପରକୁ । ମନେ ମନେ କୁହେ, କାହିଁକି ସେ ଏ ଗୁଡ଼ାକ ଦେଉଛି । ନ ଦେଲେ କଣ ଚଳିବନି । ଆଉ ଏଣିକି ଆସିଲେ ରଖିବନି । ନ ଖାଇବା ପକ୍ଷେ, ଏ ଲଜ୍ୟାକୁ ଆଉ ବରଦାସ୍ତ କରିପାରିବନି । ପୁଣି ପୂର୍ଣ୍ଣ ଭାବିଲା—ସେ ଏଥର ହଷ୍ଟେଲରୁ ଚାଲିଯିବ । କେଉଁଠାରେ ଖଣ୍ଡେ ଘରଭଡ଼ା ନେଇ ଗୋଟିଏ ଲୋକ ରୋଷେଇବାସ କରିବାକୁ ରଖି ରହିବ । ଚିଠି ଦେଲା ବାପାଙ୍କ ପାଖକୁ । ସେ ଅସୁବିଧା ଯୋଗୁଁ କଲେଜ ହଷ୍ଟେଲ ଛାଡ଼ି ଦେଉଛି ।

ଏହା ଭିତରେ ଦୁଇବର୍ଷ ବିତି ଯାଇଛି । ମୀରା ଏବେ ମେଡ଼ିକାଲ କଲେଜରେ ପଢ଼ୁଛି । ମୀରା ଭାବୁଛି—ତାର ପୂର୍ଣ୍ଣଭାଇ କଥା । ସେ ମେଡ଼ିକାଲ ପଢ଼ିଲା ଦିନରୁ ତାର ପୂର୍ଣ୍ଣଭାଇ କେବେ ଦିନେ ଦିନେ ଆସେ କିନ୍ତୁ ଆଜକୁ ବହୁଦିନ ହୋଇଗଲାଣି । ସେ ଚିଠି ପାଇଥିଲା, ତାର ପୂର୍ଣ୍ଣଭାଇର ଅସୁବିଧା ଯୋଗୁ ସେ ହଷ୍ଟେଲ ଛାଡ଼ି ଦେଇଛି । ଷ୍ଟେସନ ପାଖରେ ଘର ଖଣ୍ଡେ ନେଇ ରହିଛି । ସେତିକି ସେ ଆଜି ଆସିନାହିଁ, ତା ପାଖକୁ ।

କଟକରୁ ଚିଠି ଆସିଛି ପୂର୍ଣ୍ଣ ପାଖରୁ । ପୋଷ୍ଟମ୍ୟାନ୍ ଦେଇଯାଇଛି । ରଘୁ ଦେଖିଲା ପୂର୍ଣ୍ଣ ଲେଖିଛି । ବାପା, ମୋର ପରୀକ୍ଷା ଆଉ ମାସ ଗୋଟେ ବାକି । ଏ ମାସରେ ଅଧିକ କରି ଟଙ୍କା ପଠାଇବ । ମୋର ଖର୍ଚ୍ଚ, ଆଉ ପରୀକ୍ଷା ଫିସ୍ ଇତ୍ୟାଦି ।

ରଘୁ ବଡ଼ ବ୍ୟସ୍ତବ୍ୟସ୍ତ ହୋଇ ଉଠିଲା । କଣ କରିବ । ଏ ପାଖରେ ଟଙ୍କାର ଯେପରି ଚିନ୍ତା, ସେ ପାଖରେ ଯେପରି ପୁଅର ଭବିଷ୍ୟତ ।

ଦିନ ପରେ ଦିନ ଗଡ଼ି ଯାଉଛି । ରାଜୁକୁ ସେତିକି ଚିନ୍ତା ହୋଇଯାଉଛି । ଦରମା ମିଳିନାହିଁ । ପ୍ରାୟ ମିଳୁ ମିଳୁ ଆଉ- ମାସ ଆଠ କମ୍ବା ଦଶ । ତେଣୁ ଯେଉଁଠାରୁ ହେଉନା କାହିଁକି ଟଙ୍କା ଯୋଗାଡ଼ କରିବାକୁ ହେବ ।

ପରୀକ୍ଷା ଆଉ ଅଳ୍ପ ଦିନ । ପୂର୍ଣ୍ଣିକୁ ଫୁରୁସତ୍ ନ ଥାଏ । ଅହରହ ପଢ଼ାପଢ଼ିରେ ବ୍ୟସ୍ତ । ଟଙ୍କା ଆସି ନ ଥାଏ । ଘରବାଲାର ଘରଭଡ଼ା ବାକି । ବଜାର କରିବାକୁ ପାଖରୁ ପଇସା ସରି ଆସିଲାଣି । ଇଲେକ୍‌ଟ୍ରିକ୍ ବିଲ୍ ଆସି ଫେରିଗଲାଣି । ଏଣେ ସମାଜବାଲାଟା ସମାଜ ଖଣ୍ଡେ ଖଣ୍ଡେ ଦେଉଛି ଯେ ତାର ପୁଣି ପ୍ରତିଦିନ ସକାଳୁ ଜୁଲମ୍ । ଘର ଟଙ୍କାକୁ ଅପେକ୍ଷା କରି କରି ପୂର୍ଣ୍ଣି ବଡ଼ ବ୍ୟତିବ୍ୟସ୍ତ ହୋଇଗଲାଣି । ଆଉ ବସିପାରିଲା ନି ଘରେ । ବୁଲିଗଲା ମହାନଦୀ କୂଳଆଡ଼େ ।

ସନ୍ଧ୍ୟା ହେବାରୁ ମୀରାର ମନଟା କାହିଁକି କେଜାଣି ଅଜାଣତରେ ଛଟପଟ ଲାଗୁଥାଏ । ପଢ଼ାପଢ଼ିରେ ମନ ଲାଗୁ ନ ଥାଏ । କେବଳ ମନେପଡ଼ୁଥାଏ ତାର ପୂର୍ଣ୍ଣିଭାଇ କଥା । କାହିଁ ? ତାର ପୂର୍ଣ୍ଣିଭାଇ ଆସୁନାହିଁ । କଣ ହେଲା କି ? ବୋଧେ କିଛି ଅସୁବିଧା ହୋଇଥିବ । ମନେ ମନେ ଭାବିଲା ଆଜି ସେ ଯିବ । ମୀରା ଡାକିଲା ତାର କୁନ୍ତୀ ମାଉସୀକୁ । କହିଲା—ମାଉସୀ, ମୁଁ ଟିକିଏ ପୂର୍ଣ୍ଣିଭାଇ ଘରଆଡ଼କୁ ଯାଉଛି । କାହିଁ ସେ ଆଜି ପର୍ଯ୍ୟନ୍ତ ଟିକିଏ ବୁଲି ଆସୁନି । ବୋଧେ ତାର କିଛି ଅସୁବିଧା ହୋଇଛି । କୁନ୍ତୀ ପୂର୍ଣ୍ଣିକୁ ଭଲଭାବେ ଜାଣେ । ସେ ତାର ନା ଶୁଣି ମୀରାକୁ ଆଉ କିଛି କହିଲା ନାହିଁ ।

ମଦନ, ମୀରାର ଗୋଟିଏ ବିଶେଷ ଭୃତ୍ୟ । ସେ ମୀରା ଦେବୀଙ୍କର ଯିବା କଥା ଶୁଣି ଗୋଟେ ରିକ୍‌ସାବାଲାକୁ ଡାକି ଆଣିଲା

ଷ୍ଟେସନ୍ ଯିବାକୁ । ମୀରା ରିକ୍ସାରେ ବସିଲା—ରିକ୍ସା ଆଗେଇ ଚାଲିଲା ଷ୍ଟେସନ ଅଭିମୁଖେ ।

ଗୋଟିଏ ଘର । ଘରର ଫାଟକରେ ମୀରା ଦେଖିଲା ଲେଖାଅଛି; ପୂର୍ଣ୍ଣଚନ୍ଦ୍ର ପଣ୍ଡା । ମୀରା ରିକ୍ସାକୁ ଅଟକାଇଲା । ରିକ୍ସାବାଲାକୁ ଚାରିଣା ପଇସା ବଢ଼ାଇ ଦେଇ ଚାଲିଲା ଘର ଭିତରକୁ । ଦେଖିଲା କବାଟ ବନ୍ଦ । ଝଞ୍ଜିରରେ ହାତମାରି ଡାକିଲା—

ଧନା ରୋଷେଇ କରୁଥାଏ । ମନ ତାର ତରତର, ବାବୁ ଏଇକ୍ଷଣି ଆସିଯିବେ । ତାଙ୍କର ମନ ବି ଭଲ ନାହିଁ ପଡ଼ାପଡ଼ି କରିବେନି ବୋଧେ, ଖାଇ ଶୋଇବେ । ସେଇଥିପାଇଁ ତରତର ହେଉଥାଏ, ରୋଷେଇ ଗଣ୍ଡା ସାରିଦେଲେ ଯାଏ ।

ଝଞ୍ଜିର ଆବାଜ ଶୁଣି ଧନା ଭାବିଲା, ବାବୁ ବୋଧେ ଫେରିଲେଣି । ଯାଇଁ କବାଟ ଫିଟାଇଲା । ଦେଖି ବଡ଼ ଆଶ୍ଚର୍ଯ୍ୟ ହେଲା, ଗୋଟିଏ ସ୍ତ୍ରୀ ଲୋକ । ସନ୍ଧ୍ୟା, ଏ ପୁଣି କୁଆଡ଼େ ? ମନରେ ତାର ପ୍ରଶ୍ନ ଉଠିଲା ।

ମୀରା ପଚାରିଲା—ବାବୁ କାହାନ୍ତି କରେ । ଏକା ନିଶ୍ୱାସରେ ଧନା କହିଲା—ନାହିଁ, ବାବୁ ନାହାନ୍ତି । ବାବୁ ଯାଇଛନ୍ତି ବୁଲିବାକୁ । ତୁମେ କାଲି ଆସିବ ଯା', ମୁଁ ତାଙ୍କୁ କହିଦେବି ।

ମୀରା କହିଲା— ନାହିଁ ମୁଁ ବସିଛି; ତୁ ଯା କଣ କରୁଛୁ କର । ଧନା ଆହୁରି ଆଶ୍ଚର୍ଯ୍ୟ ହେଲା । ମନେ ମନେ ଭାବିଲା— ସ୍ତ୍ରୀ ଲୋକଟା । ଧନେ ନାହିଁ କାଳେ ନାହିଁ, ସେ ପୁଣି କଥା କହୁ

କହୁ ଯାଇ ବାବୁଙ୍କ ଘରେ ବସିଗଲଣି । ଢନା ଅଉ କାହ୍ନୁ କହି-ପାରିଲ ନାହିଁ । ଫେରିଗଲ ସେଷେଇ ଘରକୁ ।

ମୀରା ଦେଖିଲ—ଘରଟି ବହୁ ଅନାବନା ହୋଇପଡ଼ିଛି । ଘରର କାନ୍ଥରେ କେତେଟା ହାତଅଙ୍କା ଖୁବ୍ ସୁନ୍ଦର ସୁନ୍ଦର ଫଟ ଅଙ୍କା ହୋଇ ଟଙ୍ଗା ଯାଇଛି । ଭାବିଲ—ତାର ପୂର୍ଣ୍ଣିଭାଇ ଏ ଫଟ ବୋଧେ ଆଙ୍କିଛି । ହଁ, ସତରେ କି ସୁନ୍ଦର ଦେଖାଯାଉଛି । ମନ ତାର ଆନନ୍ଦ ହୋଇଉଠିଲ । ମନେ ମନେ କହିଲ—ବାଃ—ନିଶ୍ଚୟ ତା ପୂର୍ଣ୍ଣିଭାଇ ଦିନେ ଗୋଟିଏ ବଡ଼ କଳାକାର ହେବ ।

ମୀରା ଦେଖିଲ—ବହିପତ୍ରଗୁଡ଼ା ଏଠି ସେଠି ହୋଇ-ପଡ଼ିଛି । ମନ ମୁତାବକ ସବୁ ଝାଡ଼ାଝାଡ଼ି କରି ସଜାଡ଼ି ରଖିଲ ।

ଏତିକବେଳେ ବାହାରୁ ଆବାଜ ଆସିଲ—ପୂର୍ଣ୍ଣିବାବୁ ଘରେ ଅଛ । ଚାକର ଢନା ଦଉଡ଼ିଗଲ— କବାଟ ଫିଟାଇ ଦେଖିଲ ଘରବାଲ । ତା ଦେହରୁ ଅଧେ ରକ୍ତ ଶୁଖିଗଲ ।

ଘରବାଲ ପାଟିକରି ଉଠିଲ—ତମ ବାବୁ କାହାନ୍ତି । ଢନା କହିଲ—ନାହାନ୍ତି । ଘରବାଲ କହିଲ—ନାହାନ୍ତି—ମୋ ସାଙ୍ଗରେ କଣ ଖେଳୁଛ । ଆଜି ମୁଁ ଟଙ୍କା ନେବି ।

ମୀରାକୁ ବଡ଼ ଦୁଃଖ ଲଗିଲ । ଭାବିଲ—ତାର ପୂର୍ଣ୍ଣିଭାଇର ଦୁରବସ୍ଥା । ଘରବାଲର ଟଙ୍କା ଦେଇପାରୁନି ତାର ପୂର୍ଣ୍ଣିଭାଇ । କେତେ ଅସୁବିଧା ଭୋଗ ନ କରୁଛି ସେ । ଡାକିଲ ଘରବାଲକୁ । ପଚାରିଲ—କେତେ ଟଙ୍କା ତୁମ୍ଭର । ଘରବାଲ କହିଲ—ତିନିମାସର ଷାଠିଏ ଟଙ୍କା ।

ମୀର ଗୋଟିଏ ଶହେଟଙ୍କିଆ ନୋଟ୍ ବାହାର କଲା । କହିଲା—ହେଇ ନିଅ । ତୁମ୍ଭେ ଆଉ ତାଙ୍କୁ ଟଙ୍କା ମାଗିବନି, ଅଧିକ ଦୁଇମାସର ଭଡ଼ା ତୁମ୍ଭ ଉପରେ ରହିଲା ।

ଧନା ସେଇଠି ଠିଆ ହୋଇଥିଲା । ଆଶ୍ଚର୍ଯ୍ୟ ହେଲା । ଶହେ ଟଙ୍କା—ଗରିବ ଲୋକ ତା ଜୀବନରେ ପ୍ରଥମେ ଦେଖିଲା ସେ ଶହେ ଟଙ୍କା ନୋଟ୍ । ଶହେ ଟଙ୍କା କଏ ନା ସେ କଏ ।

ମୀର ଘଣ୍ଟାକୁ ଅନାଇ ଦେଖିଲା—ରାତି ଆସି ସାଢ଼େ ନଅ ହେଲଣି । ପୂର୍ଣ୍ଣିଭାଇ ତାର ଫେରିନି । ମୀର ପଚାରିଲା—ହେଇରେ ତୋ ନା କଣ ? ଧନା କହିଲା—ମୋ ନା ଧନା । ବର୍ତ୍ତମାନ ତୁ କଣ କରୁଛୁ । ଆଜ୍ଞା ଚୋଷେଇ—

ମୀର କହିଲା—ଦେଖ, ରାତି ଆସି ସାଢ଼େ ନଅଟା ହେଲଣି ମୁଁ ଯାଉଛି । ଆଉ ଏ ଟଙ୍କା ଦୁଇଶ ନେ ବାବୁଙ୍କୁ ଦେବୁ । କହିବୁ 'ଦେଇ' ଆସିଥିଲେ, ବହୁସମୟ ଅପେକ୍ଷା କରି ଚାଲିଗଲେ ।

ବରଫକଳ ଘଣ୍ଟାରେ ବାଜିଲା ରାତି ଦଶଟା । ପୂର୍ଣ୍ଣି ଫେରିଲା ଘରକୁ । ଦେଖି ଆଶ୍ଚର୍ଯ୍ୟ ହେଲା, ଆଜି ତ ବେଶ୍ ଘରଟି ପରିଷ୍କାର ହୋଇଛି । ବସ୍ତ୍ରପତ୍ରଗୁଡ଼ିକ ସଜଡ଼ା ହୋଇଛି । ଏ କଣ !! ମୋର ଫଟଗୁଡ଼ା କଏ ଏପରି ଟାଙ୍ଗିଛି । ଆହାଃ···କି ସୁନ୍ଦର ଦିଶୁଛି ଏ ଘର ।

ପୂର୍ଣ୍ଣି ଡାକିଲା ଧନା ! ଏତିକିବେଳେ ହାତରେ ଏକଶତ ଟଙ୍କିଆ ନୋଟ୍ ଦୁଇଖଣ୍ଡ ଧରି ଦଉଡ଼ି ଦଉଡ଼ି ଆସୁଥିଲା

ତାହାର ଆଡ଼କୁ । ପୂର୍ଣ୍ଣି ଟଙ୍କା ଦେଖି ଭାବିଲା, ଦୁଇଶତ ଟଙ୍କା, ଏ ପୁଣି କେଉଁଠାରୁ ଆଣିଲା ।

ଏକା ନିଶ୍ୱାସରେ ଧନା କହିଲା—ବାବୁ, ହେଇ ନିଅନ୍ତୁ । ଦେଈ ଆସିଥିଲେ । ବଡ଼ ଦୟାଳୁ ଲୋକ । କଣ କହିବ ବାବୁ, କେତେ ଟଙ୍କା ଅଛି ତାଙ୍କ ପାଖରେ । ତୁମ୍ଭ ଉପରେ ତାଙ୍କର ଭାରି ଦୟା । ସେ ଘରବାଲା ବୁଢ଼ା ଆସିଥିଲା ଯେ ତା କଥା ସେ ସହି ନ ପାରି ତାର ଟଙ୍କା ଆଉ ପୁଣି କହିଲେ ତୋ ଉପରେ ଦୁଇ ମାସର ଟଙ୍କା ରହିଲା, ତୁ ବାବୁଙ୍କୁ ମାଗିବୁ ନି । ଏତେ ଟଙ୍କା ଦେଇ ପୁଣି ଦୁଇଶହ ଟଙ୍କା ଦେଇ ଯାଇଛନ୍ତି ତୁମ୍ଭ ଖର୍ଚ୍ଚକୁ । ନିଅନ୍ତୁ ଆପଣଙ୍କର ଟଙ୍କା । ଧନା ପୁଣି କହିଲା—ହଁ ବାବୁ, ସେ ଦେଈ ଭାରି ଦୟାଳୁ ଲୋକ । ସେ କିଏ —ତୁମ୍ଭର କଣ ହୁଅନ୍ତି ନା କଣ ?

ଧନାର ଏତେଗୁଡ଼ା କଥା ଏକାଥରକେ ଶୁଣି କିଛି ବୁଝିପାରିଲା ନାହିଁ ପୂର୍ଣ୍ଣି । କହିଲେ—ଆରେ, କିଏ ? କଥା କଣ ? ଏପରି କଥା କଣ କହିଯାଉଛୁ ।

ଧନା କହିଲା—ଦେଈ ବା ।

ପୂର୍ଣ୍ଣି କହିଲା—ଆରେ; ଦେଈ କିଏ ?

ଧନା କହିଲା - ସେ ସ୍ତ୍ରୀ ଲୋକଟା ବା କେତେ ସମୟ ବସିଲେ ! ସେ ଘରେ ତୁମ୍ଭର ସବୁ କଣ ଦେଖିଲେ । ତୁମ୍ଭେ ନ ଆସିବାରୁ ସେ ଏତକ ଦେଇ କହିଗଲେ—ବହୁସମୟ ହେଇଗଲା ମୁଁ ଯାଉଛି, କହିଦବୁ ଦେଈ ଆସିଥିଲେ । ଆଉ ମୁଁ ଜାଣିଲି କେମିତି ଦେଈ କିଏ ? ଧନା କହିଲା—ହଉ ବାବୁ ତୁମ୍ଭ ଟଙ୍କା ରଖ, ମୁଁ ଯାଉଛି ଖାଇବାକୁ ବାଡ଼େ ।

ବିନାର ଏତେକ କଥା ଶୁଣି ପୂର୍ଣ୍ଣି ମନେ ମନେ ଭାବିଲା—କିଏ ସେ ଦେଇଛି । ମନେପଡ଼ିଲା ତାର ମୀରା କଥା । ହଁ, ସେହି ବୋଧେ ହେବ । ତେବେ ତା ଛଡ଼ା ତ ଆଉ କେହି ଝିଅ ଏଠାରେ ତାର ପରିଚିତ ନାହିଁ । ବଡ଼ ଦୁଃଖ ଲାଗିଲା ପୂର୍ଣ୍ଣିକୁ । ମୀରା ଆସିଥିଲା, ସେ ପୁଣି ଅପେକ୍ଷା କରି ଫେରିଗଲା । ବିନା କହିଗଲା, ଭାରି ଦୟାବନ୍ତ ସ୍ତ୍ରୀଟେ । ହଁ, ସତରେ ତାର ଭାରି ଦୟା ତା ଉପରେ । ପୂର୍ଣ୍ଣି ଭାବିଲା, ତେବେ ଏତେଗୁଡ଼ା ଟଙ୍କା କାହିଁକି ଦେଲା । ମୋର ତ ଜାଣି ଶୁଣି ଦୁଃଖ । ତାର ଖର୍ଚ୍ଚ ମୋଠାରୁ ଯଥେଷ୍ଟ ବେଶି । ମୋର ତ ଆଉ ଟଙ୍କା ଦରକାର ନାହିଁ । ମୋର ଟଙ୍କା କଣ ହେବ । ଆଉ କେଇଦିନ ଗଲେ ତ ଘରୁ ବୋଧେ ଟଙ୍କା ଆସିବ । ମନେମନେ ଠିକ୍ କଲା ପୂର୍ଣ୍ଣି—କାଲି ତ ଶନିବାର, କଲେଜ ସକାଳ ଆଠଟାରେ ଗୋଟେ କ୍ଲାସ୍ । ତେବେ ସକାଳୁ କ୍ଲାସ୍ଟା ସାରି ଯିବ ମୀରା ଘରକୁ ତାର ଟଙ୍କାତକ ସବୁ ଦେଇ-ଆସିବ । ତାର କାଳେ ଖର୍ଚ୍ଚକୁ ନିଅଣ୍ଟ ହେବ । ମୋ ପାଇଁ ସେ ହଇରାଣ ହେବ କାହିଁକି ?

ଗୋବିନ୍ଦପୁର ଗାଁ । ଗାଁଟାସାରା ହଲା । ଯେଉଁଠି ଦେଖିବ ସେଠି କେତେ ଅଶିକ୍ଷିତ ପୁରୁଷ ଆଉ ସ୍ତ୍ରୀମାନଙ୍କର ପ୍ରଧାନ ଆଲୋଚ୍ୟ ବସ୍ତୁ କେବଳ ସେହି ମୀରା ଆଉ ପୂର୍ଣ୍ଣି । ସମସ୍ତଙ୍କ ମୁହଁରୁ ଶୁଣା-ଯାଉଛି କି ଯୁଗ ହେଲା, ଆଉ କ'ଣ କେହି ପାଠ ପଢୁନାହାନ୍ତି । ଆମର ଗାଁର ମୀରା ଆଉ ପୂର୍ଣ୍ଣି ପାଠ ପଢ଼ିଲେ ଏକା । କି କଥା, ଏ ଝିଅଟାକୁ ଯେତେ ପଢ଼ାଇଲେ ସେ ସେହି ହାଣ୍ଡିଶାଳକୁ ନା । କାହିଁକି ସେ ହରିନି । ମୁରବିତ କେହି ନାହାଁନ୍ତି । ତେବେ ନିଆଁ ପାଖରେ ଘିଅ କଣ୍ଟି ରହିବ—ତରଳି ଯିବ । ଏଇଠି ତ ଏମିତି

ହଉଥିଲେ । ଆଜି ବଳେଇର କପାଳକୁ ଟିକା ଛୁଣ୍ଡି ଛି । ଆଉ କଏ କହିଲା—ହଁ, ହଁ, ତୁ ଜାଣିନୁ କ ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ । ସେଇ ପଧାନେ ପରା ଦିନେ କହୁଥିଲେ—ଏ ଗଣ୍ଡ ଜେମାଠା ବାହା ହୋଇଗଲା ବୋଲି । କିନ୍ତୁ ଦେଖ, ତାଙ୍କ ଘରେ କଣ ହେଉଛି ।

ଏବେ ପଧାନେ ବଡ଼ ବିବ୍ରତ ହୋଇ ପଡ଼ିଛନ୍ତି । ଗାଁଠା ସାରା ଝିଅର ନିନ୍ଦା । ଲୋକେ କହୁଛନ୍ତି—ପଧାନେ ପରଝିଅ ବୋହୂଙ୍କୁ ଯେମିତିଆ ଦୃଷ୍ଟିରେ ଦେଖିଛନ୍ତି ତାର ତ ପୁଣି ଗୋଟେ ଝିଅ ଭଗବାନ ଦେଇଅଛନ୍ତି । ପଧାନଙ୍କର ଦେହ ଏହିଚିନ୍ତାରେ ଦିନକୁ ଦିନ କ୍ଷିଣ ହୋଇଆସିଛି । ଏ ଗାଁବାଲାଙ୍କଠାରୁ ଜମିବାଡ଼ି ଧନ ସମ୍ପତ୍ତିକୁ ନିରାପଦରେ ରଖିବାକୁ ଯେତିକ ଚିନ୍ତା, ତାଠାରୁ ଏବେ ବଳାଇ ପଡ଼ିଲାଣି ତାଙ୍କର ଝିଅ ଚିନ୍ତା । ଏବେ ଠିକ୍ କରିଛନ୍ତି, ଯେତିକ ହେଲା ସେତିକ । ସେ ଆଉ ତାକୁ ପଢ଼ାଇବେ ନାହିଁ ! ହାତକୁ ଦି' ହାତ କରିଦେଲେ ଏ ଲୋକଙ୍କ ଦାଉରୁ ରକ୍ଷା ।

ରବିବାର ସନ୍ଧ୍ୟା । ମୀରା ଆଉ ପୂର୍ଣ୍ଣି ବସିଥାଆନ୍ତି ମୀରାର ଶୟନ କକ୍ଷରେ । ଝରକାବାଟେ ମହାନଦୀ ଆଡ଼ୁ ବହି ଆସୁଥିବା ଶୀତଳ ପବନ ଦେହରେ ବାଜି ଦେହ ଉଲୁସେଇ ଉଠୁଥାଏ । ମାଉସୀ ଦେଇଯାଇଥିବା ଜଳଖିଆରୁ ଉଭୟ ପାଟିରେ ପକାଉ ପକାଉ ମୀରା ଆରମ୍ଭ କଲା—ପୂର୍ଣ୍ଣିଭାଇ, ବଡ଼ ଦୁଃଖର କଥା । ତୁମେ ଏତେ ଅସୁବିଧାରେ ଥାଇଁ ସୁଦ୍ଧା ଏଠାକୁ ଆସୁନା । ହଁ, ଖବର ବି ଠିକ ଏ କହୁନା । ତେବେ ମୁଁ କଣ ତୁମ କଥା ଜାଣିନାହିଁ । ତୁମେ କଣ ଆସିଥାନ୍ତ, କେବଳ ମୁଁ ଯେଉଁ ଥିଙ୍କା

ଦେଇ ଆସିଥିଲ ସେଇ ଟଙ୍କା ବୋଧେ ଦେବାକୁ ଆସିଛ । ପୂର୍ଣ୍ଣ ଆଶ୍ଚର୍ଯ୍ୟ ହେଲା—ଆରେ, ମୀରା ଏକଥା କେମିତି ଜାଣିଲା । କହିଲା ହଁ, ନେଲୁ ତୋ ଟଙ୍କା । ମୁଁ ଏତେ ଟଙ୍କା କଣ କରିବ ମୋତେ ଦେଇଆସିଲୁ, ତୋର କେତେ ଅସୁବିଧା ହେବଣି ।

ମୀରା କହିଲା—ହଁ, ମୋ ଅସୁବିଧା କଥା କାହିଁକି କହୁଛ । ମୁଁ ତୁମ୍ଭଭଳି ନୁହଁ ଯେ ଚୁପ୍ ହୋଇ ରହି ଅସୁବିଧା ଭୋଗ କରୁଥିବ । ମୋର ଅସୁବିଧା ହେଲେ ମୋ ବାପାଙ୍କ ପାଖକୁ ଲେଖିଲାକ୍ଷଣି ଟଙ୍କା ଆସିବ । ଆଉ ମୋର କଣ ଅସୁବିଧା । ଦେଖ ପୂର୍ଣ୍ଣଭାଇ, ତୁମେ ଯେଉଁ ଟଙ୍କା ଆଣିଛ ମୁଁ କେବେ ନେବି-ନାହିଁ । ଆଉ ଯଦି ତୁମ୍ଭେ ନ ନେବ ନା ଆଉ ଦିନେ ତୁମ ଘରକୁ ମୁଁ ଯିବନି କି ତୁମେ ଆମ ଘରକୁ ଆସିବ ନି ।

ପୂର୍ଣ୍ଣ ବୁଝିଲା—ମୀରା ଏକ ଜିଦଖୋର୍ । ଯାହା ବୁଝିଥିବ ସେଇଆ । ତେବେ ତାକୁ ଆଉ ବାଧକଲାନି । ପୂର୍ଣ୍ଣ କଥା ବଦଳାଇ କହିଲା—ଆଚ୍ଛା ମୀରା, ମୋ ପରୀକ୍ଷା ତ ଆଉ ଅଳ୍ପ ଦିନ । ଏ'ଟା ହେଲା ବି. ଏ.ର ଲାଷ୍ଟ ଇୟର । ବି. ଏ., ପଢ଼ିସାରିଲା ପରେ ମୁଁ କଣ କରିବ କହିଲୁ ?

ମୀରା ଘଡ଼ିଏ ଭାବିଲା । କହିଲା—ଦେଖ ପୂର୍ଣ୍ଣଭାଇ, ତୁମେ କଲିକତା ଯାଅ । ରବୀନ୍ଦ୍ରନାଥ ଠାକୁରଙ୍କର ଶାନ୍ତିନିକେତନରେ ଆର୍ଟସ୍ ପଢ଼ । ତୁମେ ତ ପିଲାଦିନୁ ଫଟୋ ଆଙ୍କିବାକୁ ଭାରି ଭଲ ପାଅ ।

ମୀରାର କଥା ପୂର୍ଣ୍ଣର ମନକୁ ଠିକ୍ ପାଇଲା । ଠିକ୍ କଲା—ପରୀକ୍ଷା ପରେ ସେ ଯିବ କଲିକତା । ରବୀନ୍ଦ୍ରନାଥ କଲେଜରେ

ପଡ଼ିବ । ମନେପଡ଼ିଲା ପୂର୍ଣ୍ଣିର ପିଲାଦିନର ମୀରା କହୁଥିବା କଥା । ପୂର୍ଣ୍ଣିଭାଇ ତୁମେ ହେବ କଳାକାର ଆଉ ମୁଁ ହେବି ଡାକ୍ତରାଣୀ । ମୁଁ ତୁମର ସେବା କରିବି । ଆଉ ତୁମେ ତୁମ କଳାବିଦ୍ୟାରେ ମୋତେ ଛବି ଦେଖାଇ ମୁଗ୍ଧ କରିବ ।

ପ୍ରଧାନେ ବଡ଼ ବ୍ୟସ୍ତବ୍ୟସ୍ତ ହୋଇ ପଡ଼ିଲେଣି । ମୀରାର ବିଭାଘର ବିଷୟରେ ଭଲ ଜୋଇଁଟେ ଖୋଜୁଛନ୍ତି । ଦେଖୁଛନ୍ତି ନିଜର ଅନ୍ତେ ଆଉ କେହି ନାହିଁ ତାଙ୍କର ଏ ସମ୍ପତ୍ତିବାଡ଼ି ଭୋଗ କରିବାକୁ । ତେଣୁ ଏ ସମ୍ପତ୍ତିବାଡ଼ି କଣ ଉଜୁଡ଼ାଇ ଦେବେ । କେତେ କଷ୍ଟରେ କରିଛନ୍ତି । ସେଥିପାଇଁ ସେ ଖୋଜୁଛନ୍ତି ଗୋଟିଏ ଉପଯୁକ୍ତ ପାତ୍ର । ଯେ କି ତାଙ୍କର ଘର ଆଜି ଏଣେ ତାଙ୍କ ଘର ସମ୍ପତ୍ତିବାଡ଼ି ବୁଝିବ । ସେମିତିଆ ସୁନାର ହାତରେ ମୀରାକୁ ଟେକି ଦେବାକୁ । ବହୁଆଡ଼ ବୁଲି ସେ ଶେଷକୁ ଫେଲ୍ ହୋଇ ଆସିଛନ୍ତି । ମୀରାର ମାମୁଁଙ୍କୁ ପଠାଇଛନ୍ତି ପୁଣି ବରପାତ୍ରଟିଏ ଠିକ୍ କରିବାକୁ ।

ଚାରି ପାଞ୍ଚଦିନ ପରେ ମୀରାର ମାମୁଁ ଫଙ୍କାର ଫେରିଛି ଗୋଟିଏ ବରପାତ୍ର ଠିକ୍ କରି । ପ୍ରଧାନେ ଶୁଣି ଦେଖିବାକୁ ଗଲେ ରାଉରକେଲା । ମନ ତାଙ୍କର ମାନିଲା । ବରଟି ଦେଖିବାକୁ ରୂପରେ ଯେପରି ଗୁଣରେ ମଧ୍ୟ ସେହିପରି । ଭାଙ୍କର ବଡ଼ଭାଇ ଜଣକ ଇଞ୍ଜିନିଅର । ପାତ୍ରଟିର ଦରମା ମାସକୁ ସାଢ଼େ ଚାରିଶତ ଟଙ୍କା । ଭବିଷ୍ୟତକୁ ଦରମା ବଢ଼ିବ । ପାତ୍ରଟିର ବାପ ମଧ୍ୟ ରାଜି ହେଲେ ବାହାଘର କରିବାକୁ । କେବଳ ଝିଅଟିକୁ ଦେଖିଲେ ବାହାଘରଟି ହେବ । ପୁଅର ବାପ ମଧ୍ୟ ରାଜି

ଅଛନ୍ତି ଯେ ତାଙ୍କ ପୁଅକୁ ସେ ଛାଡ଼ି ଦେବେ । ସେ ତାଙ୍କ ସମ୍ପତ୍ତି ବୁଝାବୁଝି କରିବ ।

ପଦ୍ମମା ବଡ଼ ବ୍ୟସ୍ତବସ୍ତ ହୋଇ ପଡ଼ିଛନ୍ତି । ତାଙ୍କ ସ୍ୱାମୀ ଉପରକୁ ବଡ଼ ଚିଡ଼ି ଉଠୁଛନ୍ତି । ବୟସ ଗଲା, ଚାକିରି ଛାଡ଼ିଲ ନିଜର ଜୀବନ ଭିତରେ କିଛି କମେଇ ପାରିଲ ନି । କେମିତି ପୁଅଟି ବଡ଼ ହେବ, କଣ ହେବ ତା କେଉଁଠି ବୁଝିଲନି । ଖାଲି ଘରଟାରେ ବସିରହିଛ । ପୁଅର ଅନୁପସ୍ଥିତି, ବୃଦ୍ଧ ବୟସରେ ତାଙ୍କୁ ବେଳେବେଳେ ବିବ୍ରତ କରି ପକାଏ । କୁହନ୍ତି "ତୁମେ ମନ କଲନି । ପାଠ ତ ପଢ଼ାସରିଲା, ସେତିକି ପଢ଼ିଥିଲେ ହୋଇ ନ ଥାନ୍ତା ନା, ଏଠି ଚାକିରି କରିଥିଲେ ହୋଇନଥାନ୍ତା । ପଠାଇ ଦେଲ ତାକୁ କଲିକତା । ସେଠି ଯାଇ କେଉଁଠି ପୁଅଟା ରହିବ । କପାଳେ ଚଳିବ, ତା' ଜୀବନ ବିତିଲା ବିଦେଶରେ ।

ରାଜୁ ସବୁ ବୁଝନ୍ତି । ମାଆର ଅତୁଟ ସ୍ନେହ । ପୁଅ ସବୁବେଳେ ବି ବିଦେଶରେ । ନିଜେ ଏବେ ଟିକେଟିକେ କେମିତି ପୁଅର ଅନୁପସ୍ଥିତି କି ଅଡ଼ୁଆ ଅଡ଼ୁଆ ଅନୁଭବ କଲେଣି । କଣ କରିବେ । ନିଜେ ବୁଝନ୍ତି ଆଉ ବୁଝାନ୍ତି ତାଙ୍କ ସ୍ତ୍ରୀଙ୍କୁ । କହନ୍ତି— ଦେଖ, ପିଲାଦିନରୁ ସେ ପୁଅର ଇଚ୍ଛା ଉପରେ କେବେ ହେଲେ ବାଧା ଦେଇ ନାହାନ୍ତି । ତେବେ ପୁଅ ତାର ଏଣିକି ଆଖି ଖୋଲିଲା । ବାହାରେ ରହିଲା । ବୁଦ୍ଧି ହେଲା, ପସନ୍ଦ ହେଲା । ସେ ତାର ଭବିଷ୍ୟତକୁ କିପରି ମଣିଷ ହେବ ତାର ଚେଷ୍ଟା ସେ କରିବ । ଆଉ କଣ ପିଲା ହୋଇଛି ତାକୁ ନିଜେ ଶାସନ କରିବ । ଚାଣକ୍ୟ ଶ୍ଳୋକରେ କହିଛନ୍ତି—"ଲାଳୟେତ୍ ପଞ୍ଚ ବର୍ଷାଣି, ଦଶବର୍ଷାଣି ତାଡ଼ୟେତ୍, ପ୍ରାପ୍ତେତୁ ଷୋଡ଼ଶେ ବର୍ଷେ ପୁତ୍ର ମିତ୍ରବତ୍

ମିବାଟରେଉ ।" ତେଣୁ ତାର ବୟସ ବର୍ତ୍ତମାନ ବଷର ଉପଯୁକ୍ତ ସେ ବ ଠିକ୍ କହୁଲ—ସେ ଯାଉଛୁ ଗୋଟେ ଟେଲିଗ୍ରାମ୍ ଅଫିସର ଟ୍ରେନିଙ୍ଗ୍‌ରେ ! ଟ୍ରେନିଙ୍ଗ୍ ମୋଟେ ମାସ ତିନୋଟା । ସରକାର ହାତରୁ ଖାଇବାକୁ ପିଇବାକୁ ଦେଇ ପଢ଼ାଇବେ । ମାସ ତିନୋଟା ପରେ ସେ ସେଇଠି ଚାକିରି କରିବ । ମାସକୁ ଦରମା ହେବ ଦୁଇଶତ ଟଙ୍କା ଉପରି ଅଛି । ଭବିଷ୍ୟତକୁ ଉନ୍ନତି ଅଛି । ଆଜ୍ଞ ନିଜେ ପୁଣି କହୁଥିଲ ଆଉ ବର୍ଷେ ଗୋଟେ ସେଠାରୁ ପଢ଼ି ଫେରଆସିବ ପୁଣି ଏଠାକୁ । ଆଉ ମନ୍ଦ କଣ ?

ପଦ୍ମା ସ୍ୱାମୀଙ୍କ କଥା ଶୁଣେ । ଭାବେ— ସେ ସିନା ସ୍ୱାମୀଙ୍କ ଉପରେ ଟିକିଏ ଚଟେ, ହେଲେ ତାଙ୍କ କଥାରୁ କେବେ କୌଣସିଠାରେ ଅରାଜି ହୋଇ ନାହାନ୍ତି କି ତାଙ୍କ ସ୍ୱାମୀଙ୍କ ଇଚ୍ଛା ଅନୁଯାଇ କାର୍ଯ୍ୟରେ ବାଧା ଦେଇ ନାହାନ୍ତି ।

ସନ୍ଧ୍ୟା । ମୀରା ବସିଛି ତା ପଢ଼ା ଘରେ । ମନଟା ତାର ଆଜି ଭାରି ଖୁସି । କାଗଜଟାକୁ ଥରକୁ ଦୁଇଥର ପଢ଼ୁଛି । ତଥାପି ମନଟା ବୁଝୁନି କେଉଁ ଅଜାଣତରେ ଆନନ୍ଦ ହୋଇଉଠୁଛି; ପୁଣି ଥରେ ପଢ଼ିବାକୁ । ତାର ପୂର୍ଣ୍ଣିଭାଇ ଫାଷ୍ଟ୍ ଡିଭିଜନରେ ପାଶ୍ କରିଛି । ସେ ପୁଣି ଗୋଲଡ୍ ମେଡ଼ାଲିଷ୍ଟ ହୋଇଛି ଛବରେ । ମନଟା ଭାରି ଚଞ୍ଚଳ ହୋଇଉଠିଛି । ମନେ ମନେ ଭାବୁଛି ଯଦି ପାଖରେ ତାର ପୂର୍ଣ୍ଣିଭାଇ ଥାଆନ୍ତା, ସାଙ୍ଗେ ସାଙ୍ଗେ ଏ କାଗଜଟା ନେଇ ଦେଖାନ୍ତା । କୁହନ୍ତା—"ଦେଖ ପୂର୍ଣ୍ଣିଭାଇ, ମୁଁ କଣ ମିଛ କହୁଥିଲି ତୁମେ ଦିନେ ଗୋଟେ ଭଲ କଳାକାର ହୋଇପାରିବ ।" ମୀରା ଏଶୁଭ ଖବର ତା ମାଉସୀକୁ ଦେଲା ।

ମାଉସୀ ଦଉଡ଼ି ଆସିଲା । ଏଁ, ପୂର୍ଣ୍ଣ ପାଶ୍ କରିଛି । ହଉ, ହଉ ବିଚରା ତ ବଡ଼ ମାଇପ, ଗରୀବ ପିଲାଟି । ଭାରି ଭଲ ପିଲାଟି । ବଡ଼ କଷ୍ଟରେ ପଢ଼ିଥିଲା । ତା'କଥା ଭଗବାନ ଶୁଣିଛନ୍ତି । ଏତିକିବେଳେ ତାର ମନେପଡ଼ିଲା ଚିଠି ଦୁଇଟି କଥା । ସେ ଦଉଡ଼ି ଗଲା ଚିଠି ଦୁଇଟି ପାଇଁ । ଚିଠି ଆଣି ବଢ଼ାଇ ଦେଲା ମୀରା ହାତକୁ । କହିଲା—ମୋ ମନେ ନାହିଁ ମୀରା, ଦେଖିଲୁ ଏ ଚିଠିଟା କିଏ ଦେଇଛି । ଆଜି ଏଇ ଗୃହିଣୀବେଳେ ପିଅନ୍ ଦେଇଯାଇଛି ।

ମୀରା ଦେଖିଲା ଚିଠି ଦୁଇଟିକୁ । ଗୋଟେ ଘରୁ ଆଉ ଗୋଟେ ତାର ପୂର୍ଣ୍ଣଭାଇ ପାଖରୁ । ତାର ମନ ପୂର୍ଣ୍ଣର ପାଶ୍ କରିଥିବା ଖବରଟା ପାଇ ଚଞ୍ଚଳ ହୋଇ ଉଠିଥାଏ । ତେଣୁ ସେ ହଠାତ୍ ତା ପୂର୍ଣ୍ଣଭାଇଠାରୁ ଚିଠି ପାଇଁ ଆହୁରି ଆନନ୍ଦରେ ଖୋଲି ବସିଲା । ଚିଠିରେ ଲେଖାଥିଲା, ପଢ଼ିଲା ।

ମୀରା,

ମୋର ସୁନ୍ଦର ସ୍ନେହ ନେବୁ । ମାଉସୀକୁ ମୋର ନମସ୍କାର ଦେବୁ ।

କୁନ୍ତୀ ଠିଆ ହୋଇଥିଲା ଚିଠିଗୁଡ଼ିକ ଶୁଣିବାକୁ । ଶୁଣିଲା, ପୂର୍ଣ୍ଣ ତା ପାଖକୁ ନମସ୍କାର ଲେଖିଛି । ତା ମନ ଆନନ୍ଦରେ ଭୁରୁଭୁରୁ ଉଠିଲା । ମନେ ମନେ ଭାବିଲା—ଦେଖିଲ, ବିଦେଶରେ ରହି କେମିତିଆ ପିଲା, କେମିତି ସ୍ନେହ, ସତରେ କେତେ ଭଲ ପିଲା ।

ମୀରା ପଢ଼ି ଯାଉଥିଲା । ଲେଖାଥିଲା, ମୀରା ମୁଁ ଏଠାରେ ଭଲରେ ଅଛି । ବର୍ତ୍ତମାନ ଟ୍ରେନିଙ୍ଗ୍‌ରେ ଅଛି । ଏଣେ

ଶାନ୍ତିନିକେତନରେ ନାମ ଲେଖାଇଲଣି । କଲେଜ ପଢ଼ାପଢ଼ି ଆଉ ଟ୍ରେନିଙ୍ଗ୍‌ର କୋର୍ସ୍ ନେଇ ବଡ଼ ଅସୁବିଧା ହେଉଛି । ଦୁଇଟା ବିଷୟରେ ହାତ ଦେଇ ମୋତେ ଟିକିଏ ଫୁରୁସତ୍ ମିଳୁ ନାହିଁ । ତଥାପି ଚେଷ୍ଟାକରୁଛି, ଉଭୟକୁ ଯେତେ କଷ୍ଟ ହେଲେ ବି ଚଳାଇ ନେବାକୁ । ଆଉ ଆଶା କରେ ତୁ ଭଲରେ ଥିବୁ । ଇତି ।

ତୋର
ସ୍ନେହର
ପ୍ରଶାନ୍ତ ଭାଇ

ତା ପରେ ମୀରା ଖୋଲିଲା ତା ବାପା ଦେଇଥିବା ଚିଠିଟିକୁ । ପଢ଼ିଲା, ଲେଖାଥିଲା—

ମୀରା,

ମୋର ଆଶୀର୍ବାଦ ନେବୁ । ବିଶେଷ ଜରୁରୀ ଦରକାର ଥିବାରୁ ତୋ ପାଖକୁ ଚିଠି ଲେଖିଲି । ତୁ ଆସନ୍ତା ବୁଧବାର ଭିତରେ ମାଉସୀକୁ ଧରି ଆସି ଘରେ ପହଞ୍ଚିବୁ । ଇତି ।

ତୋର
ବାପା

ମୀରାର ଦେଖାଶୁଣାର ସବୁ ସରିଯାଇଛି । ବର ଓ ତାର ବାପା ମା'ଙ୍କର ମନ ମାନିଛି । ବାହାଘର ଠିକ୍ ହୋଇଛି । ତିଥି ଧରାଯାଇଛି । ଆସନ୍ତା ମାଘରେ ଗୋଟିଏ ତିଥି ଅଛି । ସେଇ

ଭିତ୍ରରେ ବାହାଘରଟା କରି ଦେବାକୁ । ଆଉ ଅଳ୍ପଦିନ ବାକି ବାହାଘର । ପଧାନେ ଝିଅକୁ ବୁଝାଉଥାନ୍ତି—ଦେଖ ମା, ମୁଁ ଆଉ କେଇଦିନ ବଞ୍ଚିବି । ତେବେ ତୋର ବାହାଘରଟା ବଢ଼ାଇ ଦେଲେ ମୁଁ ତୋ ଜଞ୍ଜାଳରୁ ମୁକ୍ତ ।

ମୀରା ବଡ଼ ଅଡ଼ୁଆରେ ପଡ଼ିଛି । ବାହାଘର କଥାରେ ତା ମନ ଯେତିକି କେଉଁ ଅଜଣାତରେ ଖୁସି ହୋଇଉଠୁଛି, ସେତିକି କାହିଁକି ଦୁଃଖ ଲାଗୁଛି । ଭାବୁଛି ତାର ପୂର୍ଣ୍ଣିଭାଇ କଥା । କଣ କରିବ । ଘରକୁ ଆସି ଏମିତିଆ ଅଡ଼ୁଆରେ ପଡ଼ିବ ବୋଲି ସେ ଜାଣି ନ ଥିଲା । ବାପାଙ୍କର କଥାକୁ ଭାଙ୍ଗି ନ ପାରି ସେ ହଁ ଭରିଛି । ବାପା ତାଙ୍କର ବାହାଘର ଧନ୍ଦାରେ ଦିନ ରାତି ଲାଗିଛନ୍ତି । ମୀରା ଭାବିଲା—କଣ କରିବ । ଯଦି ଆଗରୁ ଜାଣିଥାଆନ୍ତା ତା ବାହାଘରଟା ହେଉଛି ବୋଲି ତେବେ ସେ ନ ଆସି ତା ପୂର୍ଣ୍ଣିଭାଇ ପାଖକୁ ଚିଠିଟା ଦେଇ ତାଙ୍କର ମତ କଣ ବୁଝି ଥାଆନ୍ତା । ପିଲାଦିନରୁ ତା ପୂର୍ଣ୍ଣିଭାଇର ବିନାଅନୁମତିରେ ତାଙ୍କୁ ନ କହି କୌଣସି କଥା ଗୋପନ ରଖି କିଛି କରିନାହିଁ । ତେବେ, ଯଦି ବାହାଘରଟା ହୋଇଯାଏ ତା ପୂର୍ଣ୍ଣିଭାଇ ଶୁଣିଲେ କଣ ବୋଲି ଭାବିବ, କହିବ, ମୀରା ବାହାହେଲୁ ତୁ ଟିକିଏ ଖବର ଦେଲୁନି । କେତେ ଦୁଃଖ ହେବ ତାଙ୍କ ମନରେ । ମୀରା ଚିଠି ଲେଖିଲା—

ପୂର୍ଣ୍ଣିଭାଇ,

ଏ ସ୍ନେହ ଭଉଣୀର ଏ ସୁଦୂର ନମସ୍କାରଟିକୁ ସାଦରରେ ଗ୍ରହଣ କରିବ ବୋଲି ଆଶା କରେ । ଦୁଃଖର କଥା ଲେଖିଲି । ଭୁଲ ଥିଲେ କ୍ଷମା ଦେବ । କହିଲେ ଚଳେ ମୋର ଅଜାଣତରେ

ମୋର ବାହାଘର ହୋଇଯାଉଛି । ତେଣୁ ମୁଁ କିଛି ଉପାୟ ପାଉନି । ତୁମର ମତ ନେଇଥାଆନ୍ତି । କେଉଁଠି ବାହା ହେବି, କଣ କରିବି । ବର୍ତ୍ତମାନ ବାହା ହେବି କି ନାହିଁ । ବାପାଙ୍କର ଏକ ଜୁଲମ ବାହା କରିଦେବାକୁ । ବାପାଙ୍କର ଏକାନ୍ତ ଇଚ୍ଛା ମୁଁ ବାହା ହେଲେ ସେ ମୁକ୍ତ । ବାପାଙ୍କ କଥା ଭାଙ୍ଗି ପାରୁନି । ମୁଁ ଯଦି ଆଗରୁ ମୋ ବାହାଘର କଥା ଜାଣିଥାଆନ୍ତି ତେବେ ତୁମକୁ ଡକାଇଥାନ୍ତି । ତୁମ ଚିଠି ଯେଉଁଦିନ ପାଇଲି ସେଇଦିନ ବାପାଙ୍କଠାରୁ ଚିଠି ପାଇଥିଲି ବାପା ଲେଖିଥିଲେ, "ତୁ ଶୀଘ୍ର ଆସ ଘରକୁ ବିଶେଷ ଦରକାର ଅଛି ବାହାଘର ଆଉ ଦୁଇଦିନ ବାକି ।" ତୁମେ ବୋଧେ ଏ ଶୁଭମୁହୂର୍ତ୍ତକୁ ଦେଖି ପାରୁନାହଁ । ଆଉ ଲେଖିପାରୁନି ପୂର୍ଣ୍ଣିମା । ମନଟା କାହିଁକି ଭଲଲାଗୁନି ତୁମ ଅନୁପସ୍ଥିତିରେ । ଇତି ।

ତୁମର
ସ୍ନେହର ଭଉଣୀ
ମୀରା

ମୀରାର ଆଖି ଲୁହରେ ଛଳ ଛଳେଇ ଉଠିଲା । ଗଡ଼ି ପଡ଼ିଲା ଦୁଇଆଖିରୁ ଦୁଇ ଟୋପା ଲୁହ ସେହି ଚିଠି ଉପରେ । ମୀରା ଲୁଗାକାନିରେ ଚିଠିଟିରୁ ଲୁହପୋଛି ଖାମ୍‌ଟିକୁ ବନ୍ଦକରି ପଠାଇ ଦେଲା ଚାକର ଜଗୁ ହାତରେ ପୋଷ୍ଟ ଅଫିସରେ ପକାଇବାକୁ ।

ମୀରାର ବାହାଘର ବଡ଼ ଧୁମଧାମରେ ଚାଲିଛି । ମୀରା ବର କେତେ ବ୍ୟାଣ୍ଡ୍ ରୋଷଣି ଫୁଟାଇ ଆସିଛି । ପଧାନଙ୍କର ଗୋଟିଏ ଝିଅ ବୋଲି ସେ ଏଇଠି ଠିକ୍ କରିଛନ୍ତି ବିବାହରର କର୍ମଟା ସବୁ ସାରିଦେବାକୁ । ମୀରା ଘରେ ବହୁଲୋକର ସମାଗମ । କୁଣିଆଁ ମଇତରେ ଘର ଭିତର କମ୍ପୁଛି । ବାହାଘର ବିଷୟଠାରୁ ଚଉଠି-

ଭିତରେ ଘଟଣାବଳି ପର୍ଯ୍ୟନ୍ତ କେତେ ସାଙ୍ଗସାଥୀ ଅଣ୍ଟାକରି କେତେ କଥା କହୁଛନ୍ତି । ମୀରାର ପଢ଼ାପଢ଼ି ଯୋଗୁଁ ମୀରାର ଶ୍ୱଶୁର ଚିଠି ମିଳନ ବନ୍ଦ କରିଦେଇଛନ୍ତି । ବାହାଘରଟା ସରୁ; ପରେ ତାର ଚିଠି କରିବା । ବର୍ତ୍ତମାନ ସେ ପଢ଼ୁଛି । ଏ’ଟା ହେଲା ତାର ଲାଷ୍ଟ ଇୟର । ଆଉ କେତେଟା ଦିନପରେ ପରୀକ୍ଷା ସରିବ । ତା ପରେ ଯେଉଁକଥା, ବର୍ତ୍ତମାନ କଲେ ଭଲ ହେବନି । ସମ୍ବନ୍ଧିଙ୍କର ଏ ମତରେ ପଧାନେ ବି ରାଜି ହୋଇଯାଇଛନ୍ତି । କିନ୍ତୁ ଏତେ ବଡ଼ ଖୁସି ଦିନରେ ମୀରାକୁ ଖୁସି ଲାଗୁନି କି ତାର ଚିଠି ଭଳି ସୁଖର ଉତ୍ସବ ଦିନ ବନ୍ଦ ହୋଇଯାଉଛି, ସେଥିପାଇଁ ସେ ତିଳେ ହେଲେ ଖାତିର କରୁନି । ସେ ଭାବୁଛି, ଖାଲି ତାର ପୂର୍ଣ୍ଣିଭାଇ କଥା । ସତେ ଯେପରି ସେ ପୂର୍ଣ୍ଣିଭାଇର ଅନୁପସ୍ଥିତିରେ ଜୀବନରେ କୌଣସି ସୁଖ ଆସ୍ୱାଦନାକୁ ଗ୍ରହଣ କରିବାକୁ ଇଚ୍ଛୁକ ନୁହେଁ ।

× × × ×

ପୂର୍ଣ୍ଣି ଚିଠି ପାଇଛି । ଚିଠି ପଢ଼ିଛି । ତା ମନ ବଡ଼ ଦୁଃଖୀ । ପୂର୍ଣ୍ଣି ଭାବୁଛି—ମୀରା ବଧୂ ହୋଇ ସାରିବଣି । କଣ କରୁଥିବ । ବୋଧେ ସେ ତା ସ୍ୱାମୀ ସାଙ୍ଗରେ ବର୍ତ୍ତମାନ ବୁଲି ଯାଇଥିବ । ମୀରା ବାହା ହୋଇ ନ ଥିଲା ବୋଲି ତାକୁ ଏତେ ଭଲ ପାଉଥିଲା । ଆଉଜଣଙ୍କର ଭଲପାଇବା ଭିତରେ କଣ ମୀରା ତାକୁ ଆଉ ମନେ ରଖିଥିବ । ଆଉ କି ସେ ତାକୁ ପୂର୍ଣ୍ଣିଭାଇ କହି ସ୍ନେହ ସମ୍ବର୍ଦ୍ଧନା ଜଣାଇବ ! ମନରେ ତାର ବହୁ ଦୁଃଖ ହେଲା । ସେ ମୀରାକୁ ଆଉ ବୋଧେ ଦେଖି ପାରିବନି । ସେ କଣ ଆଉ ଘରେ ଥିବ ତାକୁ ଦେଖିବ । ମୀରା ଲେଖିଥିଲା ତାର ଅନୁପସ୍ଥିତିରେ ତାକୁ କିଛି ଭଲ ଲାଗୁନି । ସେ ଯଦି ଜାଣିଥାଆନ୍ତା ବାହାଘର ହେଉଛି, ତେବେ ମୀରା ତାର ମତ ନେଇ ଥାଆନ୍ତା । ପୂର୍ଣ୍ଣି କିଛି ବୁଝି-

ପାରିଲା ନା । ଭାବିଲା—ମୀରା ତ ବଡ଼ ହେଲା, ଆଉ ତାର ମତଠାରେ କଣ ଦରକାର ଥିଲା । ମୁଣ୍ଡ ତାର ବବ୍ରତ ହୋଇ ଉଠିଲା । ଯାହାହେଉ, ସେ ତା ମନରେ ଏତିକି ସାନ୍ତ୍ୱନା ପାଇଲା ମୀରା ଗୋଟିଏ ସୁପାତ୍ର ସାଙ୍ଗରେ ବନ୍ଧା ହୋଇଛି । ତା ଜୀବନକୁ ସୁଖମୟ କରିପାରିବ ସେ । ଆନନ୍ଦରେ ମୀରା ଯେ ଦିନଗୁଡ଼ାକ କଟାଇବ । ଏଣିକି ତାକୁ ନ ପଚାରୁ, ପୂର୍ଣ୍ଣ ଭାଇ ବୋଲି ନ ଡାକୁ ଏଥିରେ କଣ ଅଛି । ତେବେ ଏତିକି ପୂର୍ଣ୍ଣ ଇଚ୍ଛା କରିଥିଲା ଯେ ସେ ପ୍ରତିଦିନ ଶୁଣୁ ଯେ ସୁଖରେ ଅଛି ।

ପଦ୍ମମା ତାଙ୍କ ସ୍ୱାମୀଙ୍କ ଉପରେ ଭାରି ଚିଡ଼ିଲେଣି । ସେ ସବୁବେଳେ ଲଗାଇଛନ୍ତି, ଏତେ ଲୋକ ବାହାଘର କରିବାକୁ ଆସିଲେଣି । ସବୁ ଦେଖୁଛ । ବାହାଘରକୁ ସ୍ଥଗିତ କରି ରଖି ଦେଉଛ କାହିଁକି ? କଣ ଇଚ୍ଛା ତୁମ୍ଭର କହୁନା ? ପୁଅ ତ ବର୍ତ୍ତମାନ ରୋଜଗାର କଲାଣି । ମାସକୁ ତ ଯାଇ ଏକଶତ ଟଙ୍କା ଦଉଛି । ଆମ୍ଭ ପାଖରେ ତ ପାଞ୍ଚଶତ ଟଙ୍କା ହେଲାଣି । ଆଉ କଣ ହଜାର ପାଞ୍ଚଶ କରଜ କରିଦେଲେ ପୁଅ ଶୁଝିବନି । ଏ ସୁଯୋଗ ଛାଡ଼ୁଛ କାହିଁକି ? ମୋତେ ଏତେ ହନ୍ତସନ୍ତ କରୁଛ କାହିଁକି ? ପୁଅ କଣ ଟ୍ରେଟିଆ ହୋଇଛି । ଆଉ ଦିବର୍ଷ ଗଡ଼ିଗଲେ କରିବ । ବର୍ତ୍ତମାନ ପାଖକୁ ଆସୁଛନ୍ତି କରୁନା, କେଉଁଠିକି ପୁଣି ଚୂଡ଼ା ଗୁଡ଼ କାନ୍ଧ ଖୋଜିବାକୁ ଯିବ । ଆମ୍ଭର କେଉଁ ଡାଲବର ଘର ଯେ ଝିଅ ଖାଲି ଯାଚି ଦେଇ ପକାଇବେ ।

ରଜୁ ଆଉ ପଦ୍ମମାକୁ ଯେତେ ବୁଝାଇଲେ ବୁଝୁନାହାନ୍ତି । ସବୁବେଳେ ଏକଜିଦ୍ ଧରି ବସିଛନ୍ତି କପରି ବାହାଘରଟା ! ରଜୁ କହିଲେ—ହେଇ ଦେଖ, ତୁମ୍ଭେ ମୋ ସାଙ୍ଗରେ ଲଗେଇଛ । ମୁଁ

କଣ ବାହାଘର କରିବାକୁ ମନା କରୁଛୁ । କଥା କଣ କି, ଭୁମ୍ଭ ପୁଅ କଣ ମୂର୍ଖ ହୋଇଛି । ମୁଁ ତା ପାଇ ଠିକ୍ କରିଦେବ । ସେ ବାହାହୋଇ ପଡ଼ିବ । ତେବେ ସମସ୍ତେ ଆସୁଛନ୍ତି; ସମସ୍ତଙ୍କୁ ତ କଥା ଦେଇଛୁ । ପୁଅ ପାଖକୁ ବି ଚିଠି ଦେଇଥିଲି । ସେ ଲେଖିଛି ଏତେଦିନ ଗଲାଣି, ଆଉ ଗୃହିଣୀ ମାସ ରହିଲେ ଚଳିବନି । ସେ ଆସିଲେ ତ ତାର ଗୋଟେ ମତ ନେଇ କରିବା । ଆଉ ପୁଣିଆଁ କାହିଁକି ? ପଦ୍ମ ମା ବୁଝିଲେ । ମତରେ ସେ କେଉଁଠି ଭୁଲ-ବୁଝିଥିଲ ବା । ଆଗକା କଥା ହୋଇଛି, ଆଜିକାଲିକା କଥା, ପୁଅମାନେ ଝିଅକୁ ନ ଦେଖିଲେ ମନକୁ ନ ଗଲେ ବାହା ହେବା କଥା ନୁହେଁ ।

ମୀରାର ପରୀକ୍ଷା ସରି ଯାଇଥାଏ । ସେ ତା ବାପାଙ୍କ ପାଖରୁ ଚିଠି ପାଇଥାଏ । ବାପା ତାଙ୍କର ଚିଠିରେ ଲେଖିଥାନ୍ତି, "ଆଉ ତୋର ପଢ଼ିବା ଦରକାର ନାହିଁ । ଏଣିକି ତୁ ଯିବୁ ତୋର ଘରକୁ କୁନ୍ତୀ ମାଉସୀକୁ ସଙ୍ଗରେ ନେଇ ।" ତାଙ୍କ ବାପାଙ୍କର ମନକାମନା ପୂର୍ଣ୍ଣ ହୋଇଛି । ଯେତିକି ପଢ଼ାଇବାର କଥା ପଢ଼ାଇଲେ । ଏଣିକି ତୁ ଭୁଲିଆ । ମୀରା, ତୋର ଏଣିକି ତୁ ତୋର ଘର ସମ୍ଭାଳ । ମୋର ବି ଘଡ଼ିଏ ଦେହ ଭଲ ହେଲେ ଘଡ଼ିଏ ଖରାପ ହେଲାଣି । ଆଉ ମୁଁ ଏ ସଂସାରକୁ ଚଳାଇ ପାରିବ ନାହିଁ । ସେ ବି ଜ୍ୱାଇଁଙ୍କ ପାଖକୁ ଲେଖିଛନ୍ତି । ସେ ଆସି ପହଞ୍ଚୁଛନ୍ତି ଆସନ୍ତା ପନ୍ଦର ତାରିଖ ସନ୍ଧ୍ୟା ସୁଦ୍ଧା । ତାକୁ ଯିବାକୁ ହେବ । ମନେପଡ଼ିଲା ମୀରାର ବିଭାଘର କଥା । ସ୍ୱାମୀ ତାଙ୍କର ଲେଖିଥିଲେ ଚିଠି । ସେ ତାର ବିଚ୍ଛେଦରେ ଆଉ ଧୈର୍ଯ୍ୟଧରି ପାରୁନାହାନ୍ତି । କପୋତ କପୋତୀର ବିଚ୍ଛେଦ ଯେପରି ଅସହ୍ୟ ସେହିପରି । ଦିନଗୁଡ଼ାକ ତାଙ୍କୁ କପରି

ବଡ଼ ବିରକ୍ତ ଲାଗୁଛି । କାମଦାମରେ ତାଙ୍କର ମନ ଲାଗୁନି ଇତ୍ୟାଦି ।

ମୀରା ଭାବିଲା—ହଁ, ସତରେ କଣ ତେବେ ତାଙ୍କ ଜୀବନରେ ମୋ ଜୀବନକୁ ଛନ୍ଦି ଦେବାକୁ ପଡ଼ିବ । ମୋର ସ୍ୱାଧୀନତା ହିଁ କେବଳ କଣ ସେଇ । ସେ କଣ ମୋର ବର୍ତ୍ତମାନ ଇହକାଳ ପରକାଳର ଦେବତା । ବର୍ତ୍ତମାନ ମୋତେ କଣ ଜାଣିବାକୁ ହେବ ଯେ ଦୁନିଆରେ କେବଳ ସେଇ ମୋର ସ୍ନେହ, ଶ୍ରଦ୍ଧାର ପୁଷ୍ପାଞ୍ଜଳିକୁ ଗ୍ରହଣ କରିବେ । ତା'ଛଡ଼ା ତାଙ୍କର କରକମଳରେ ମୋତେ ସବୁ କିଛି ଅର୍ପଣ କରିଦେବାକୁ ହେବ । ଆଉ ପୂର୍ଣ୍ଣିଭାଇକୁ କଣ······ ଦେଇପାରିବ ନାହିଁ ? ବାଲ୍ୟରୁ ଯାହାକୁ ଘଡ଼ିଏ ନ ଦେଖିଲେ ପାଣି ପିଉ ନ ଥିଲି ଜୀବନରେ ଯେଉଁ ସ୍ନେହ ସବୁବେଳେ ପାଇଁ ଉନ୍ମୁକ୍ତ ରଖିଥିଲି, ତାର ପୂର୍ଣ୍ଣିଭାଇ ପାଇଁ ତାକୁ ବି ସେ ତାଙ୍କୁ ସମର୍ପି ଦେବାକୁ ହେବ । ସେଦିନ ତାର ଉତ୍କଣ୍ଠ ଜୀବନର ସାଥି ମଞ୍ଜୁଳା ଯାହା କହୁଥିଲା କଣ ସତ ? ମଞ୍ଜୁଳା କହୁଥିଲା ସେ ତୋର ସବୁ । ତୁ ତାଙ୍କ ଛଡ଼ା ଆଉ ଏଣିକି କାହାକୁ କିଛି ଦେଇପାରିବୁ ନାହିଁ । ତେବେ ଆଉ କଣ ପିଲାଦିନରୁ ଡାକି ଆସିଥିବା ପୂର୍ଣ୍ଣିଭାଇ ବୋଲି, ସେ ଡାକ ଛୁଡ଼ିଦେବ । ମୀରାର ମନ ଦୃଢ଼ ହୋଇଆସିଲା । ମୁଖମଣ୍ଡଳ ରକ୍ତିମ ବର୍ଣ୍ଣରେ ଉଜ୍ଜ୍ୱଳ ହୋଇ ଆସିଲା । ଆଖିରୁ ଗଡ଼ିପଡ଼ିଲା କେତେ ଟୋପା ଲୁହ । ମନ କେଳିକୁକେଳି ଦୃଢ଼ ହୋଇଆସିଲା । ନିଶ୍ୱାସ ତାର ରୁଦ୍ଧ ହୋଇ ଆସୁଥାଏ । ସେହି ରୁଦ୍ଧ ବାଯୁକଣାରୁ ଏକ ଅସ୍ପଷ୍ଟ ସ୍ୱର ବାହାରିଲା— ନାଃ·····ସେ ସବୁ ଦେଇପାରେ । କିନ୍ତୁ ତା ପୂର୍ଣ୍ଣିଭାଇଠାରୁ କେବେହେଲେ ସେ ବାତ୍ସଲ୍ୟ ସ୍ନେହକୁ ଛଡାଇଆଣି, କାହାକୁ ଦେଇପାରିବ ନାହିଁ । ତା ସ୍ୱାମୀ ଦେବତା ହୋଇପାରନ୍ତି, ତା ଉପରେ ତାଙ୍କର ଯଥେଷ୍ଟ

ଅଧିକାର ଆଇପାରେ । ତେବେ ମୀରାର ମନ ଉପରେ ନୁହେଁ । ତା ମନରୁ କେହି ଯୋର୍ ଜବରଦସ୍ତି ସହ ଛଡ଼ାଇ ନେଇପାରିବେ ନାହିଁ ସେହି ଅତୁଟ ବାଲ୍ୟସ୍ନେହକୁ । ସେ ବାଲ୍ୟରୁ ତା ପୂର୍ଣ୍ଣଭାଇକୁ ଦେଇସାରିଛି । ଯାହାକୁ ଯାହା ଥରେ ଦେଇଛି ତାଠାରୁ ଫେରାଇ ଆଣିପାରିବ ନାହିଁ ।

ଗୋବିନ୍ଦପୁର ପ୍ରଧାନଙ୍କ ଘର । ପ୍ରଧାନେ ଘରର ସମସ୍ତ କର୍ମଚାରି ଅପେକ୍ଷା କରିଥାଆନ୍ତି କେବଳ ଜ୍ୱାଇଁଙ୍କୁ । ଆସି ସନ୍ଧ୍ୟା ହେଲାଣି, ସେପାଖରୁ କେହି ଏତେବେଳଯାଏ ଫେରି ନାହାନ୍ତି । କୁନ୍ତୀ ତେଣେ ଘୋଷେଇବାସ ରେଡ଼ି କରାଇ ଘଣ୍ଟାକୁ ଘଣ୍ଟା ଆସି ଖବର ନେଉଥାଏ ଆସିଲେଣି କି ନାହିଁ । ମୀରା ତାର [illegible]ଥାଏ ଗୋଟିଏ ଘରେ ସାଙ୍ଗସାଥିଙ୍କ ମହଲରେ । ଏତିକିବେଳେ ଜଣେ ଖବର ଦେଲା, ଭୁବନର ଜ୍ୱାଇଁ ଏକ ଜିପ୍‌ରେ ତାଙ୍କର ପରିବାରବର୍ଗଙ୍କ ସହ ଆସୁଥିଲେ । ଗୋଟେ ଟ୍ରକର ଧକ୍କା ଲାଗି ସମସ୍ତେ ବର୍ତ୍ତମାନ କଟକ ମେଡ଼ିକାଲ୍‌ରେ ।

ପ୍ରଧାନଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । ଚତୁର୍ଦ୍ଦିଗ ତାଙ୍କୁ ଅନ୍ଧାର ଦେଖାଗଲା । ସେ ନିଜକୁ ବିଶ୍ୱାସ କରି ପାରିଲେନି । ହଠାତ୍ ତାଙ୍କର ମନରେ ଖେଳିଗଲା ଏକ ଆକସ୍ମିକ ପାପର ସ୍ମୃତି । ଗାଁଟା ସାରା ଖେଳିଗଲା ଏକଥା । ମା' ଛେଉଣ୍ଡ ପିଲାଟିର ଏ ଦୁଃଖ ଦେଖି କେ କହିଲା—ଆହାଃ···ମା ଛେଉଣ୍ଡ ପିଲାଟିର ଭାଗ୍ୟ କଣ ହେଲା !

କେତେକ ଗଣ୍ଡ ଦୁର୍ଦ୍ଦାନ୍ତ ପଧାନଙ୍କର ବିପକ୍ଷ ଲୋକ କହିଲେ, ଭଗବାନ ! ଅସତ୍ୟ ନୁହେଁ । ପଧାନେ ଯେମିତି ପରଘର ବୁଡ଼ାଇ ଘର ବୋହୂ ଝିଅଙ୍କର ସିମନ୍ତ ସିନ୍ଦୁର ଲିଭାଇଛନ୍ତି ତାଙ୍କର ପାଳି ପଡ଼ିଛି । ତାଙ୍କ ଘର ସେମିତି ଉଜୁଡ଼ି ଯିବ ।

ପଧାନଙ୍କ ଘରେ ଖେଳିଗଲା ଏକ ବିଷାଦର ଘନଘଟା ଅନ୍ଧକାର । ମୀରା, କୁନ୍ତୀ, ପଧାନେ ସମସ୍ତେ ଗଲେ କଟକ ହସ୍ପିଟାଲ୍‌କୁ ।

ରାଜୁ ଶୁଣିଲା । ପଦ୍ମମୀକ ଯାଇ କହିଲା—ଦେଖ ନେ ପୂର୍ଣ୍ଣି ବୋଉ, କେଡ଼େ ସୁନ୍ଦର ପିଲା ମୀରା । କିନ୍ତୁ ଆଜ ତାର ସବୁଶେଷ । ପଦ୍ମମୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା—କ'ଣ ହୋଇଛି ନା କହି କଥା ନାହିଁ ବାର୍ତ୍ତା ନାହିଁ ସବୁଶେଷ ହେଲା କଣ ? ରାଜୁ କହିଲା—କଥା କଣ କି, ମୀରାର ସ୍ୱାମୀ ଗାଡ଼ିରେ ଆସୁଥିବା ବେଳେ ବାଟରେ ଟ୍ରକ ଧକ୍‌କା ହୋଇ ସେ ବର୍ତ୍ତମାନ ମେଡ଼ିକାଲ୍‌ରେ । ପଦ୍ମମୀର ଦେହ ଶୀତେଇ ଉଠିଲା । ଦୁଃଖରେ ସେ କାନ୍ଦ ଛକାଇଲା । ମନେପଡ଼ିଲା ତାଙ୍କର ପିଲା ଦିନର କଥା । ପୂର୍ଣ୍ଣି ମୀରା ସମ୍ବନ୍ଧ କିପରି ଥିଲା । କେହି କାହାକୁ ଘଡ଼ିଏ ନ ଦେଖିଲେ ପାଣି ପିଉ ନ ଥିଲେ । ପଦ୍ମମୀ ଭାବିଲେ — ଅସଲ ହେଲା ଭାଗ୍ୟ; ପଦ୍ମମୀ କହିଲେ—ଆମେ ଏତେ ଭାବିଲେ କଣ ହେବ । ଲଲାଟ ଲିଖନ, କେ କରିବ ଆନ । କପାଳରେ ବିହି ଯାହା ଲେଖିଛି । ସେ କଣ ମଣିଷ ହାତରୁ କଥା ।

କଟକ ସର୍ଜିକାଲ୍ ୱାର୍ଡ । ଶଯ୍ୟାଶାୟୀ ବର୍ତ୍ତମାନ ପଧାନଙ୍କର ଜ୍ୱାଇଁ । ପଧାନେ ଠିଆ ହୋଇଥାଆନ୍ତି । କୁନ୍ତୀ

ମଧ୍ୟ ସେଠାରେ ଠିଆ ହୋଇଥାଏ । ଅନ୍ୟ ଡାକ୍ତରଙ୍କ ସହ ମୀରା ମଧ୍ୟ ଦେଖୁଥାଏ । ତାର ସ୍ୱାମୀଙ୍କର ଦେହଟା ସାରା ବ୍ୟାଣ୍ଡେଜ୍ । ଘଣ୍ଟାକୁ ଘଣ୍ଟା ଔଷଧ ଦିଆଯାଉଥାଏ । ଗୁଣ୍ଡରେ ବିଶେଷ ଧକ୍କା ହୋଇଥିବାରୁ ଅକ୍ସିଜେନ୍ ଦିଆଯାଉଥାଏ । ସମସ୍ତେ ବେଡ଼୍ ଚାରି-ପାଖ ଜଗି ବସିଥାନ୍ତି । ସନ୍ଧ୍ୟା ହୋଇଗଲାଣି ସେତେବେଳେକୁ ମେଡ଼ିକାଲ୍‌ର ସବୁଆଡ଼େ ଇଲେକ୍ଟ୍ରି ବତି ଜଳିଲାଣି । କିନ୍ତୁ ମୀରା ଦେଖିଲା, ହଠାତ୍ ନିଶ୍ୱାସଟା ବନ୍ଦ ହୋଇଗଲା ତାଙ୍କ ସ୍ୱାମୀଙ୍କର । ଡାକ୍ତର ପାଖକୁ ଖବରଗଲା, ଡାକ୍ତର ଆସିଲେ । ମୀରା ମଧ୍ୟ ଚେଷ୍ଟା କରୁଥାଏ । ଇଞ୍ଜେକ୍‌ସନ ଦିଆଗଲା ନିଶ୍ୱାସ ଫେରିବାକୁ । କିନ୍ତୁ ନିଶ୍ୱାସ ଫେରିଲା ନି । ସବୁ ଚିରଦିନଲାଗି ଶେଷ । ପଧାନେ କହିଉଠିଲେ, "ମୋ ପାପ ଲାଗିଗଲା ସମୁଦି—ମୋ ଜଳନ୍ତା ପାପ ଲାଗିଗଲା ।"

ପଧାନେ କଟକରୁ ଫେରିଲ ସେଦିନଠାରୁ ରୋଗଶଯ୍ୟାରେ । ଝିଅର ଚିନ୍ତା ଆଜି ଗାଁବାଲାଙ୍କର ଅପନିନ୍ଦା ଶୁଣି ବିଶେଷ ଚିନ୍ତାରେ ହାଇ-ବ୍ଲଡ଼ପ୍ରେସର୍ ଧରି ନେଇଛି । ମୀରା ସତ ଚେଷ୍ଟା କଲେ ସୁଦ୍ଧା ପଧାନେ ଆଉ ଔଷଧ ଖାଉ ନାହାନ୍ତି । କହୁଛନ୍ତି—ମା ମୋର—ମୋର ଆଉ ଔଷଧ ଦରକାର ନାହିଁ । ମୋର ସମସ୍ତ ହୋଇଗଲା । ଔଷଧ ଖାଇ ଲାଭ କଣ । ମୋ ଜୀବନରେ ଯେଉଁ ପାପ କରିଥିଲି ସେଥିପାଇଁ ଏ କୁଟିଳ ଭଗବାନ ମୋ ପାପକୁ ଲାଗାଇ ଦେଇଛନ୍ତି । ଛାଡ଼ ମା—ମୁଁ ଯାଇ ପଚାରି ଆସେ ସେ କୁଟିଳ ଭଗବାନଙ୍କୁ ।

ସନ୍ଧ୍ୟା ହୋଇଯାଇଥାଏ । ଦେବାଳୟରେ ଆଳତିର ଘଣ୍ଟା, ଭେରୀ ବାଜିଉଠିଲାଣି । ପଧାନେ ସମସ୍ତଙ୍କୁ ଡକାଇଲେ । ରୁକର ଜଗୁ, କୁନ୍ତୀ, ମୀରା ଆସି ପାଖରେ ବସିଲେ । ପଧାନେ ଆରମ୍ଭ କଲେ—ଜଗୁ, ମୋର ସମସ୍ତ ହୋଇଗଲା । ତୁ ମୋର ଆକାଙ୍କ୍ଷୁ

ଅନ୍ତିମ ସମୟ ପର୍ଯ୍ୟନ୍ତ ବିଶ୍ୱାସୀ ଭୃତ୍ୟ । ତେଣୁ ତତେ ଏ ସମ୍ପତ୍ତି-ବାଣ୍ଟି ଲାଗିଲା । କୁନ୍ତୀକୁ କହିଲେ—ଦେଖ୍ ମା ! ମୁଁ ଜୀବନରେ ବଡ଼ ଭୁଲ କରିଛି । ତୋ ଜୀବନର ସବୁ କିଛି ସୁଖସ୍ୱାଚ୍ଛନ୍ଦ୍ୟକୁ ଲିଭେଇ ଦେଇଛି । ଆଉ ଯାହା ତୋର କହିବାର ଅଛି, ଏହି ମୋର ଅନ୍ତିମ ସମୟରେ କହ । ଆଶା ଆଉ ମୁଁ ବଞ୍ଚିବିନି । ତୋତେ ମୀର ଲାଗିଲା । ମନ୍ଦିରର ଘଣ୍ଟା, ଭେରୀ ବାଜି ଉଠିଲାଣି । ଏତିକିବେଳେ ପଧାନଙ୍କର ଗୋଟିଏ ହିକା ଉଠିଲା । ଜଗୁ କହିଲା, ବାବୁ ! ବାବୁ ତୁମ୍ଭେ ଏଇ ଶେଷମୁହୂର୍ତ୍ତରେ ଯାହାର ଯାହା ରଖିଛ ଫେରେଇ ଦେଇଯା' । ତୁମ୍ଭେ ମୁକ୍ତ ହୋଇଯିବ । ପଧାନେ ଶୁଣିଲେ । ଶ୍ୱାସରୁଦ୍ଧ ହୋଇ ଆସୁଥାଏ । ତଥାପି କ୍ଷୀଣକଣ୍ଠରେ କହିଲେ—ଏତେ କଷ୍ଟରେ ଉପାୟ କରିଛି, ଦେଇପାରିବ ନାହିଁ କାହାକୁ । ଉଃ...ଉଃ......

ମୀରର ସବୁ ଶେଷ ହୋଇଯାଇଛି । କୋଠା ଉପରେ ଥାଇ ଅନେଇଛି ମୀର, ସିଦ୍ଧିଗିରି ମୁଣ୍ଡିଆ ଆଡ଼କୁ । ତାକୁ ଲାଗି ଶ୍ମଶାନ । ସେହି ଶ୍ମଶାନ ଏଗାଁର ପରକାଳ ଲୋକଙ୍କ ସାଥୀ । ଲୋକ କହନ୍ତି ଯେତେଲୋକ ଗଲେଣି ତାଙ୍କର ହିସାବ କେବଳ ସେ ସିଦ୍ଧିଗିରି ମୁଣ୍ଡିଆ ରଖେ । ସେ ସବୁଦିନେ ସେ ଶ୍ମଶାନ ରକ୍ଷକ । ମୀର ଦେଖୁଥାଏ ତା ବାପାର ଚିତାନିଆଁ ଜଳୁଥାଏ । ଚିତାନିଆଁର ଆଲୋକରେ ଆଲୋକିତ ହେଉଥାଏ ଆକାଶ । ସତେ ଯେପରି ତାକୁ ଜଣାପଡ଼ୁଥାଏ ସେହି ସିଦ୍ଧିଗିରି ମୁଣ୍ଡିଆକୁ ପଚାରିବାକୁ ଯିବ ତା ବାପର ଖବର କଣ ରଖିଛି । ଚିତା ନିଆଁ ଲିଭିଲା—ମୀର ଫେରିଲା ଘରକୁ । ସେ ବର୍ତ୍ତମାନ ହତଭାଗିନୀ । ତାର ଆଉ ଦୁନିଆରେ କେହି' ନାହିଁ । ଘରେ କେବଳ ସେ ଆଉ କୁନ୍ତୀ ।

ମନେପଡ଼ିଲା ତାର ପୁଣ୍ଡ୍ରିଭାଇ କଥା । ଆଖିରୁ ଜକୁଜକୁଆ ଟୋପାଏ ବାହାରି ପଡ଼ୁଥାଏ । ସେଣ୍ଟି ଆଲୋକ ପଥଦେଇ ଗଡ଼ି ଆସୁଥାଏ ଦୁଇଟି ଟୋପା ତତଲା ଲୁହ । ଭାବିଲା—ଆଜି କାହିଁକି ସେ ପୁଣ୍ଡ୍ରିଭାଇକୁ ଏ ବିଷୟ ଜଣାଇବ । ତା ପୁଣ୍ଡ୍ରିଭାଇ ଆଜି କଣ ତା ଉପରେ ସେଣ୍ଟି ମନଭାବ ରଖିଥିବ । ସେ ଜାଣିଲାଣି ଯେ ତା ସ୍ୱାମୀକୁ ନେଇ ମୀରା ସୁଖରେ ସଂସାର କରିବଣି । ହଁ ହାୟରେ ଭଗବାନ ଏଦୁଃଖ ସମୟରେ ବି ତାର ପୁଣ୍ଡ୍ରିଭାଇକୁ ଛଡ଼ାଇ ରଖିଛୁ । ମୀରା ଭାବିଲା—ଆଜି କାହିଁକି ସେ ତାର ପୁଣ୍ଡ୍ରିଭାଇ ପାଖକୁ ଖବର ଦେବ । ସହଜେ ତ ତାର ଦୁଃଖ । ତେବେ ଏପରି ଦୁଃଖର ଖବର ଦେଇ କାହିଁକି ସେ ପୁଣ୍ଡ୍ରିଭାଇକୁ ଏଣ୍ଟି ଦୁଃଖରେ ଘାଣ୍ଟିବ । ତା ଅପେକ୍ଷା ନିଜେ ସେ ଦୁଃଖରେ ସଢ଼ିବା ଶ୍ରେୟସ୍କର ।

ମୀରା ଏବେ ଗାଁ ଛାଡ଼ି ଦେଇଛି । ଜଗୁକୁ ଜମିବାଡ଼ିର ଭାର ଦେଇ କୁନ୍ତୀ ମାଉସୀକୁ ସାଙ୍ଗରେ ନେଇ ଯାଇ କଟକରେ ଘରେଇ ଭାବେ ଚିକିତ୍ସାଳୟ ଖୋଲି ଔଷଧ ପତ୍ର ଦେଉଛି । ଅଳ୍ପ ଦିନରେ ନା ହୋଇଗଲାଣି । ସକାଳେ ଦେଖିବାକୁ ମିଳେ ଲୋକଙ୍କର ଭିଡ଼ ମୀରାର ଦୁଆର ମୁହଁରେ । ଲୋକ କହୁଛନ୍ତି, ମୀରା ଏକ ଦେବୀ । ସେ ମଣିଷ ନୁହଁନ୍ତି । ଗରିବଙ୍କର ବାପା ମା' । କଟକ ସହର ଚହଳ ପଡ଼ିଛି, ଏତେ ଦିନରେ ଗରିବଙ୍କର ମା' ଜନ୍ମଗ୍ରହଣ କରିଛନ୍ତି । ଗରିବଙ୍କର ଏଣ୍ଟି ଇହଧାମରୁ ରୋଗମୁକ୍ତ କରିବାକୁ ।

କୁନ୍ତୀ ବସିଲାବେଳେ ଅନେକ କଥା ଭାବେ । ମୀରାକୁ ଦେଖିଲେ କାହିଁକି ତାର ମନଟା ଆଉଟୁ ପାଉଟୁ ହୁଏ, ବିକଳ ଲାଗେ । ସେଥିପାଇଁ ସେ ସମୟେ ସମୟେ କପର ମୀରାର

ବାହାଘରଟା ଯଦି ନିଜେ କରିପାରନ୍ତା ଭାରି ଭଲ ହୁଅନ୍ତା ବୋଲି ଭାବେ । ମନେମନେ ଠିକ୍ କରେ କାହା ସାଙ୍ଗରେ କଲେ ହେବ । କେଉଁଠିକି ବା ସେ ଯିବ । ଏକରେ ମାଇପି ଲୋକ । ତେବେ ଦିନେ ତା ମୁଣ୍ଡରେ ପୂର୍ଣ୍ଣିକଥା ପଶିଲା । ସେ ତ ବଣ୍ଡ ହୋଇନି । ଏକା ଜାତି, ତା ସଙ୍ଗରେ କଲେ ଠିକ୍ ହେବ । ସେହିଦିନୁ କୁନ୍ତୀ ମୀରାକୁ ଜମିବାଡ଼ି କାମ ଅଛି ବୋଲି କହି ତାରି ପ୍ରସ୍ତାବରେ ବହୁଥର ଗୋବିନ୍ଦପୁର ଗଲାଣି । ମୀରା ପ୍ରସ୍ତାବ ପୂର୍ଣ୍ଣିର ମା’ ଆଗରେ ପକାଇଲାଣି । କିନ୍ତୁ ପୂର୍ଣ୍ଣି ବାପା ଏକଦମ୍ ନାରାଜ । ତା ପୁଅକୁ କେବେହେଲେ ଗୋଟେ ବିଧବା ଝିଅ ସାଙ୍ଗରେ ଛନ୍ଦି ଦେବେ, ତା ହୋଇପାରିବନି ।

ପଦ୍ମମା ଶୋଇଥାଏ । ଦେହର ଉତ୍ତାପ ବେଳକୁବେଳ ବଢୁଥାଏ ସତ କମୁ ନ ଥାଏ । ମନେମନେ ଭାବୁଥାଆନ୍ତି ତାଙ୍କ ପୁଅ ପୂର୍ଣ୍ଣି କଥା । ପ୍ରାୟ ସେ ଆଉ ପୁଅର ଦୋଳମୁକୁଟ ଦେଖି ପାରିବେନି । ପୁଣି ମନେ ପଡୁଥାଏ କୁନ୍ତୀ କହିଥିବା କଥା । କୁନ୍ତୀ କହୁଥିଲା—ଭଉଣୀ, ତୁମେ ମୀରା ସାଙ୍ଗରେ ପୂର୍ଣ୍ଣିକୁ ବିବାହ କରାଅ, ନାରାଜ ହୁଅନା । ମୋର ଏତିକି ଅନୁରୋଧ । ସେ ତ ହତଭାଗିନୀ, ତାର ଆଉ କଏ ଅଛି ! ତୁମେ ତ ଜାଣ ସେ ଦୁହେଁ ପିଲାଦିନରୁ ଚଳି ଆସୁଛନ୍ତି । ତେବେ ତାଙ୍କ ମନଭାବ କାହାରିଠାରୁ କାହାରି ଜଣା ନୁହେଁ, ମୁଁ ଏ’ଟା ଭଲଭାବେ ଜାଣେ । ସେଇଥି-ପାଇଁ ତୁମକୁ ଏ ବିଷୟରେ କହିଲି । ସତରେ ଭଉଣୀ ! ତୁମେ ଯଦି ମୀରାକୁ ବର୍ତ୍ତମାନ ଦେଖନ୍ତ ତୁମେ ତାକୁ ନିଶ୍ଚୟ ପୂର୍ଣ୍ଣି ସଙ୍ଗେ ବିବାହ କରନ୍ତ । ମୁଁ ତାକୁ ଏବେ ଦେଖିଲେ ମୋତେ କାନ୍ଦ-ମାଡ଼ୁଛି । ଏହାକହି କାନ୍ଦି ପକାଇଥିଲା କୁନ୍ତୀ ସେଦିନ । ବର୍ତ୍ତମାନ

ସେଇକଥା ମନେପଡ଼ୁଛି ପଦ୍ମାଙ୍କର । ରୋଗଶଯ୍ୟାରେ ଉକ୍ତି କଣ କରିବେ ଭାବୁଛନ୍ତି । ପୁଅ ପୂର୍ଣ୍ଣିର ବାଲ୍ୟଜୀବନ କଥା । ଆଉ ମୀରର ସାଥୀ କଥା । କେହି କାହାକୁ ଗଣା ନୁହନ୍ତି । ଲୋକେ କହନ୍ତି କେବଳ ସେ ଦୋ'ଟି ଗୋଟିଏ ମା'ର ନୁହନ୍ତି । ପଦ୍ମାଙ୍କର ମନ ମାନିଲି । ହଁ, ସତରେ ସେ ଦିଓଟିକୁ ବିବାହ କଲେ ଭଲ ହୁଅନ୍ତା ।

ପଦ୍ମା ପାଖରେ ବସିଥିଲି ରାଜୁ । ଡାକ୍ତର କହିବା ଅନୁଯାୟୀ ଘଣ୍ଟା ପରେ ଘଣ୍ଟା ଔଷଧ ଦେଉଥିଲି । ଦେଖିଲି, ତାଙ୍କ ସ୍ତ୍ରୀଙ୍କ ଆଖିରେ ଲୁହ । ରାଜୁ ଆଶ୍ଚର୍ଯ୍ୟ ହେଲି । ତାଙ୍କୁ କାନ୍ଦ ମାଡ଼ିଲି । ଭାବିଲି—ପଦ୍ମା ବାପଘର ଛାଡ଼ି ଆସିଲାଦିନଠାରୁ କେତେ ଦୁଃଖ ତାଙ୍କର ବହିଯାଇଛି; ତାଙ୍କ ମୁହଁରେ ଦିନେ କାନ୍ଦିବାର ଦେଖି ନ ଥିଲେ ସେ । ଆଜି ତାଙ୍କ ସ୍ତ୍ରୀ କାନ୍ଦୁଛନ୍ତି । ନିଜ ଛାତିରେ କୋହ ଚପାଇ ରାଜୁ ପଚାରିଲି—ପଦ୍ମା, ତୁମେ କାନ୍ଦୁଛ । ଛି···? ପୁଅ ପାଖକୁ ଚିଠି ଦେଇଛି ସେ ଆଜି ଭିତରେ ଆସିବ । ତୁମେ ଭଲ ହୋଇଯିବ, ଆଉ କାନ୍ଦନି । ପଦ୍ମା ଜୁଳୁ ଜୁଳୁ ହୋଇ ଅନେଇ ଥାଆନ୍ତି ତାଙ୍କ ସ୍ୱାମୀଙ୍କୁ । ସେହି ମୁହଁ, ସେହି ଦେହ । ବୁଢା ହେଲେ ବି ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ । କଥାଗୁଡ଼ାକ ସେହି ଭଳି ଅସ୍ପଷ୍ଟ । ରାଜୁ କହିଲି— ପଦ୍ମା, କଣ ତୁମେ ଏତେ ଭାବୁଛ । ପଦ୍ମା କ୍ଷୀଣଗଳାରେ କହିଲି—ନାଇଁମ, କଣ ଭାବୁଥିଲି କି, ଗୋଟେ କଥା କହିବି । ରାଜୁ କହିଲି—କହୁନା । ପଦ୍ମା କହିଲି—ମାନିବ । ରାଜୁ କହିଲି—ହଁ, ନିଶ୍ଚୟ ମାନିବି । କୁହ କେବେ ତୁମର କେଉଁ କଥା ମୁଁ ନ ମାନିଛି ।

ପଦ୍ମା ଆରମ୍ଭ କଲା ସେହି କୁନ୍ତୀ କଥା । କୁନ୍ତୀ ଯେଉଁ ମୀରା ବିଷୟ କହୁଥିଲା ତା'ର ବିଷୟ ଭାବିଲା । ମୀରା କେଡ଼େ ସୁନ୍ଦର ପିଲା । ତା'ର ପିଲାଦିନ ବିଷୟ ଭାବିଲା, ଭାବୁଥିଲା ତାର କଥା । ତେବେ ମୋର ଏ ଅନ୍ତିମ ସମୟରେ ଇଚ୍ଛାଟା ହେଉଛି—ପୂର୍ଣ୍ଣକୁ ତାର ସଙ୍ଗରେ ବିବାହ କଲେ ବୋଧେ ଭଲ ହୁଅନ୍ତା—ନାଃ କଣ କହୁଛି··· ।

ରାଜୁ ସବୁ ଶୁଣି ଯାଉଥାଏ । କଣ କରିବ । ସ୍ତ୍ରୀଙ୍କର ଅନୁରୋଧ । ମନେପଡ଼ିଲା ପୁଣି ପୂର୍ଣ୍ଣ ଆଉ ମୀରାର ପିଲାଦିନର କଥା । ରାଜୁ ତୁଳନା କଲା ମନେ ମନେ । ମନକୁ କେମିତି ଠିକଏ ଠିକଏ ପାଇଲା । ରାଜୁ ପଚାରିଲା—ତେବେ ତୁମର ଏକାନ୍ତ ଇଚ୍ଛା ପଦ୍ମା, ମୀରା ସାଙ୍ଗରେ ପୂର୍ଣ୍ଣକୁ— ।

ପଦ୍ମା କହିଲା—ହିଁ, ଭାବୁଥିଲି ମୁଁ ଭଲ ହୁଅନ୍ତା । ତୁମର ତ ଇଚ୍ଛା ନୁହଁ ତେବେ ମୁଁ ଆଉ କଣ କହିବି । ରାଜୁ ଘଡ଼ିଏ ଗୁମ୍ ଖାଇଲା । ଭାବିଲା—ହଁ, ସ୍ତ୍ରୀଙ୍କର କଥା କେବେ ସେ ଭାଙ୍ଗି ନାହାନ୍ତି । ଆଜି ଏ ଅନ୍ତିମ ସମୟରେ ଇଚ୍ଛା ମୀରା ସାଙ୍ଗରେ ପୂର୍ଣ୍ଣ । କିନ୍ତୁ ମୀରା ଯେ ବିଧବା । ଜାଣୁ ଜାଣୁ——। ପୁଣି ଭାବିଲେ—ହଁ, ମୀରା ବିଧବା ହୋଇପାରେ କିନ୍ତୁ ପ୍ରକୃତରେ ସେ ସ୍ୱାମୀର ସଂସ୍ପର୍ଶରେ ଆସିନାହିଁ । ତେବେ ପୁଅ କାଳେ····· । ରାଜୁ ପୁଣି ଭାବିଲା—ହଉ, ଯଦି ପୁଅର ଇଚ୍ଛା ହୁଏ ତେବେ ସେଠାରେ କରିବ ନହେବା ଅନ୍ୟଠାରେ ପ୍ରସ୍ତାବ ଅଛି ସେଠାରେ କରିବ ।

ରାଜୁ ପଦ୍ମାଙ୍କୁ କହିଲେ—ହଉ ପଦ୍ମା, ତୁମ୍ଭେ କହୁଛ ଯେ ମୀରା ସଙ୍ଗେ ପୂର୍ଣ୍ଣର ବିଭାଘର କରିବାକୁ; ଯଦି ପୁଅ ନାରାଜ ହୁଏ । ପଦ୍ମା ଭାବିଲା—ସେ ବି ଏକକଥା ତେବେ ସେଦିନ କୁନ୍ତୀ କହୁଥିଲା ସେ ନିଶ୍ଚୟ ମାନିବ । ପଦ୍ମା କହିଲା—ହଉ, ତେବେ ତୁମ୍ଭେ ଟିକିଏ ମୀରାକୁ ଡକାଅ ମୁଁ ଦେଖିବି । ଭାରିଇଚ୍ଛା ହେଉଛି କାହିଁକି ଦେଖିବାକୁ । ମୋର ଯେତେଦୂର ଆଶା ପୂର୍ଣ୍ଣ ବୋଧେ ନାରାଜ ହେବନି ।

ରାଜୁ ଗୋଟିଏ ଲୋକ ପଠାଇଲା କଟକ ମୀରା ପାଖକୁ, ମୀରାକୁ ଡାକିବାକୁ । କହିଲେ, "ତୁ ଯାଇଁ କହିବୁ ମୀରାକୁ, ତୋ ମାଉସୀ ଦେହ ଏକଦମ୍ ଖରାପ । ତୁ ଶୀଘ୍ର ଆ । ଆଉ କୁନ୍ତୀ ମାଉସୀକୁ କହିବୁ ତୁ ଯେଉଁ ପ୍ରସ୍ତାବ ଆଣିଥିଲୁ ସେ ବିଷୟରେ ପୂର୍ଣ୍ଣ ମା'ର କଥାବାର୍ତ୍ତା ଅଛି । ତା ଦେହ ଅତିଶୟ ଖରାପ, ତୁ ଶୀଘ୍ର ଆସିବୁ ମୀରାକୁ ନେଇ । ଅପେକ୍ଷା କରିଛୁ ଆମ୍ଭେ ।"

କଲିକତା ସହର । ପୂର୍ଣ୍ଣର ପରୀକ୍ଷା ସରି ଯାଇଥାଏ । ସେ ତାର ପାଇଛି ଘରୁ । ବୋଉ ଦେହ ତାର ଅତିଶୟ ଖରାପ । ବୋଉ ଦେଖିବା ଅପେକ୍ଷାରେ । ଶୀଘ୍ର ବସିଲାଠାରୁ ଉଠିଆ ।

ପୂର୍ଣ୍ଣ ସେଥିପାଇଁ ତା'ର ସାଙ୍ଗସାଥିମାନଙ୍କଠାରୁ ବିଦାୟ ନେଇ ଆସିବାକୁ ତରତର । ଶାନ୍ତିନିକେତନରେ ସେ ଭାରି ଭଲ ନାଁ କରିଛି । ସବୁଅଙ୍କରେ ସେ ଫାଷ୍ଟ ହୁଏ । ସେଥିପାଇଁ ସାଙ୍ଗ ପିଲାଠାରୁ କଲେଜ ଅଧ୍ୟାପକମାନଙ୍କ ପର୍ଯ୍ୟନ୍ତ ଭାରି ଭଲ ପ୍ରଶଂସା କରନ୍ତି । ସେ ଆଜି ଘରକୁ ଯାଉଛି ବୋଲି ସମସ୍ତେ ବଳେଇ

ଢେଇଯିବାକୁ ରୁଣ୍ଡ ହୋଇଛନ୍ତି । ପୂର୍ଣ୍ଣ ବଦାମ୍ଭ ନେଇ ଗାଡ଼ିକୁ ଆସିବ ବୋଲି ଗୋଟିଏ ଟ୍ୟାକ୍‌ସି ଧରିଲ । ସମସ୍ତେ ବଦାମ୍ଭ ଦେଇ ଫେରିଲେ ।

ଷ୍ଟେସନ୍ । ଲୋକଗହଳିରେ ପୂର୍ଣ୍ଣ । ବେଳେବେଳେ କୁଲିଗୁଡ଼ାଙ୍କର ପାଟି ଶୁଭୁଛି ବାବୁ । କୁଲି ଦରକାର ହେବି । ଟ୍ୟାକ୍‌ସି ରୋକିଲ । ପୂର୍ଣ୍ଣ ଟ୍ୟାକ୍‌ସିରୁ ଓହ୍ଲାଇ ଦେଖିଲା ପାଖରେ, ଗୋଟେ ଅର୍ଦ୍ଧବୟସ୍କ ଲୋକ । ବୟସ ପ୍ରାୟ ଚାଳିଶ ପାଖାପାଖି ଠିଆ ହୋଇଛି । ପଚାରୁଛି ବାବୁ କୁଲି ଦରକାର । ପୂର୍ଣ୍ଣ ଆଶ୍ଚର୍ଯ୍ୟ ହେଲା—ଆରେ ! ଏତ କୌଣସି ଓଡ଼ିଆ ଲୋକ ଭଳି ଜଣା-ଯାଉଛି । ଏତେଦିନ ଧରି ସେ କଲିକତାରେ ରହିଲାଣି, ଅନେକ-ଥର ଷ୍ଟେସନ୍‌କୁ ଫଟ ଆଙ୍କିବାକୁ ବୁଲିବାକୁ ଆସିଛି । କେବେ ତ ଦେଖିନାହିଁ ଏପରି ଓଡ଼ିଆ କୁଲି । କେବଳ ବିହାରୀ, ହିନ୍ଦୁସ୍ଥାନୀ ଛଡ଼ା । ଆଶ୍ଚର୍ଯ୍ୟରେ ପଚାରିଲା—ତୁମେ କଣ ଓଡ଼ିଆ ?

କୁଲିଟି କହିଲା—ହଁ ଆଜ୍ଞା ।

ପୂର୍ଣ୍ଣ ପଚାରିଲା—ତୁମେ କେବେଠୁ ଏଠାରେ କୁଲିଗିରି କଲଣି ।

କୁଲି କହିଲା—ଆଜକୁ ପ୍ରାୟ ୧୨ବର୍ଷ ହେବ ।

ପୂର୍ଣ୍ଣ କହିଲା—ଆଚ୍ଛା, ତୁମ ଘର କେଉଁଠି ।

କୁଲୀ କହିଲା—ମୋ ଘର କଟକ ଜିଲ୍ଲା ଗୋବିନ୍ଦପୁର ଗାଁରେ ।

ପୁଣି ଆହୁରି ଆଶ୍ଚର୍ଯ୍ୟ ହେଲା । କୁଲିଟିକୁ ନିରୀକ୍ଷଣ କରି ଅନେଇଲା । ପଚାରିଲା—ଗୋବିନ୍ଦପୁର ।

କୁଲିଟି କହିଲା—ହଁ ଆଜ୍ଞା ।

ପୁଣି କହିଲା—ଆରେ ତୋ ନା କଣ ?

କୁଲି କହିଲା—ଆଜ୍ଞା ମୋ ନା ପୁନା······

ପୁଣି କହିଲା—ଆରେ, ଆରେ ତୋ'ର ନା ପୁନା···ତୁ ଏଠି କେଉଁଦିନଠାରୁ ରେ···ତୋ ସ୍ତ୍ରୀ କୁନ୍ତୀ······

ପୁନା ଆଶ୍ଚର୍ଯ୍ୟ ହେଲା । ଏଁ···ଏ ଲୋକଟି କିଏ । ଏ କପରି ଜାଣିଲା ତା ସ୍ତ୍ରୀ ନାଁ । ହଁ, ହଁ' ତାର ସ୍ତ୍ରୀ ନା କୁନ୍ତୀ । ସେ ଅନେକ କଥା ତା ମୁଣ୍ଡ ଖରାପ ହୋଇଥିଲା । ସେ ଭାବିଲା—ତାର ସ୍ତ୍ରୀ କୁନ୍ତୀ । ବାଲ୍ୟକାଳରେ ସେ ଥିଲା ବଡ଼ ଗଣ୍ଡ । ବାପର ସମ୍ପତ୍ତି ଉଡ଼ାଇ ଦେବାକୁ ବସିଲା । ବାପ ତାକୁ ସେ ରାସ୍ତାରୁ ଫେରି ଆସିବାପାଇଁ ବାହାକରି ଦେଇଥିଲା ସେହି କୁନ୍ତୀ ସାଥିରେ । ତାର ମନେ ପଡ଼ିଗଲା—ସବୁ ପଛ କଥା । ସେ ଆଉ ଭାବି ପାରିଲାନି ! ତା ଆଖିରୁ ଗଡ଼ିପଡ଼ିଲା ଦୁଇଟୋପା ଲୁହ । କିନ୍ତୁ ସେ ଅନେକ ଦିନ ହେଲା ତାକୁ ଛୁଡ଼ି ଆସିଛି । ଅଥଚ ଦୁଃଖ ଦରିଦ୍ରତା ପ୍ରତିପିଡନରେ ଭୁଲିଯାଇଛି ସେ ସବୁ କଥା ।

ଏହିସମୟରେ ଗାଡ଼ି ଡ୍ରାଇଭର୍ କହିଲା—ବାବୁ, "ଆପ୍‌କା ମାଲ୍ ଲେଲିଯିଏ, ହମ୍ ଯାଏଗା, ଟାଇମ୍ ବହୁତ ଡେରେ ହୋଗିଆ ।"

ଫୁନା ଗାଡ଼ିରୁ ମାଲ୍ କାଢ଼ିଲା । ପୂର୍ଣ୍ଣି ଗାଡ଼ି ଡ୍ରାଇଭର୍‌ଙ୍କୁ ମାଇଲ ମିଟରର ଦେଖି ପଇସା ଦେଲା । ଡ୍ରାଇଭର୍ ଥ୍ୟାଙ୍କସି ଷ୍ଟାର୍ଟ କରି ପବନବେଗରେ ଉଡ଼ି ପୁଣି ମିଶିଗଲା ସେହି କଲିକତା ଜନ-ଗହଳି ରାସ୍ତା ଭିତରେ ।

ପୂର୍ଣ୍ଣି କହିଲା—ଫୁନା, ତୁ ଚାଲ ଗାଁକୁ । ମୁଁ ଯାଉଛି ଗାଁକୁ । ଏକାଠି ଯିବା

ଫୁନାର ସାହସ ହେଉ ନ ଥାଏ । ପଚାରିଲା—ବାବୁ, ତୁମ୍ଭ ଘର କେଉଁଠି । ତୁମେ କପରି ମୋ ସ୍ତ୍ରୀ ନାଁ ଜାଣିଲ !

ପୂର୍ଣ୍ଣି ମନ ଆହୁରି ଦୃଢ଼ ହେଲା । ଭାବୁଥିଲା କାଳେ ସେ ଭୁଲ କହିଥିଲା କି ? ପୂର୍ଣ୍ଣି କହିଲା—ଆରେ ! ସେପରି ମୋ ମାଉସୀ ହେବ । ଫୁନାର ଆଶ୍ଚର୍ଯ୍ୟର ସୀମା ରହିଲାନି । ସେ ନିଜକୁ ବିଶ୍ୱାସ କଲାନି । କହିଲା—ନା ବାବୁ, ମୁଁ ଆଉ ସେ ଗୋବିନ୍ଦପୁର ଯିବିନି—ମୁଁ ସବୁ ହରାଇଛି । ଆଜକୁ ପାଖ ବାରବର୍ଷର ଖବର । ତାର ସବୁ କଣ୍ଟି ଯାଇଛି । ସେଥିରେ କେବେ ହେଲେ ତାର ସ୍ତ୍ରୀ କୁନ୍ତୀ ତାକୁ ଅପେକ୍ଷାରେ ରହି ନ ଥିବ । ଫୁନା ଧର୍ଯ୍ୟହରା ହୋଇ-ପଡ଼ିଲା । ଆଖିରୁ ଜୁଳୁଜୁଳିଆ ଲୋକ ବାହାରି ପଡ଼ିଲା, ଦୁଇକୋଣରୁ ଗଡ଼ିଆସିଲା କେତେ ଟୋପା ତତଲା ଲୁହ ।

ପୂର୍ଣ୍ଣି ତାକୁ ଜୋର୍ କଲା ଆସିବାକୁ । ଆଶା ଦେଲା—ଭରସା ଦେଲା—ଟିକେଟ କଲା ।

ପୁନା, ପୂର୍ଣ୍ଣିଠାରୁ ସମସ୍ତ ଘଟଣା ଶୁଣିଲା । ମନରେ ତାର ବିକୃତି ଜନ୍ମିଲ । ଭାବିଲା — କୁନ୍ତୀ ତାର ସ୍ତ୍ରୀ ପୁଣି ଯାଇ ପଧାନଙ୍କ ଘର ଝିଅକୁ ପ୍ରତିପାଳନ କରୁଛି । ମନ ତାର ପାପ ଛୁଇଁଲା । ଘୃଣାରେ ତାର ମନ ଶ୍ରେଷ୍ଠ ହୋଇଗଲା । ଭାବିଲା— ନା ସେ ଯିବନି । ଭାବନା ତାର ଗୁଢ଼ରୁ ଗୁଢ଼ତର ହେଲା । ପୁଣି ଭାବିଲା— ହଁ ତାର ବା ଦୋଷ କଣ ? ସବୁ ଦୋଷ ତାର ନିଜର । ସେ ଯଦି ଦେଖିଥାଆନ୍ତା ଚଳାଚଳ କରୁଥାଆନ୍ତା, ତେବେ କୁନ୍ତୀ ଭଳି ସ୍ତ୍ରୀ ଆଜି ଯାଇ ନ ଥାନ୍ତା ପଧାନଙ୍କ ଘରେ ମୁଣ୍ଡ ଗୁଞ୍ଜିବାକୁ । ପୁନା ମନରେ ମାୟା ଜନ୍ମିଲ ଗାଁ ମାଟିର ମାୟା ତାକୁ ଦ୍ୱିଗୁଣିତ ଆକର୍ଷଣ କଲା ।

ପୂର୍ଣ୍ଣି ଦେଖିଲା— ପୁନା ଯିବାକୁ ସେତେ ରାଜି ନୁହେଁ । ମନେପଡ଼ିଲା ତାର କୁନ୍ତୀ ମାଉସୀ କଥା । ଭାବିଲା, ଯଦି ସେ ପୁନାକୁ ଏମୁହୂର୍ତ୍ତରେ ଛାଡ଼ିଯାଏ ତେବେ ତା କୁନ୍ତୀ ମାଉସୀ ଶୁଣିଲେ କଣ ଭାବିବ ତାକୁ । ପୂର୍ଣ୍ଣିର ମନ ଦୃଢ଼ ହୋଇଆସିଲା, ବୁଝାଇଲା ପୁନାକୁ । କହିଲା—ଦେଖ ପୁନା, ତୋତେ ପରି ମୋର କୁନ୍ତୀ ମାଉସୀ ଅନାଇଛି । ବେଳେବେଳେ କାନ୍ଦେ । ଆମ୍ଭେ ତାକୁ ପଚାରିଲେ ସେ କୁହେନି କିଛି । ମୀରା ମୋତେ କହେ ସେ କାନ୍ଦୁଛି ମଉସା ପାଇଁ । କେତେ ଭଲପାଏ ସେ ତୋତେ ।

ପୁନାର ଆଖିରେ ଜଳଜଳ ହୋଇ ଦେଖାଗଲା ତାର ଆସିଲା ଦିନର କଥା । ତା ସ୍ତ୍ରୀ କୁନ୍ତୀ ତାକୁ କହିଥିଲା—ଦେଖ ଧନ, ତୁମ୍ଭେ ବିଦେଶ ଯାଅନା, ଏଇଠି ମାଟିକାଟି ପେଟ ପୋଷିବା । ତା କଥାକୁ ନ ମାନି ସେ ଆସିଲା । ସେତିକିବେଳେ କେତେ

କାକୁତି ମିନତି ହୋଇ କୁନ୍ତୀ କହୁଥିଲା—ଶୀଘ୍ର ଫେରିଆସିବ ସ୍ୱାମୀ । ମୋର କେହି ନାହିଁ । ତୁମ୍ଭେ ମୋର ସବୁ । ବାପ ମାଙ୍କୁ ହରାଇଥିଲି । ତୁମ୍ଭଙ୍କୁ ଦେଖି ସବୁ ପାଶୋରି ଯାଇଥିଲି । କିନ୍ତୁ ତୁମ୍ଭେ ଆଜି ଛାଡ଼ିଯାଉଛ ବିଦେଶ । ଏତିକି କହି ଗଡ଼ାଇଥିଲା ଲୁହ । ପୂନାର ଆଖି ଛଳଛଳ ହୋଇଗଲା । ମାୟା ମମତା ଜାତ ହେଲା—ଗାଡ଼ି ଆସି ପ୍ଲାଟଫର୍ମରେ ଲାଗିଲା । ଏଣେ ପୂର୍ଣ୍ଣିର ବାଧ୍ୟରେ ପୂନା ଗାଡ଼ିରେ ଆସି ବସିଲା ।

ଉଭୟଙ୍କ ମୁଣ୍ଡରେ ଖେଳୁଥାଏ ଏକ ଭାବନାର ଚକର । ପୂର୍ଣ୍ଣି ଭାବୁଥାଏ ମୀରା କଥା—ପୂନା ଭାବୁଥାଏ ତାର ସ୍ତ୍ରୀ କୁନ୍ତୀ କଥା । କାହାର ଆଖିକୁ ନିଦ ନ ଥାଏ ।

ଗାଡ଼ି ହାବଡ଼ା ଷ୍ଟେସନରୁ ଛାଡ଼ିଲା । ପ୍ରଥମେ ମନ୍ଥର ଗତିରେ ଗାଡ଼ି ଚାଲି ନୀଳଆକାଶକୁ କଳା କଳା ଧୂଆଁ ଛାଡ଼ି ଧାଇଁବାକୁ ଲାଗିଲା ଖୁବ୍ ଜୋର୍ ଅବିରାମ ଗତିରେ । ପୂର୍ଣ୍ଣି ବସି ଭାବୁଥାଏ ମୀରା କଥା । ମୀରା ଆଉ ନ ଥିବ ଗାଁରେ । ଗାଁ ଆଉ ତାକୁ ଭଲ ଲାଗିବନି । ସେ ଗାଁରେ ଆଉ କାହା ସଙ୍ଗରେ ବସିବ । ତାକୁ ଆଉ କିଏ ପୂର୍ଣ୍ଣିଭାଇ ବୋଲି ଡାକିବ ! ଏହିପରି ଅନେକ । ପୂନା ମଧ୍ୟ ଭାବୁଥାଏ ତାର ସ୍ତ୍ରୀ କୁନ୍ତୀ କଥା । ଦୀର୍ଘ ବାରବର୍ଷ ପରେ ଯାଉଛି—ସତରେ କଣ ତା ସ୍ତ୍ରୀ କୁନ୍ତୀ ତାକୁ ଅପେକ୍ଷା କରିଥିବ । ତାକୁ କଣ ଆଉ ପଚୁରିବ ? ତାର କଣ ସେ ସେହି ଭରା-ଯୌବନକୁ ଗୋରା ଗୋରା ଦେହ ଭିତରେ ଲୁଚାଇ ରଖିଥିବ ?

ଦିନ ଗୋଟାଏ । କପିଳାସ ରୋଡ଼ । ଗାଡ଼ି ତାର ତୁମୁଳ ଗତିକୁ ଆସ୍ତେ ଆସ୍ତେ ରୋକି ଠିଆହେଲା ସେହି କପିଳାସ ରୋଡ଼ ଷ୍ଟେସନରେ । ପୂର୍ଣ୍ଣି ଆଉ ପୂନା ଓହ୍ଲାଇଲେ । ଗୋଟିଏ ରିକ୍ସା

ଗୋବିନ୍ଦପୁର ଯିବାକୁ ଭଡ଼ା ଠୁଉଡ଼ଲା ବାରଣା—ରିକ୍ସାରେ ମାଲ୍ ଲଦି ବସିଲେ ପୂର୍ଣ୍ଣ ଆଉ ପୂନା । ରିକ୍ସା ଗ୍ଲଲା ଗୋବିନ୍ଦ-ପୁର ଗାଁକୁ, ପିଚପିଚ ହୋଇ ପିଚୁରାସ୍ତା ଉପରେ ।

ରିକ୍ସା ଅଧଘଣ୍ଟା ଭିତରେ ପହଞ୍ଚିଲା ଗୋବିନ୍ଦପୁର ଗାଁରେ । ପୂନା ଦେଖିଲା—ସେଇ ଗୋବିନ୍ଦପୁର ଗାଁ ଅଚଳ ଭଳି ପଡ଼ି-ରହିଛି । ତାର କିଛି ପରିବର୍ତ୍ତନ ହୋଇନି । ହୋଇଛି କେବଳ କେତେ ଲୋକଙ୍କର ନୂଆ ଘର ପୁରୁଣା ପୁରୁଣା ଘର ବଦଳରେ । ପୁରୁଣା ହଜି ଯାଇଛନ୍ତି ପୁଣି ସେ ମମତାକୁ ଗଢ଼ିବାକୁ ନୂଆ ଲୋକ ଜନ୍ମ ହୋଇଛନ୍ତି ।

ଗାଡ଼ି ରୋକିଲା ପୂର୍ଣ୍ଣିଘର ଦୁଆର ମୁହଁରେ । ପୂର୍ଣ୍ଣି ଓହ୍ଲାଇ ଘରଭିତରକୁ ପଶିଯାଇ ଦେଖିଲା—ମା' ତାର ଶଯ୍ୟାଶାୟୀ । ତା ପାଖରେ ଠିଆହୋଇଛି କୁନ୍ତୀ ଆଉ ମୀରା । ପାଖରେ ବସିଛନ୍ତି ତାଙ୍କର ବାପା । ପୂର୍ଣ୍ଣି ମା'ଙ୍କର ପାଦଧୂଳି ନେଲା—ବାପାଙ୍କୁ ମୁଣ୍ଡିଆ ମାରିଲା ।

ପଦ୍ମା ଆଖି ଖୋଲିଲା । ଆଖି ଦୁଇକୋଣରୁ ଝରି ପଡ଼ୁଥିଲା ଝରଣା ପରି ଲୁହର ଧାର । ଅନେଇଲା—ସେଇ ଗୋଟିଏ ବୋଲି କୋଳପୋଛା ପୁଅ ପୂର୍ଣ୍ଣି, ସେ ଆସିଛି । ମନ ତାଙ୍କର ଅଧୀର ହୋଇଗଲା । ଆନନ୍ଦରେ କହିଲେ—ପୂର୍ଣ୍ଣି ! ତୁ ଆସିଛୁ !! ଆସିଛୁ ପୂର୍ଣ୍ଣି । ହଁ, ବାପ ଭଲ କରିଛୁ । ତୋତେ କେବଳ ଅନେଇଥିଲି ଟିକିଏ ଦେଖିବା ପାଇଁ । ହଉ ମୋର ଶେଷ ସମୟ ହୋଇଗଲାଣି । ମୁଁ ଯିବି ବାପ । ଏକଥା ଶୁଣି ପୂର୍ଣ୍ଣିର ଧର୍ଯ୍ୟ ରହିଲାନି । ମା'ର ସ୍ନେହ ଅନୁଭବ କରୁଥିଲା ପୂର୍ଣ୍ଣି ତାର ପ୍ରତି ଶିରା-ପ୍ରଶିରା ଭେଦକରି

ଲାଗି ଭଳି ବହିଯାଉଥିଲା ତା ଆଖିରୁ ଅନର୍ଗଳ ଲୋତକର ଧାରା । ପଦ୍ମମା କହିଲା—ବାପା ! ଆଉ କାନ୍ଦନା । କାନ୍ଦିଲେ କଣ ହେବ, "କେହି ରହିନାହାଁ ରହିବେ ନାହିଁଟି ଭବରଙ୍ଗ ଭୂମିତଳେ, ଯେଝା ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବେଳେ ।" ତେବେ ମୋର ଅନ୍ତିମ ସମୟରେ ଏହି ମୋର ଶେଷ କଥା, ତୁ ଏହି ହତଭାଗିନୀ ପିତୃମାତୃ ଓ ସ୍ୱାମୀ ହରା ମୀରାକୁ ହତାଶ କରିବୁନି—

ପୂର୍ଣ୍ଣ ଏତିକିବେଳେ ଅନେଇ ଦେଲା ମୀରା ମୁହଁକୁ । ମୀରା ଅନେଇଥିଲା ପୂର୍ଣ୍ଣ ମୁହଁକୁ । ପୂର୍ଣ୍ଣ ଆଉ ମୀରାର ଦୁଇଚକ୍ଷୁର ମିଳନରେ ସୃଷ୍ଟି କରିଥିଲା ଏକ ଜଳପ୍ରପାତ । ପଦ୍ମମା କହିଲେ— ମୀରା, ତୋ ହାତ ଆଣିବୁ ମା । ମୀରା ହାତ ବଢ଼ାଇଲା । ପଦ୍ମମା ମୀରାହାତକୁ ଆଣି ପୂର୍ଣ୍ଣ ହାତରେ ଯୋଗ କଲେ । କହିଲେ— ମୋର ଏହି ଅନ୍ତିମ ସମୟରେ ଆଶା ପୂର୍ଣ୍ଣ ହୋଇଛି ସ୍ୱାମୀ·· ··· ତୁମେ ବାକି କର୍ମ ବତାଇବ······

ଏତିକିବେଳେ କୁନ୍ତୀ କହିଲା—ସମୁଦ "ଲଭିଲି ପାପ କି କେବେ କଲେ ?"

ବାହାରେ କେତେବେଳୁ ଠିଆ ହୋଇଥିଲା ପୁନୀ । ଦେଖୁଥିଲା ଏପରି ଘଟଣା ଆଉ ତାର ସ୍ତ୍ରୀ କୁନ୍ତୀକୁ । କଣ କହିବ, କଣ ବୋଲି ଡାକିବ କିଛି ଭାବିପାରୁ ନ ଥିଲା । ହଠାତ୍ ଦଉଡ଼ି ଆସି ପୁନା କହିଲା—ହଁ, "ଲଭିଲି ପାପ ପୁଣି କଲେ ?"

ସମସ୍ତେ ଏପରି କଥା କୁଆଡୁ ଆସିଲା ଶୁଣି ପଛକୁ ଅନାଇ ଅବାକ୍ ହୋଇ ରହି ଯାଇଛନ୍ତି । ଏତିକିବେଳେ ଘର ଭିତରୁ [illegible] କଠୋର ଶବ୍ଦ ହେଲା—ଉଁଃ······

ସବୁ ଶେଷ । ଜୀବନ ଦୀପଟି ଚିରଦିନ ପାଇଁ ଲିଭିଗଲା । ମୀରା ଆଜି ପୂର୍ଣ୍ଣ କାନ୍ଦ କାନ୍ଦ ଲୋଟି ପଡ଼ିଲେ ସେହି ଶବଟି ଉପରେ ।

**ସ**କାଳ । ନିତି ସକାଳ ହୁଏ । ସକାଳ ଯାଏ, ଖରାବେଳ ହୁଏ; ପୁଣି ସନ୍ଧ୍ୟା ହୁଏ । ରାତିର ଘନ ଅନ୍ଧକାର ଆସେ । ପୁଣି ହୁଏ ସକାଳ । ସମୟ ତାର ସଦାସର୍ବଦା ଅବିରାମଗତିରେ ଚାଲିବାକୁ ଇଚ୍ଛାକରେ । ସମୟ କାହାକୁ ଅପେକ୍ଷା କରେନା । ଦୁଃଖଯାଏ ସୁଖ ଆସେ । ଦୁଃଖ ସୁଖରେ ଏ' ସଂସାର ଗଢ଼ା ।

ପ୍ରତିଦିନ ସକାଳ ହୁଏ । ରାଜୁ ଉଠି ସମାଜଟା ଧରି ବସେ, ଦାଣ୍ଡପିଣ୍ଡାରେ ପଢ଼େ । ଦିନେ ସମାଜ ପଢ଼ୁ ପଢ଼ୁ ତାର ଆଖି ଅଟକିଗଲା ଦୁଇ ଜାଗାରେ । ପଢ଼ିଲା, ଲେଖାଥିଲା—ଗୋଟିଏ ଜାଗାରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ—ଭାରତ ଚିତ୍ରକଳା ପ୍ରଦର୍ଶନୀ ତରଫରୁ ତାର ଚିତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଭାରତ ସରକାର ତାଙ୍କୁ ଦଶହଜାର ଟଙ୍କା ପୁରସ୍କାର ବିତରଣ କରିଛନ୍ତି । ଦ୍ୱିତୀୟରେ ଦେଖିଲେ—ବୋହୂ ମୀରା ଫାଷ୍ଟ ଡିଭିଜନରେ ମେଡିକାଲ୍ କଲେଜରୁ ପାଶ୍ କରିଛି ।

ଆଖି ତାଙ୍କ ଛଳ ଛଳ ହୋଇଗଲା । ମନେପଡ଼ିଲା ତାଙ୍କ[illegible] ସେହି ପରଲୋକ ଗତ ସ୍ତ୍ରୀଙ୍କ କଥା । ମନେ ମନେ ଭାବୁଥିଲେ ପଦ୍ମ ମା ଥରେ ଆ—ଦେଖି ଯା ତୋ ପୁଅକୁ ମୁଁ ମଣିଷ କରିଛି [illegible] ନାହିଁ—ଏତିକରେ ରାଜୁର ଗଡ଼ି ପଡ଼ିଲା ଦୁଇଟୋପା ଲୁହ [illegible] ଥପ ହୋଇ କାଗଜଟା ଉପରେ । ଆଖି ଆପେ ଆପେ ବୁଜି ହୋଇଗଲା ।

—ସ—ମା—ପ୍ତ—